

ଜୟସ୍ୱାଲଙ୍କ ଶତକ

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-353 • BHUBANESWAR • SATURDAY • 21 JUNE 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୨ • ସଂଖ୍ୟା-୩୫୩ • ଭୁବନେଶ୍ୱର • ଶନିବାର • ୨୧ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ଓଡ଼ିଶା ହେବ ପେଟ୍ରୋ କେମିକାଲ ହବ୍: ମୋଦୀ

## ଏକବିଂଶ ଶତାବ୍ଦୀରେ ପୂର୍ବ ଭାରତରୁ ମିଳିବ ଦେଶକୁ ବିକାଶ ଗତି




### ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ ଉନ୍ମୋଚିତ

### ୧୮,୬୦୦ କୋଟିର ପ୍ରକଳ୍ପ ଉଦଘାଟନ ଏବଂ ଶିଳାନ୍ୟାସ

### ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୦।୬ (ସମିସ):** ଏକବିଂଶ ଶତାବ୍ଦୀରେ ଦେଶର ଅଭିବୃଦ୍ଧି ପୂର୍ବ ଭାରତ ଦ୍ୱାରା ପରିଚାଳିତ ହେବ। ଏହି ମନୋଭାବକୁ ନେଇ ସରକାର ସମଗ୍ର ପୂର୍ବ କ୍ଷେତ୍ର ସହିତ ଓଡ଼ିଶାର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଆମେ ସମସ୍ତେ ମିଳିତ ଭାବେ ଓଡ଼ିଶାକୁ ବିକାଶର ନୂତନ ଶିଖରରେ ପହଞ୍ଚାଇବା। ଆଗାମୀ ଦିନରେ ଓଡ଼ିଶା ଦେଶର ପେଟ୍ରୋ କେମିକାଲ ହବ୍ ହେବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ସ୍ଥାନୀୟ ଜନତା ମଇଦାନରେ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ବରଂ ଭାରତର ସମୃଦ୍ଧ ଐତିହ୍ୟର ଏକ ଉଜ୍ଜ୍ୱଳ ନକ୍ଷତ୍ର। ବର୍ତ୍ତମାନ ସମୟରେ ଯେତେବେଳେ ବିକାଶ ଏବଂ ଐତିହ୍ୟର ମନ୍ତ୍ର ଭାରତର ପ୍ରଗତି ପାଇଁ ମୂଳଦୁଆ ପାଲଟିଛି, ଓଡ଼ିଶାର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ପାରାଦୀପରେ ଏକ ମେଗା ଡୁଆଲ୍-ଫିଡ୍ କ୍ରାକର୍ ଏବଂ ଡାଉନଷ୍ଟ୍ରିମ୍ ୟୁନିଟ୍ ପ୍ରତିଷ୍ଠା, ଚଣ୍ଡିଖୋଲରେ ଏକ ଅଶୋଧିତ ତୈଳ ଭଣ୍ଡାରଣ କେନ୍ଦ୍ର ଏବଂ ଗୋପାଳପୁରରେ ଏକ ଏଲଏନଜି ଟର୍ମିନାଲ ଭଳି ପ୍ରକଳ୍ପଗୁଡ଼ିକ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ରାଜ୍ୟ ଭାବରେ ପ୍ରତିଷ୍ଠା କରିବ। ଏହି ବିକାଶ ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ, ବୟନଶିଳ୍ପ ଏବଂ ପ୍ଲାଷ୍ଟିକ୍ ସହିତ ଜଡିତ ଶିଳ୍ପକୁ ପ୍ରୋତ୍ସାହିତ କରିବ। ଏହା ମଧ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ଏକ ବିଶାଳ ନେଟୱର୍କ ସୃଷ୍ଟି କରିବ। ଯାହା ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଓଡ଼ିଶାର ପେଟ୍ରୋଲିୟମ୍ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ନିବେଶ ହୋଇସାରିଛି। ଓଡ଼ିଶା ଭାରତର ପେଟ୍ରୋକେମିକାଲ୍ସ ହବ୍ ହେବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଉଭୟ ଏକତ୍ର ରାଜ୍ୟରେ ଲାଗୁ ହୋଇଛି। ଏହା ଦ୍ୱାରା ଓଡ଼ିଶାର ପ୍ରାୟ ୩ କୋଟି ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁନିଶ୍ଚିତ ହୋଇଛି। ଏହି ସୁବିଧା କେବଳ ଓଡ଼ିଶାର ଡାକ୍ତରଖାନାରେ ନୁହେଁ ବରଂ ଦେଶର ଅନ୍ୟ ରାଜ୍ୟରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ମଧ୍ୟ ଉପଲବ୍ଧ। ଏହି ଯୋଜନାରେ ଏପର୍ଯ୍ୟନ୍ତ ଓଡ଼ିଶାର ୨ ଲକ୍ଷ ଲୋକ ମାଗଣା ଚିକିତ୍ସା ପାଇଛନ୍ତି। ବର୍ଷକ ପୂର୍ବରୁ ଏପରି ଚିକିତ୍ସା ସୁବିଧା ଅକଳ୍ପନୀୟ ଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସେ ପୁଣି କହିଛନ୍ତି ଯେ ସମାଜର ଦୁର୍ବଳ ବର୍ଗକୁ ସଶକ୍ତ କରିବା ଆମ ସରକାରର ବଡ଼ ଉପଲବ୍ଧି। ଓଡ଼ିଶାରେ ବହୁ ସଂଖ୍ୟାରେ ଆଦିବାସୀ ଭାଇଭଉଣୀ ଅଛନ୍ତି। ଯେଉଁ ଦଳ ଦେଶରେ ଦୀର୍ଘ ସମୟ ଧରି ଶାସନ କରି ଆସୁଥିଲା, ସେହି ଦଳ ହିଁ ଆଦିବାସୀଙ୍କୁ ନିଜ ରାଜନୈତିକ ସ୍ୱାର୍ଥ ଚରିତାର୍ଥ ପାଇଁ ବ୍ୟବହାର କରି ଆସୁଥିଲା। ବିକାଶ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରିବା, ବାଧା ସୃଷ୍ଟି କରିବା ଓ ଦିଗହରା କରିବା ଏବଂ ବ୍ୟାପକ ଦୁର୍ନୀତି କଂଗ୍ରେସର ବିକାଶ ମଡେଲ ପରିଚୟ ଥିଲା। ମାତ୍ର ଆମର ସରକାର କେବଳ ଗୋଟିଏ ବର୍ଷର ସଫଳତା କିମ୍ବା ପାଞ୍ଚ ବର୍ଷର ଲକ୍ଷ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ଆଗାମୀ ଦଶନ୍ଧି ପାଇଁ ଏକ ରୋଡମ୍ୟାପ୍ ନିର୍ମାଣ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮,୬୫୩ କୋଟି ଟଙ୍କାର ୧୦୫ଟି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ର ଉନ୍ମୋଚନ, ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପୁସ୍ତିକା ମଧ୍ୟ ଉନ୍ମୋଚନ କରିଛନ୍ତି କରିଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ବୌଦ୍ଧ-ସମ୍ବଲପୁର ଓ ବୌଦ୍ଧ-ଭୁବନେଶ୍ୱର ନୂଆ ଟ୍ରେନ, କ୍ରୁଟରେ ୧୦୦ଟି ବୈଦ୍ୟୁତିକ ବସର ଶୁଭାରମ୍ଭ କରିଛନ୍ତି। ଅନୁରୂପ ଭାବରେ ୧୦୦ ଲକ୍ଷପତି ଦିଦିଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ୧ ବର୍ଷ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ ▶ପୃଷ୍ଠା-୭



# ଘମାଘୋଟ ଲଢ଼େଇ

### ଇସ୍ରାଏଲର ୪ ସହରରେ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼କଲା ଇରାନ

### ଇରାନର ୩ ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ୍‌ର ପ୍ରଚଣ୍ଡ ପ୍ରହାର

■ **ତେଲ ଆଭିଭ, ୨୦।୬ (ଏଜେନ୍ସି):** ଇସ୍ରାଏଲ-ଇରାନ ସଂଘର୍ଷ ଥମିବାର ନା ଧରୁନି। ଏହି ଯୁଦ୍ଧ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ ଜାରି ରଖିଛନ୍ତି। ଘମାଘୋଟ ଲଢ଼େଇ ଜାରି ରହିଥିବାବେଳେ ଆମେରିକା ଯୁଦ୍ଧରେ ଲମ୍ଫ ପ୍ରଦାନ କରିବାକୁ ଚାହିଁ ବସିଛି। ୨ ସପ୍ତାହ ମଧ୍ୟରେ ଏହି ଯୁଦ୍ଧରେ ସାମିଲ ହେବ କି ନାହିଁ ତାହାର ନିଷ୍ପତ୍ତି ନିଆଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏହା ମଧ୍ୟରେ ଇରାନ ଭାରତୀୟ ନାଗରିକଙ୍କ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି।

ଯୁଦ୍ଧ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଥିବାବେଳେ ସନ୍ଧ୍ୟାରେ ଇସ୍ରାଏଲର ତେଲ ଆଭିଭ, ବିର୍ସେବା, ହାଇଫା ସହିତ ଅନେକ ସହ ଉପରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି। ହାଇଫାରେ କ୍ଷେପଣାସ୍ତ୍ର ପଡ଼ିବାରୁ ୧୭ ଜଣ ଆହତ ହୋଇଛନ୍ତି। ଜଣେ ନାବାଳକଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେବେ ବର୍ସେବା ସହିତ ୪ ସହର ଉପରେ ଇରାନ ପ୍ରଥମ ଥର ପାଇଁ ନିଷିଦ୍ଧ କ୍ଲଷ୍ଟର ବୋମା ମାଡ଼ କରିଛି। ଏହାର ଅନେକ ଭିଡିଓ ସାମ୍ନାକୁ ଆସିଛି। ବାଲିଷ୍ଟିକ ମିସାଇଲରେ କ୍ଲଷ୍ଟର ବୋମା ଲଗାଇ ମାଡ଼ କରିଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନର କ୍ଷୁଦ୍ର ବୋମା ପଡୁଥିବା ଦେଖି ଯାଉଛି। ଅସ୍ତ୍ରବିରତିର ସମ୍ଭାବନା କମ୍ ଥିବାବେଳେ ଏହି ଅସ୍ତ୍ର ବ୍ୟବହାର କରି ଇରାନ ସଂଘର୍ଷକୁ ଅଧିକ ଘନୀଭୂତ କରିଦେଇଛି। ଏହି ଆକ୍ରମଣରେ ଇସ୍ରାଏଲ ହସ୍ପିଟାଲ କ୍ଷତିଗ୍ରସ୍ତ ହେଇଛି। ଏଥିରେ ୭୧ ଜଣ ଆହତ ହୋଇଛନ୍ତି। ହସ୍ପିଟାଲ ଉପରେ ଆକ୍ରମଣ ପାଇଁ ଇରାନ ନେତୃତ୍ୱକୁ ବହୁମୂଲ୍ୟ ▶ପୃଷ୍ଠା-୭

# 'ଆୟୁଷ୍ମାନ'ରେ ମିଳୁନି ଔଷଧ

## ରାଜ୍ୟ ବାହାରୁ ଫେରୁଛନ୍ତି ରୋଗୀ

■ **ଜୟପୁର, ୨୦।୬ (ସମିସ):** ନବୀନ ସରକାର ଅମଳରେ ବିଏସ୍‌କେୱାଇ ଯୋଜନା ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା। ବିଶେଷକରି ଗରିବ ଶ୍ରେଣୀର ରୋଗୀ ଏଥିରୁ ବହୁ ଉପକୃତ ହୋଇପାରୁଥିଲେ। କିନ୍ତୁ ବିଜେପି ସରକାରଙ୍କ ଦ୍ୱାରା ପ୍ରଚଳିତ ଆୟୁଷ୍ମାନ କାର୍ଡ ଏବେ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିରାଶ କରୁଛି। ଏପରିକି, ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ବାହାରର ହସ୍ପିଟାଲକୁ ଯାଉଥିବା ରୋଗୀମାନେ ଏହି କାର୍ଡରେ ସ୍ୱାସ୍ଥ୍ୟସେବା ପାଇ ନପାରି ନିରାଶ ହୋଇ ଫେରୁଥିବା ଦେଖାଯାଉଛି। ଗୋଟିଏ କି' ଦୁଇଟି ଘଟଣା ନୁହେଁ, ଏମିତି ଗଣ୍ଡାଗଣ୍ଡା ଘଟଣା ଏବେ ପଦାକୁ ଆସିବାରେ ଲାଗିଛି। ଭାତହାଣ୍ଡିରୁ ଗୋଟିଏ ଚିପିବା ଭଳି, ଜୟପୁର ସହରର ପ୍ରସାଦ ରାଓ ପେଟାର ବାସିନ୍ଦା ଏମ୍. ରମେଶଙ୍କୁ ଉଦାହରଣସ୍ୱରୂପ ନିଆଯାଇପାରେ।



୨୦୨୧ ମସିହାରୁ ବିଏସକେୱାଇ ଯୋଜନାରେ ସାମିଲ ହୋଇ ଶ୍ରୀ ରମେଶ ନିଜର ଫୁସ୍‌ଫୁସ୍ କର୍କଟ ରୋଗର ଚିକିତ୍ସା କରାଉଥିଲେ। ସେ ପଡ଼ୋଶୀ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଏହି ଯୋଜାନାରେ ତାଙ୍କୁ ସମସ୍ତ ଚିକିତ୍ସା କାର୍ଡ ମାଧ୍ୟମରେ ମିଳୁଥିଲା। ଔଷଧ ମଧ୍ୟ ମାଗଣାରେ ମିଳୁଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ପ୍ରଦାନ କେବଳ କେମୋ ଏବଂ ଅସ୍ତ୍ରୋପଚାର ପାଇଁ ବ୍ୟବହୃତ ହେଉଥିବା ବେଳେ ମାଗଣା ଔଷଧ ପ୍ରଦାନ କରାଯାଉନାହିଁ। ଶ୍ରୀ ରମେଶଙ୍କୁ ଦୈନିକ ୩ଟି ଔଷଧ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏକ ଷ୍ଟ୍ରିପ୍‌ରେ ଥିବା ୧୦ଟି ଔଷଧ ପାଇଁ ଦାମ ୫ ହଜାର ଟଙ୍କା ରହିଥିବା ବେଳେ ମାସିକ ୪୫ରୁ ୫୦ ହଜାର ଟଙ୍କା କେବଳ ଔଷଧ ବାବଦକୁ ତାଙ୍କର ଖର୍ଚ୍ଚ ହେଉଛି। ରମେଶ ଜଣେ ଗରିବ ଶ୍ରେଣୀର ଲୋକ ▶ପୃଷ୍ଠା-୭

# ରକେଟ୍ ନିର୍ମାଣ କରିବ ହାଲ୍

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ଲଢୁଆ ବିମାନ ନିର୍ମାଣ କରୁଥିବା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ) ଏବେ ଛୋଟ ଛୋଟ ରକେଟ୍ ସଞ୍ଚାଳନ କରିବାକୁ ଯାଉଛି। ଏଥିପାଇଁ ସ୍ପେସ୍ ରେଗୁଲେଟର ଇଣ୍ଡିଆନ୍ ନ୍ୟାସନାଲ ସ୍ପେସ୍ ପ୍ରମୋସନ ଆଣ୍ଡ ଅଥରାଇଜେସନ ସେଣ୍ଟର (ଆଇଏନ୍-ଏସ୍‌ପିଏସିଇ) ହାଲ୍‌କୁ ସ୍ମଲ ସାଟେଲାଇଟ୍ ଲଞ୍ଚ୍ ଭେଇକଲ (ଏସ୍‌ଏସ୍‌ଏଲ୍‌ଭି)ର ବୈଷୟିକ ଜ୍ଞାନ କୌଶଳ ଦେବାକୁ ଘୋଷଣା କରିଛି। ଏଥିସହ ଭାରତୀୟ ମହାକାଶ କ୍ଷେତ୍ର ଏକ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛି। ଏନେଇ ଆଇଏନ୍-ଏସ୍‌ପିଏସିଇ ନିର୍ଦ୍ଦେଶକ ଡ. ପବନ କେ ଗୋଏଙ୍କା ଶୁକ୍ରବାର ଘୋଷଣା କରିଛନ୍ତି। ହାଲ ଏହି କ୍ରମରେ ଆଲଫା ଡିଜାଇନ୍ ଟେକ୍ନୋଲୋଜି ଲିମିଟେଡ, ଭାରତ ଡାଇନାମିକ୍ସ ଲିମିଟେଡ ଭଳି କମ୍ପାନୀକୁ ପଛରେ ପକାଇ ୫୧୧ କୋଟି ଟଙ୍କା ବିନିମୟରେ ଏହି ବୈଷୟିକ ଜ୍ଞାନକୌଶଳ ପାଇବାର ଅଧିକାର ହାସଲ କରିଛି। ଏବେ ହାଲ୍ ଗୋଟିଏ ବର୍ଷରେ ୬ରୁ ୧୦ଟି ସ୍ମଲ ସାଟ୍‌ଲାଇଟ୍ ଲଞ୍ଚ୍ ଭେଇକଲ (ଏସ୍‌ଏସ୍‌ଏଲ୍‌ଭି) ତିଆରି କରିବାକୁ ଲକ୍ଷ୍ୟ ରଖିଛି। ଏସ୍‌ଏସ୍‌ଏଲ୍‌ଭି ବୈଷୟିକ ଜ୍ଞାନ କୌଶଳ ହାସଲ କରିବାରେ ଏକମାତ୍ର ଅଧିକାରୀ ସାବ୍ୟସ୍ତ ହୋଇଛି।

# ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ

## ନବୀନ ନିବାସରୁ ବିମାନବନ୍ଦର ଲୋକାରଣ୍ୟ

■ **ଭୁବନେଶ୍ୱର, ୨୦।୬ (ସମିସ):** ହଜାର ହଜାର ଲୋକଙ୍କ ଶୁଭେଚ୍ଛା ଓ ମଙ୍ଗଳକାମନା ସାଥୀରେ ନେଇ ଚିକିତ୍ସା ନିମନ୍ତେ ମୁମ୍ବାଇ ଯାଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୨୨ ତାରିଖରେ ମୁମ୍ବାଇର କୋକିଳାବେନ୍ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆର୍ଥ୍ରାଇଟିସ ଅପରେସନ ହେବ। ଆଜି ମୁମ୍ବାଇ ଗସ୍ତ ପୂର୍ବରୁ ନବୀନ ନିବାସଠାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ହଜାର ହଜାର ଲୋକ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ହଜାର ହଜାର ବରିଷ୍ଠ ନାଗରିକ, ମହିଳାମାନେ ନବୀନଙ୍କ ଶୁଭ ମନାସିବା ସହ ହୁଳହୁଳି ଦେଇ ତାଙ୍କ ପ୍ରିୟ ନେତାଙ୍କ ଉତ୍ତମ ଚିକିତ୍ସା ସହ ଶୀଘ୍ର ସୁସ୍ଥ ହେବାକୁ ପ୍ରାର୍ଥନା କରିଛନ୍ତି।

ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ଓ ତାଙ୍କର ସୁସ୍ଥତା କାମନା ନିମନ୍ତେ ଶୁକ୍ରବାର ସକାଳୁ ନବୀନ ନିବାସ ସମ୍ମୁଖରେ ଗହଳି ଆରମ୍ଭ ହୋଇ ଯାଇଥିଲା। ଦଳର ବିଧାୟକ, ସାଂସଦ ଓ କର୍ମୀଙ୍କ ସହ ବହୁ ସାଧାରଣ ଜନତା ପହଞ୍ଚିଥିଲେ। ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ନବୀନ ନିବାସ ସମ୍ମୁଖରେ ମହିଳା ବିଜେଡି କର୍ମୀ ଓ ସାଧାରଣ ଲୋକେ ପୂଜାର୍ଚ୍ଚନା କରିଥିଲେ। ନବୀନ ନିବାସରୁ ବିମାନ ବନ୍ଦର ଅଭିମୁଖେ ନବୀନ ବାହାରିବା ପରେ ରାସ୍ତାରେ ଉଭୟ ପାର୍ଶ୍ୱରେ ଲୋକେ ଛିଡ଼ା ହୋଇ ନବୀନଙ୍କ ସୁସ୍ଥ ଜୀବନ କାମନା କରି ହୁଳହୁଳି ପକାଇଥିଲେ। ▶ପୃଷ୍ଠା-୭

### ମା' ମାନେ ଅଜାଡ଼ିଲେ ଆଶିଷ, କଲେ ମଙ୍ଗଳକାମନା



# ଖରିଫ୍‌କୁ ଟପିଲା ରବି କଷ୍ଟ — ଟୋକନ ମିଳୁଛି, ଧାନ ଉଠୁନି

### ଅବଧି ସରିବାକୁ ବସିଲାଣି, ଅଧା ହୋଇନାହିଁ ଧାର୍ଯ୍ୟ ଲକ୍ଷ୍ୟ

■ **ଭୁବନେଶ୍ୱର, ୨୦।୬ (ସମିସ):** ଚାଷୀମାନେ ଖରିଫ ଧାନ ବିକ୍ରିରେ କଷ୍ଟର ସମ୍ମୁଖୀନ ହୋଇଥିଲେ; ମିଲରମାନେ କ୍ୱିଣ୍ଟାଲ ପିଛା ୮ କେଜି ପର୍ଯ୍ୟନ୍ତ ଧାନ କାଟି ରଖୁଥିବା ନେଇ ଚାଷୀ ଅଭିଯୋଗ କରିଥିଲେ। ଏହାକୁ ନେଇ ରାଜ୍ୟ ତମାମ୍ ଅସନ୍ତୋଷ ବଢ଼ିଥିଲା, ବିଧାନସଭା କମ୍ପିଥିଲା, ଚାଷୀମାନେ ରାସ୍ତାରେ ଧାରଣା ଦେଇଥିଲେ। ଆଶା କରାଯାଉଥିଲା ଯେ ରବି ଧାନ କିଣା ବେଳକୁ ହୁଏତ ଏହି ସମସ୍ୟା ଦେଖା ଦେବ ନାହିଁ। ମାତ୍ର ବର୍ତ୍ତମାନ ରବି ଧାନ ବିକ୍ରି ସମୟରେ ଚାଷୀଙ୍କ କଷ୍ଟ ଖରିଫକୁ ବଳି ଯାଇଛି। ସେତେବେଳେ ମିଲର ୮ କିଲୋ କଟନିଛଟନି କରୁଥିଲେ, ଏବେ ତାହା ୧୨ କିଲୋରେ ପହଞ୍ଚିଛି। ୧୨ କିଲୋ ନ କାଟିଲେ ମିଲର ଧାନ କିଣୁ ନାହାନ୍ତି। ଫଳରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ରବିଧାନ ପଡ଼ି ରହିଛି। ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହୋଇ ଯାଇଥିବା ଯୋଗୁଁ ଅନେକ ମଣ୍ଡିରେ ପଡ଼ିଥିବା ଧାନରୁ ଗଜା ହେବା ବି ଦେଖା ଗଲାଣି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ରବି ଧାନ ବିକ୍ରି ଅବଧି ଆଉ ମାତ୍ର ୧୦ ଦିନ ରହିଛି। ହେଲେ ଅଧାରୁ ଅଧିକ ଜିଲ୍ଲାରୁ ଏପର୍ଯ୍ୟନ୍ତ ଅଧା ଧାନ ବି ଉଠିନି। ତେଣୁ ଓଦାଧାନକୁ ଚାଷୀ ଶୁଖାଇ ବାଧ୍ୟ ହୋଇ ଶାଗ-ମାଛ ଦରରେ ଏବେ ଦଲାଲ୍‌କୁ ବିକ୍ରି କରିବାକୁ ବାଧ୍ୟ ହେଉଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ କଳାହାଣ୍ଡି, ସମ୍ବଲପୁର, ବରଗଡ଼ ଆଦି ଜିଲ୍ଲାରେ ଏଭଳି ସ୍ଥିତି ଦେଖାଦେଇଛି। ଏହା ଉପରେ ସରକାର ଦୃଢ଼ ପଦକ୍ଷେପ ନେବା ପରିବର୍ତ୍ତେ ବର୍ଷ ପୂର୍ତ୍ତି ଉତ୍ସବ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ମାତିଛନ୍ତି।

### ଶାଗ-ମାଛ ଦରରେ ବେପାରୀଙ୍କୁ ଧାନ ବିକୁଛନ୍ତି ଚାଷୀ

ରବି ଧାନ କ୍ରୟ ପାଇଁ ରାଜ୍ୟରେ ମଣ୍ଡି ବ୍ୟବସ୍ଥା ଚାଲୁ ହୋଇଥିବାବେଳେ ଧାନ କିଣାବିକା ଆରମ୍ଭରୁ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଏହି କାରଣରୁ ଅନ୍ୟ କୌଣସି ଉପାୟ ନପାଇ ଚାଷୀ ଏବେ ଖୋଲା ବଜାରରେ କ୍ୱିଣ୍ଟାଲ ପିଛା ମାତ୍ର ୧୫୦୦ରୁ ୨୦୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ରାଜ୍ୟ ସରକାର ଯେତେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଯୋଗାଇ ଦେଇଥିଲେ, ସେଥିରୁ ପାଖାପାଖି ୧୦ ରୁ ୨୦ ପ୍ରତିଶତ ଚାଷୀଙ୍କ ଟୋକନ୍ ବାତିଲ ହୋଇ ସାରିଲାଣି। ରାଜ୍ୟ ସରକାରଙ୍କ ନିୟନ୍ତ୍ରଣ ନଥିବାରୁ ମିଲର୍ସମାନେ ନିଜ ଇଚ୍ଛା ମୁତାବକ ▶ପୃଷ୍ଠା-୭

### ସ୍ୱିସ୍ ବ୍ୟାଙ୍କରେ ହୁ ହୁ ହୋଇ ବଢ଼ୁଛି ଭାରତୀୟଙ୍କ ଧନ

# ୨୦୨୪ରେ ଜମାରାଶି ବଢ଼ିଛି ୩ ଗୁଣ

■ **ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି):** ସ୍ୱିସ୍ ବ୍ୟାଙ୍କରେ ବଢ଼ିବାରେ ଲାଗିଛି ଭାରତୀୟଙ୍କ ସମ୍ପତ୍ତି। ୨୦୨୩ ତୁଳନାରେ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥ ପରିମାଣରେ ତିନି ଗୁଣ ବୃଦ୍ଧି ଘଟି ଏହା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କ ହୋଇଛି। ଏହି ପରିମାଣ ଭାରତୀୟ ଟଙ୍କାରେ ପ୍ରାୟ ୩୭,୬୦୦ କୋଟି ଟଙ୍କା। ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ (ଏସ୍‌ଏନ୍‌ବି) ଜୁନ୍ ୧୯ରେ ଏହି ତଥ୍ୟ ପ୍ରକାଶ କରିଛି। କେବଳ ୨୦୨୪ରେ ସ୍ୱିସ୍ ବ୍ୟାଙ୍କରେ ଭାରତୀୟମାନଙ୍କ ଦ୍ୱାରା ଜମା କରାଯାଇଥିବା ଟଙ୍କା ୩.୫ ବିଲିୟନ ସ୍ୱିସ୍ ଫ୍ରାଙ୍କକୁ ବୃଦ୍ଧି ପାଇଛି। ଏହା ୨୦୨୩ ତୁଳନାରେ ତିନି ଗୁଣ ଅଧିକ। ସେତେବେଳେ ଏହି ପରିମାଣ ମାତ୍ର ୧.୦୪ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୧୧,୦୦୦ କୋଟି ଟଙ୍କା) ଥିଲା। ୨୦୨୧ ପରେ ଏହା ସର୍ବାଧିକ ଜମା ରାଶି, କାରଣ ସେତେବେଳେ ଏହା ୩.୮୩ ବିଲିୟନ ସ୍ୱିସ୍ ଫ୍ରାଙ୍କ (ପ୍ରାୟ ୪୧



ହଜାର କୋଟି) ଥିଲା। ଏହି ଟଙ୍କା ଭାରତୀୟ ବ୍ୟକ୍ତି ବିଶେଷ ଏବଂ କମ୍ପାନୀଗୁଡ଼ିକ ଦ୍ୱାରା ସ୍ୱିସ୍ ବ୍ୟାଙ୍କରେ ଜମା କରାଯାଇଛି, କିନ୍ତୁ ଜମା ରାଶିରେ ଅଧିକାଂଶ ବୃଦ୍ଧି ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନ ମାଧ୍ୟମରେ ଆସୁଥିବା ପାଣ୍ଠି ଯୋଗୁଁ ହୋଇଛି।

ବ୍ୟକ୍ତିଗତ ଗ୍ରାହକଙ୍କ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥ ପରିମାଣରେ କେବଳ ୧୧% ବୃଦ୍ଧି ପାଇଛି, ଯାହା ପ୍ରାୟ ୩୪୬ ନିୟୁତ ସ୍ୱିସ୍ ଫ୍ରାଙ୍କ, ଅର୍ଥାତ୍ ପ୍ରାୟ ୩୬୭୫ କୋଟି ଟଙ୍କା। ଅର୍ଥାତ୍, ମୋଟ ଜମା ପରିମାଣର କେବଳ ୧୦ ଭାଗ ବ୍ୟକ୍ତିଗତ ଆକାଉଣ୍ଟରୁ ଆସିଛି। ଅବଶିଷ୍ଟ ଟଙ୍କା ବ୍ୟାଙ୍କ, ଆର୍ଥିକ ପ୍ରତିଷ୍ଠାନ, ବଣ୍ଡ ଏବଂ ସିକ୍ୟୁରିଟି ଭଳି ରୁଟ୍‌ରୁ ଆସିଛି। ସ୍ୱିସ୍ କର୍ତ୍ତୃପକ୍ଷ ଏବଂ ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ସ୍ୱିସ୍ ବ୍ୟାଙ୍କରେ ଜମା ହୋଇଥିବା ସମସ୍ତ ଟଙ୍କାକୁ କଳାଧନ ଭାବରେ ବିବେଚନା କରାଯାଇପାରିବନାହିଁ।

### କେବଳ ବର୍ଷକରେ ୩୭,୬୦୦ କୋଟି ଜମା

ଏହି ସଂଖ୍ୟାଗୁଡ଼ିକ ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କର ସରକାରୀ ରେକର୍ଡରୁ ଆସିଛି। ଏଥିରେ ଭାରତୀୟ ଏନ୍‌ଆର୍‌ଆଇ କିମ୍ବା ଅନ୍ୟ ଲୋକମାନେ ତୃତୀୟ ଦେଶର କମ୍ପାନୀ ନାମରେ ଜମା କରିଥିବା ଟଙ୍କା ଅନ୍ତର୍ଭୁକ୍ତ ହୋଇନାହିଁ। ସ୍ୱିସ୍ କର୍ତ୍ତୃପକ୍ଷ କୁହନ୍ତି ଯେ ସେମାନେ ଟିକସ ଫାଙ୍କି ଏବଂ ଠକେଇ ବିରୁଦ୍ଧରେ ଲଢ଼େଇରେ ଭାରତକୁ ସହଯୋଗ କରୁଛନ୍ତି। ଭାରତ ଏବଂ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ୨୦୧୮ ମସିହାରୁ ଆର୍ଥିକ ସୂଚନା ବାଣ୍ଟିବା ପାଇଁ ଏକ ଚୁକ୍ତି ହୋଇଛି। ଏହା ଅଧୀନରେ, ପ୍ରତିବର୍ଷ ସ୍ୱିସ୍ ବ୍ୟାଙ୍କରେ ଭାରତୀୟଙ୍କ ଆକାଉଣ୍ଟ ବିଷୟରେ ସୂଚନା ଭାରତକୁ ପ୍ରଦାନ କରାଯାଏ। ୨୦୧୯ ଏବଂ ୨୦୨୦ ମସିହାରେ ମଧ୍ୟ ବ୍ୟାଙ୍କ ଭାରତକୁ ଏପରି ସୂଚନା ଦେଇଥିଲା।

## ଚୀନ୍ ଗସ୍ତରେ ଯିବେ ରାଜନାଥ

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସାଂଘାଇ କୋଅପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ। ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଏହି ବୈଠକରେ ମିଳିତ ହେବେ। ଏହି ସମ୍ମଳନୀ ଚୀନ୍‌ର କିଙ୍ଗଡ଼ାଓରେ ଜୁନ୍ ୨୫ରୁ ୨୭ ତାରିଖ ମଧ୍ୟରେ ଆୟୋଜନ ହେବ। ଅପରେସନ ସିନ୍ଦୁର ପରେ ରାଜନାଥ ପ୍ରଥମଥର ପାଇଁ ଏହି ସମ୍ମଳନୀରେ ଯୋଗ ଦେବେ। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ମଧ୍ୟ ଏଥିରେ ଯୋଗ ଦେବେ। ଦୀର୍ଘ ୭ ବର୍ଷ ପରେ କୌଣସି ଭରାତୀୟ ମନ୍ତ୍ରୀ ଚୀନ୍ ଯାତ୍ରା କରିବେ।

## ୨୦୨୪ ନିର୍ବାଚନରେ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବିଜେପି

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଗତ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସର୍ବାଧିକ ୧, ୪୯୪ କୋଟି ଟଙ୍କା ଖର୍ଚ୍ଚ କରିଥିଲା ବୋଲି ଆସୋସିଏସନ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ମୋଟ ନିର୍ବାଚନ ଖର୍ଚ୍ଚର ଏହା ୪୪.୫୬ ପ୍ରତିଶତ ବୋଲି କୁହାଯାଇଛି। ସେହିପରି କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହା ମୋଟ୍ ନିର୍ବାଚନ ଖର୍ଚ୍ଚର ୧୮.୫ ପ୍ରତିଶତ। ଦେଶରୁ ୩୨ଟି ଜାତୀୟ ତଥା ଆଞ୍ଚଳିକ ଦଳଗୁଡିକ ନିର୍ବାଚନରେ ଖର୍ଚ୍ଚ କରିଥିବା ଅର୍ଥର ପରିମାଣକୁ ନେଇ ତାଲିକା ପ୍ରକାଶ କରିଛି। ରାଜନୈତିକ ଦଳଗୁଡିକ ଲୋକସଭା ସହିତ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଓଡ଼ିଶା ଓ ସିକିମ ବିଧାନସଭା ନିର୍ବାଚନରେ ମୋଟ୍ ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୪ ମାର୍ଚ୍ଚ ୧୬ରୁ ଜୁନ୍ ୬ ମଧ୍ୟରେ ଏହି ନିର୍ବାଚନଗୁଡିକ ଅନୁଷ୍ଠିତ ହୋଇଥିଲା। ଜାତୀୟ ଦଳଗୁଡିକ ମୋଟ୍ ଉପରେ ନିର୍ବାଚନରେ ୨, ୨୦୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

## ପୁଣି ଘୁଞ୍ଚିଲା ଶୁଭାଂଶୁଙ୍କ ମହାକାଶ ଯାତ୍ରା

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା ପୁଣି ଘୁଞ୍ଚିଛି। ଶୁଭାଂଶୁ ଓ ତାଙ୍କ ସାଥିମାନେ ଅକ୍ସିଅମ-୪ ମିସନରେ ଇଣ୍ଟର ନ୍ୟାସନାଲ ସ୍ପେଶ୍ ଷ୍ଟେସନ (ଆଇଏସ୍‌ଏସ୍)କୁ ୨୨ ତାରିଖରେ ଯାତ୍ରା ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା। ଆଇଏସ୍‌ଏସ୍‌ର ସୁରକ୍ଷା ଯାଞ୍ଚ କରାଯିବାକୁ ଦୃଷ୍ଟିରେ ରଖି ଏହି ମିସନ ତଥା ଯାତ୍ରାକୁ ୫ମଥର ପାଇଁ ଘୁଞ୍ଚିଯାଇଛି। ପୂର୍ବରୁ ଏହାକୁ ଜୁନ୍ ୧୧ ତାରିଖରେ ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଲଞ୍ଚ୍ କରାଯିବାର କାର୍ଯ୍ୟକ୍ରମ ଥିଲା।

## 'ପ୍ରତିଭା ସେତୁ' ଲଞ୍ଚ୍ କଲା ୟୁପିଏସ୍‌ସି

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ୟୁନିୟନ ପବ୍ଲିକ ସର୍ଭିସ କମିଶନ (ୟୁପିଏସ୍‌ସି) 'ପ୍ରତିଭା ସେତୁ' ନାମକ ଏକ ନୂଆ ସ୍କିମ୍ ତଥା ଯୋଜନା ଆରମ୍ଭ କରିଛି। ଏହା ପୂର୍ବରୁ ପବ୍ଲିକ ଡିସ୍‌କ୍ଲୋଜର ସ୍କିମ (ପିଡିଏସ୍) ନାମରେ ପରିଚିତ ଥିଲା। ଦେଶର ଶ୍ରେଷ୍ଠ ପ୍ରତିଭାସମ୍ପର୍ଣ୍ଣର ଛାତ୍ରଛାତ୍ରୀଙ୍କୁ ଚାକିରି ଦେବାରେ ଏହା ସହାୟ ହେବ ବୋଲି କୁହାଯାଉଛି। ୟୁପିଏସ୍‌ସି ଫାଇନାଲ ରାଉଣ୍ଡର ପହଞ୍ଚି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁ ନ ଥିବା ଆଶାୟୀଙ୍କୁ ଏହି ଯୋଜନା ଦ୍ୱାରା ବିଭିନ୍ନ ଘରୋଇ ଓ ସରକାରୀ ସଂସ୍ଥାଗୁଡିକରେ ଚାକିରି ସୁଯୋଗ ପାଇ ପାରିବେ।

## ପତ୍ନୀକୁ ହତ୍ୟା କରି ପୋତିଦେଲା ସ୍ୱାମୀ

ଚଣ୍ଡିଗଡ଼, ୨୦ା୬ (ଏଜେନ୍ସି): ହରିୟାଣା ଫରିଦାବାଦର ଜଣେ ପୋଷାକ ବ୍ୟବସାୟୀ ନିଜ ପତ୍ନୀଙ୍କୁ ହତ୍ୟା କରିଦେଇଛି। ପରେ ବାପା ସହ ମିଶି ରାତିରେ ଘର ବାହାରେ ଥିବା ରାସ୍ତାରେ ସ୍ୱରେଜ ଖୋଲି ପୋତି ଦେଇଛି। କାହାକୁ ସନ୍ଦେହ ନ ହେବା ପାଇଁ ଥାନାକୁ ଯାଇ ପତ୍ନୀ ନିଖୋଜ ଥିବା ଅଭିଯୋଗ କରିଛି। ତେବେ ଉତ୍ତର ପ୍ରଦେଶ ଫିରୋଜାବାଦର ଏହି ମହିଳାଙ୍କ ବାପା ଝିଅକୁ ଖୋଜିବା ଜାରି ରଖିଥିଲେ। ଆଖପାଖର ଲୋକଙ୍କୁ କଥାକୁ ଆଧାର କରି ସନ୍ଦେହ ହେବାରୁ ପୁଲିସ ଡାକି ଘାର ଆଗ ଖୋଲିଥିଲେ। ସେଥିରେ ଝିଅର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଅଭିଯୁକ୍ତ ବାପପୁଅକୁ ଗିରଫ କରିଛି। ଯୌତୁକ ଉତ୍ପୀଡ଼ନ ପାଇଁ ଏପରି କରିଥିବା ମହିଳାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତେବେ ହତ୍ୟାକାଣ୍ଡକୁ ଦେଖି ଏହା ପଛରେ ଅନ୍ୟ କିଛି କାରଣ ରହିଛି ବୋଲି ପୁଲିସ ସନ୍ଦେହ କରୁଛି।

## ୨୧୨୦ କୋଟିର ଲଟେରି ଜିତିଲେ ଆୟାରଲାଣ୍ଡ ବ୍ୟକ୍ତି

ଡବ୍‌ଲିନ, ୨୦ା୬ (ଏଜେନ୍ସି): କାହାର କେତେବେଳେ ଭାଗ୍ୟ ବଦଳି ଯିବ ତାହା କେହି ଜାଣି ନାହାନ୍ତି। ଭାଗ୍ୟ ଖୋଲିଗଲେ ମଣିଷ ରାତାରାତି ମାଲାମାଲ୍ ହୋଇଯାଏ। ଏବେ ଆୟରଲାଣ୍ଡରୁ ଏଭଳି ଏକ ଚାଞ୍ଚଲ୍ୟକର ଖବର ସାମନାକୁ ଆସିଛି। ୟୁରୋପର ସବୁଠାରୁ ବଡ ୟୁରୋମିଲିୟନ୍ସ ଲଟେରି ଜିତି ଜଣେ ବ୍ୟକ୍ତିଙ୍କ ଭାଗ୍ୟ ବଦଳି ଯାଇଛି। ସେ ନିମିଷକେ ମଧ୍ୟରେ ୨୧୨୦ କୋଟି ଟଙ୍କାର ମାଲିକ ହୋଇଯାଇଛନ୍ତି। ଏହି ଧନ ସହିତ ଉକ୍ତ ବ୍ୟକ୍ତି 'ଦ ସଣ୍ଡେ ଟାଇମ୍ସ ରିଚ୍ ଲିଷ୍ଟ-୨୦୨୫'ରେ ସାମିଲ ହୋଇଛନ୍ତି। ସେ ଲଟେରି ମାଧ୍ୟମରେ ଯେଉଁ ୨୧୨୦ କୋଟି ଟଙ୍କା ଜିତିଛନ୍ତି ତାହା ଭାରତୀୟ କ୍ରିକେଟ ବିରାଟ କୋହଲି ଏବଂ ଏମଏସ୍ ଧୋନୀଙ୍କ ଭଳି ସେଲିବ୍ରିଟିଙ୍କ ବାର୍ଷିକ ଆୟଠାରୁ ବି ଅଧିକ।

ଇରିଶ ନ୍ୟାସନାଲ ଲଟେରି ପକ୍ଷରୁ କୁହାଯାଇଛି ଯେ ଲଟେରି ନମ୍ବର ୧୩, ୨୨, ୨୩, ୪୪, ୪୯ ଏବଂ ଲକି ଷ୍ଟାର ୦୩ ଓ ୦୫ ରଖିଥିବା ବ୍ୟକ୍ତି ବିଜୟୀ ହୋଇଛନ୍ତି। ଜ୍ୟାକ୍‌ପଟ୍ ପାଇଥିବା ଆୟରଲାଣ୍ଡ ବ୍ୟକ୍ତି ଏ ପର୍ଯ୍ୟନ୍ତ ଅଫିସ ସହ ଯୋଗାଯୋଗ କରିନାହାନ୍ତି। ପ୍ରାୟ ୨ ସପ୍ତାହ ହେଲା ଏହି ଅର୍ଥ ପଡ଼ି ରହିଛି।

## ଭାରତର ଚିନ୍ତା ବଢ଼ିଲା

# ପାକିସ୍ତାନକୁ ୪୦ଟି ଜେ-୩୫ ଲଢୁଆ ଜେଟ୍ ଦେବ ଚୀନ୍

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଖୁବଶୀଘ୍ର ଚୀନ୍ ୪୦ଟି ଶେନୟାଙ୍ଗ ଜେ-୩୫ ଫିଫ୍‌ଥ ଜେନେରେସନ ଷ୍ଟିଲ୍‌ଥ ଲଢୁଆ ବିମାନ ପାକିସ୍ତାନକୁ ଦେବାକୁ ଯାଉଛି। ଏଥିସହ ପାକିସ୍ତାନର ବାୟୁ ସେନା ଆହୁରି ଶକ୍ତିଶାଳୀ ହେବ। ଏହି ଷ୍ଟିଲ୍‌ଥ ଟେକ୍ନୋଲୋଜି ସହ ପାକିସ୍ତାନ ଅଳ୍ପ କେତୋଟି ଦେଶଗୁଡିକ ସହ ଏକ ନୂଆ କ୍ଲବରେ ସାମିଲ ହେବ। କେବଳ ସେତିକି ନୁହଁ ଚୀନ୍ ପାକିସ୍ତାନକୁ ୫୦୦-କେଜେ ଆୱାକ୍ସ ଓ ଏଚ୍‌କ୍ୟୁ-୧୯ ଲଙ୍ଗ-ରେଞ୍ଜ ଆଣ୍ଟି ବାଲାଷ୍ଟିକ୍ ଏୟାର ଡିଫେନ୍ସ ପ୍ରଣାଳୀ ମଧ୍ୟ ଦେବ। ଏହା ଭାରତ ପାଇଁ ଚିନ୍ତାର ବିଷୟ। ପୁଣି ପାକିସ୍ତାନ ତୁର୍କୀଠାରୁ ମଧ୍ୟ ପଞ୍ଚମ ପୀଢ଼ିର ଷ୍ଟିଲ୍‌ଥ ଲଢୁଆ ବିମାନ କ୍ରୟ କରିବାକୁ ଇଚ୍ଛା ପ୍ରକାଶ କରିଛି। ଏହା ମିଳିଲେ ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହେବ ବୋଲି କୁହାଯାଉଛି।

ବର୍ତ୍ତମାନ ଭାରତୀୟ ବାୟୁସେନା ପାଖରେ ଷ୍ଟିଲ୍‌ଥ ଫାଇଟର ଜେଟ୍‌ର



ଅଭାବ ରହିଛି। ନିଜସ୍ୱ ଜ୍ଞାନ କୌଶଳରେ ପଞ୍ଚମ ପୀଢ଼ିର ଷ୍ଟିଲ୍‌ଥ ଲଢୁଆ ବିମାନ ବା ଆଡଭାନ୍ସଡ ମିଡିଅମ କମ୍ବାକ୍ଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ତିଆରି କରିବାକୁ ଭାରତକୁ ଏବେ ଆହୁରି ଗୋଟିଏ ଦଶନ୍ଧି ଲାଗିବ। ୨୦୩୫ରେ ଭାରତ ବାୟୁସେନାରେ ଏଏମ୍‌ସିଏ ସାମିଲ ହେବ ବୋଲି ଅନୁମାନ କରାଯାଉଛି। ଭାରତ ଏବେ କେବଳ ଏଫ୍-୩୫ ଓ ଏସ୍‌ୟୁ-୫୭ ବିମାନ ଉପରେ ନିର୍ଭରଶୀଳ। ଗତ ୬ ମାସ ହେବ ପାକିସ୍ତାନର ଫାଇଟର ପାଇଲଟମାନେ ଚୀନ୍‌ରେ ପ୍ରଶିକ୍ଷଣ ନେଉଛନ୍ତି। ତେଣୁ ପାକିସ୍ତାନକୁ ଚୀନ୍ ଏହି ଲଢୁଆ ବିମାନ ଦେବା ଆଦୌ ଆଶ୍ଚର୍ଯ୍ୟଜନକ ମନେ ହେଉ ନାହିଁ ବୋଲି ଗ୍ରୁପ୍ କ୍ୟାପଟେନ ଅଜୟ ଅହ୍ଲାୱତ କହିଛନ୍ତି। ପୂର୍ବରୁ ଭାରତୀୟ ବାୟୁସେନା ପାକିସ୍ତାନଠାରୁ ଯଥେଷ୍ଟ ଉନ୍ନତ ବୋଲି ସମସ୍ତେ ସ୍ୱୀକାର କରନ୍ତି। ତେବେ ଏହି ଲଢୁଆ ବିମାନ ପାକିସ୍ତାନ ହାସଲ କରିବା ପରେ ଭାରତୀୟ ବାୟୁସେନାର ଆଧିପତ୍ୟ ନିଶ୍ଚିତ ଭାବେ କମ୍ ହେବ ବୋଲି ବିଶେଷଜ୍ଞମାନେ କୁହନ୍ତି।

## ବୋହୂ ଦେଖିବାକୁ ଯାଇ ବାହା ହୋଇଗଲେ ୬ ପିଲାଙ୍କ ବାପା

ରାମପୁର, ୨୦ା୬ (ଏଜେନ୍ସି): ପୁଅ ପାଇଁ ବୋହୂ ଦେଖିବାକୁ ଯାଇ ବାପା ନିଜେ ବୋହୂ ପ୍ରେମରେ ପଡ଼ିଯାଇଛି। ମାନ ମହତକୁ ତଳେ ପକାଇ, ସାମାଜିକ ବ୍ୟବସ୍ଥାକୁ ଲଙ୍ଘିତ କରି ଭାବି ବୋହୂକୁ ୬ ସନ୍ତାନର ବାପା ବାହା ହୋଇଯାଇଛି। ଆଉ ଏହି ବିବାହକୁ ବିରୋଧ କରିବାରୁ ପତ୍ନୀକୁ ମାଡ଼ ମାରିଛି। ଉତ୍ତର ପ୍ରଦେଶ ରାମପୁରରୁ ବିଚଳିତ କରିବା ଭଳି ଏହି ମାମଲା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ ରାମପୁରର ସକିଲ ଜଣେ ମହିଳାଙ୍କ ସହ ନିଜ ନାବାଳକ ପୁଅର ବାହାଘର ଠିକ୍ କରିଥିଲା। ଏଥିପାଇଁ ବାରମ୍ବାର ଭାବି ବୋହୂଙ୍କ ଘରକୁ ଯାଉଥିଲା। ଧିରେ ଧିରେ ସକିଲ ଭାବି ବୋହୂକୁ ହୃଦୟ ଦେଇ ବସିଥିଲା। ପୁଅକୁ ସେହି ମହିଳାଙ୍କ ସହ ବାହାଘର କରାଇବାକୁ ଘରେ ଜିଦ୍




ଧରିଥିଲା। କିନ୍ତୁ ପୁଅ ଏବଂ ପତ୍ନୀ ସବ୍‌ନମ ଏହାକୁ ବିରୋଧ କରିଥିଲେ। ତେଣୁ ସେ ପତ୍ନୀଙ୍କୁ ମାଡ଼ ମଧ୍ୟ ମାରିଥିଲା। ଏହା ପରେ ଭାବି ବୋହୂ ସହ ସକିଲ ଫୋନ୍‌ରେ ଗପିବା ଆରମ୍ଭ କରିଦେଇଥିଲା।

୬ ସନ୍ତାନ ଥିବା ସତ୍ତ୍ୱେ ସେ ଦିନରାତି ଭିଡିଓ କଲ୍‌ରେ ଭାବି ବୋହୂ ସହ ଗପୁଥିଲା। ପତ୍ନୀ ମଧ୍ୟ ଦୁଇ ଥର ସ୍ୱାମୀକୁ ସେହି ମହିଳାଙ୍କ ସହ ଧରିଥିଲେ। ବାପାର ପ୍ରେମ ସମ୍ବନ୍ଧ ବିଷୟରେ ପ୍ରମାଣ ମିଳିବା ପରେ ୧୫ ବର୍ଷୀୟ ପୁଅ ସେହି ମହିଳାଙ୍କୁ ବାହା ହେବାକୁ ମନା କରିଦେଇଥିଲା। କିନ୍ତୁ ଜେଜେବାପା ଏବଂ ଜେଜେମା ପୁଅ ପୁଣି ବାହା ହେଉ ବୋଲି ଚାହୁଁଥିଲେ। ଶେଷରେ ସକିଲ ୨ ଲକ୍ଷ ଟଙ୍କା ଏବଂ ୧୭ ଗ୍ରାମ ସୁନା ନେଇ ଘରୁ ଫେରାର ହୋଇଯାଇଥିଲା। ପରେ ପୁଅ ପାଇଁ ବିବାହ ଠିକ୍ କରିଥିବା ସେହି ମହିଳାଙ୍କୁ ବାହା ହୋଇଯାଇଥିଲା।

## ୭.୪ କୋଟି ଠକେଇ; ଆଇପିଏସ୍‌ଙ୍କ ସ୍ୱାମୀ ଗିରଫ





ମୁମ୍ବାଇ, ୨୦ା୬ (ଏଜେନ୍ସି): ପତ୍ନୀ ଆଇପିଏସ ଅଧିକାରୀ। ଆଉ ତାଙ୍କ ସ୍ୱାମୀ ଜଣେ ବ୍ୟବସାୟୀ। ପତ୍ନୀଙ୍କ କ୍ଷମତା ଆଢୁଆଳରେ ରହି ପତି ଚଳାଇ ଥିଲେ କଳାକାରନାମା। କାହାକୁ ଫ୍ଲାଟ ଦେବାକୁ କହି ଠକୁଥିଲେ ତ ଆଉ କାହାକୁ ପୁଲିସ ଏକାଡେମୀକୁ ଟି-ସାର୍ଟ ଯୋଗାଣ କରିବାର ଠିକା କରାଇଦେବାକୁ କହି କୋଟି କୋଟି ଟଙ୍କା ହଡ଼ପ କରୁଥିଲେ। ଏହି ମାମଲାରେ ମୁମ୍ବାଇ ପୁଲିସର ଆର୍ଥିକ ଶାଖା (ଇଓଡବ୍ଲ୍ୟୁ) ବୁଧବାର ସୁରଟ ବ୍ୟବସାୟୀ ପୁରୁଷୋତ୍ତମ ଚଭନଙ୍କୁ ଗିରଫ କରିଛି। ୭.୪୨ କୋଟି ଟଙ୍କାର ଠକେଇ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚଭନଙ୍କ ପତ୍ନୀ ରଶ୍ମି କରନ୍ଦିକର ଜଣେ ଆଇପିଏସ ଅଧିକାରୀ। ପୁରୁଷୋତ୍ତମ ପତ୍ନୀଙ୍କ ପଦବୀର ଲାଭ ଉଠାଇ ଚାଲିଥିଲେ। ପୂର୍ବରୁ ମଧ୍ୟ ତାଙ୍କୁ ଆଉ ଏକ ମାମଲାର ଗିରଫ କରାଯାଇଥିଲା। ଏବେ ତାଙ୍କୁ ହେପାଜତକୁ ପଠାଇ ଦିଆଯାଇଛି। ମୁମ୍ବାଇ, ଥାନେ ଏବଂ ପୁନରେ ରିଆତି ଦରରେ ଫ୍ଲାଟ ଯୋଗାଇ ଦେବାକୁ କହି ଅନେକ ଲୋକଙ୍କଠାରୁ ୨୪.୭୮ କୋଟି ଟଙ୍କା ନେଇଥିଲେ। ଏହି ମାମଲାରେ ଇଓଡବ୍ଲ୍ୟୁ ଗତ ମାସରେ ତାଙ୍କୁ ଗିରଫ କରିଥିଲା।

## ଯୁଦ୍ଧରେ ଦିନକୁ ୬ ହଜାର କୋଟି ଖର୍ଚ୍ଚ କରୁଛି ଇସ୍ରାଏଲ

ତେଲ ଆଭିଭ, ୨୦ା୬ (ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଘମାଘୋଟ ସଂଘର୍ଷ ଜାରି ରହିଛି। ଉଭୟ ଦେଶ ପରସ୍ପର ବିରୋଧରେ ଆକ୍ରମଣ ଜାରି ରଖିଥିବାବେଳେ ସଂଘର୍ଷ ଥମିବାର ନା ଧରୁନାହିଁ। ଏଣେ ଆମେରିକା ଏହି ଯୁଦ୍ଧକୁ ଲମ୍ଫ ପ୍ରଦାନ କରିବାକୁ ଚାହିଁ ବସିଛି। ତେବେ ଏହି ଯୁଦ୍ଧ ଆର୍ଥିକ ସଙ୍କଟରେ ବଦଳିବାରେ ଲାଗିଛି। ଏଥିପାଇଁ ଇସ୍ରାଏଲର ପାଣି ଭଳି ଅର୍ଥ ଖର୍ଚ୍ଚ ହେଉଛି। ଏହି ଯୁଦ୍ଧ ପାଇଁ ଇସ୍ରାଏଲର ଦିନକୁ ୭୨୫ ମିଲିୟନ ଡଲାର (ପ୍ରାୟ ୬ ହଜାର କୋଟି ଟଙ୍କା) ଖର୍ଚ୍ଚ ହେଉଛି। ଏଥିରେ କେବଳ କ୍ଷେପଣାସ୍ତ୍ର, ଜେଟ୍ ଇନ୍ଧନ, ବୋମାମାଡ଼ ଏବଂ ସୈନିକ ମୁତୟନ ଭଳି ପ୍ରତ୍ୟକ୍ଷ ଖର୍ଚ୍ଚ ସାମିଲ ରହିଛି। ଯଦି ସାର୍ବଜନୀନ ଭିତ୍ତିଭୂମିରେ ହୋଇଥିବା କ୍ଷତି ଏବଂ ଉତ୍ପାଦନ ହ୍ରାସକୁ ଯୋଡ଼ି ଦିଆଯାଏ

**ପ୍ରଥମ ଦୁଇ ଦିନରେ ୧୨,୫୦୦ କୋଟି**

ତେବେ ଖର୍ଚ୍ଚ ଢେର ଅଧିକ ହେବ ବୋଲି ଇସ୍ରାଏଲର ପୂର୍ବତନ ପ୍ରତିରକ୍ଷା ପରାମର୍ଶଦାତା ବ୍ରିଗେଡିୟର ଜେନେରାଲ ରିମ ଏମିନାକ କହିଛନ୍ତି।

ଏହା ମଧ୍ୟରେ ଇସ୍ରାଏଲ ଅର୍ଥ ମନ୍ତ୍ରାଳୟ ୨୦୨୫ ପାଇଁ ଜିଡିପି ଅଭିବୃଦ୍ଧି ଅନୁମାନକୁ ୪.୩%ରୁ ହ୍ରାସ କରି ୩.୬ ପ୍ରତିଶତ କରିଦେଇଛି। ସେହିପରି ୨୦୨୫ରେ ପୂର୍ବରୁ ଧାର୍ଯ୍ୟ ବଜେଟ କ୍ଷତି ସୀମା ମଧ୍ୟ ୪.୯%ରୁ ଅଧିକ ବୃଦ୍ଧି ପାଇପାରେ। ସେହିପରି ଇରାନରେ ଆକ୍ରମଣର ପ୍ରଥମ ଦୁଇ ଦିନରେ ଇସ୍ରାଏଲର ୧.୪୫ ବିଲିୟନ ଡଲାର (ପ୍ରାୟ ୧୨, ୫୦୦ କୋଟି ଟଙ୍କା) ଖର୍ଚ୍ଚ ହୋଇଥିଲା। ଏଥିରେ ୫୯୩ ମିଲିୟନ ଡଲାର (ପ୍ରାୟ ୫ ହଜାର କୋଟି ଟଙ୍କା)ର ବୋମା, ଜେଟ୍ ଇନ୍ଧନ ଖର୍ଚ୍ଚ ସାମିଲ ରହିଛି।

## ଆତଙ୍କବାଦୀ ଠିକଣା ସଜାଡୁଛି ପାକିସ୍ତାନ

ଇସଲାମାବାଦ, ୨୦ା୬ (ଏଜେନ୍ସି): 'ଅପରେସନ ସିନ୍ଦୂର' ଅଧିନରେ ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ କରି ଭାରତ ଅନେକ ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରି ଦେଇଥିଲା। ଏଥିରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଏବଂ ଜୈସ-ଇ-ମହମ୍ମଦ (ଜେଇଏମ) ଠିକଣା ସାମିଲ ଥିଲା। ଜାତିସଂଘରେ ଆତଙ୍କବାଦୀ ବିରୋଧୀ ଆକ୍ସନ କମିଟିର ଉପାଧ୍ୟକ୍ଷ ହୋଇଥିବା ପାକିସ୍ତାନ ଏବେ ପୁଣି ସେହି ଆତଙ୍କବାଦୀ ଠିକଣାକୁ ମରାମତି ଆରମ୍ଭ କରିଦେଇଛି। ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ନିଜେ ଏହି ମାମଲାରେ ଦଖଲ ଦେଇଛନ୍ତି। ଆତଙ୍କବାଦୀ ଠିକଣାକୁ ପୁଣିଥରେ ସଜାଡିବା ପାଇଁ ସରକାରୀ ପାଣ୍ଠିରୁ ୪୦ କୋଟି ଟଙ୍କା ଦେଇଛନ୍ତି। ଲସ୍କର ଏବଂ ଜୈସ ଭଳି ଆତଙ୍କବାଦୀ ସଂଗଠନ ସହ ସମ୍ବନ୍ଧ ଥିବା ମଦ୍ରାସା ଏବଂ ମସ୍‌ଜିଦକୁ ମଧ୍ୟ ଏହି ପାଣ୍ଠି ପହଞ୍ଚିଛି। ମରକଜ ସୁବାନ ଅଲ୍ଲାହ ପରିସର, ବିଲାଲ ମସ୍‌ଜିଦ, ଉମ୍ମୁଲ କୁର୍ରା, ଜାମିଆ ଦାୱା ଇସଲାମି ମଦ୍ରାସା ସହିତ ଭାରତ ଆକ୍ରମଣରେ ଧ୍ୱଂସ ହୋଇଥିବା ଅନ୍ୟ ଆତଙ୍କବାଦୀ ଠିକଣାକୁ ପୁଣିଥରେ ଛିଡ଼ା କରିବା ପାଇଁ ମୁନିର ୩୧ ତାରିଖ ପର୍ଯ୍ୟନ୍ତ କଣ୍ଟ ଦେଇଛନ୍ତି।

## ବୁର୍ଖା ପିନ୍ଧି ହଜାର କିମି ଯାତ୍ରା କରିଥିଲା ସୋନମ

ନୂଆଦିଲ୍ଲୀ, ୨୦ା୬(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତ ସୋନମକୁ ନେଇ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସ୍ୱାମୀଙ୍କୁ ହତ୍ୟା କରିବା ପରେ ସେ ବୁର୍ଖା ପିନ୍ଧି ୧୦୦୦ କିମି ଯାତ୍ରା କରି ଉତ୍ତରପ୍ରଦେଶ ଯାଇଥିଲା ବୋଲି ପୁଲିସ୍ କହିଛି। ଜଣେ ଡ୍ରାଇଭରଙ୍କୁ ପ୍ରଶ୍ନ କରିବା ପରେ ପୁଲିସ ଏହା ଜାଣିବାକୁ ପାଇଛି। ପ୍ରେମିକ ତଥା ଅନ୍ୟତମ ଅଭିଯୁକ୍ତ ରାଜ କୁଶୱାହ ସହ ସୋନମ ଏବେ ଶିଲଂ ପୁଲିସ ହେପାଜତ୍‌ରେ ଅଛି। ବୁର୍ଖା ବିନ୍ଧିଥିବା ସୋନମ ରାସ୍ତାର କୌଣସି ସ୍ଥାନରେ ରହିବାକୁ ମନା କରୁଥିଲା ବୋଲି ଡ୍ରାଇଭର କହିଛନ୍ତି।

ସୋନମକୁ ନେଇ ଆଉ ଏକ ରୋଚକ ତଥ୍ୟ ଦେଇଛନ୍ତି ସ୍ୱାମୀ ରାଜାଙ୍କ ଜ୍ୟୋତିଷ ଅଜୟ ଦୁବେ। ଜ୍ୟୋତିଷଙ୍କ କହିବା ଅନୁଯାୟୀ ସୋନମ ସମଲିଙ୍ଗୀ ଥିଲା ଓ ତାର କାହା ସହିତ ସମଲିଙ୍ଗୀ ସମ୍ପର୍କ ରହିଥିବ। ବିବାହ ପୂର୍ବରୁ ସୋନମ ଓ ରାଜାର ଜାତକ ମିଳାଇଥିଲେ ଅଜୟ। ଅଜୟଙ୍କ ଭବିଷ୍ୟବାଣୀ କେତେକାଂଶରେ ସତ ହୋଇଥାଏ। ତେଣୁ ତାଙ୍କର ଏହି କଥାକୁ ଅଣଦେଖା କରିହେବ ନାହିଁ ବୋଲି ରାଜାଙ୍କ ପରିବାର ତରଫରୁ କୁହାଯାଇଛି।

## ବଢୁଛି ବିମାନ ସୁରକ୍ଷା ଚିନ୍ତା

# ସୁରକ୍ଷା ପାଇଁ ମିଳୁଛି ମାତ୍ର ୩୫ କୋଟି

ନୂଆଦିଲ୍ଲୀ, ୨୦ା୬ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ସୁରକ୍ଷା ନେଇ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ଏହି ଅବଧି ମଧ୍ୟରେ ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଜନିତ କାରଣରୁ କେବଳ ଏୟାର ଇଣ୍ଡିଆର ୮୫ରୁ ଅଧିକ ଉଡ଼ାଣ ବାତିଲ କରାଗଲାଣି। ଏହା ମଧ୍ୟରେ ସଂସଦୀୟ କମିଟି ପକ୍ଷରୁ ଉପସ୍ଥାପିତ ରିପୋର୍ଟକୁ ନେଇ ଭୟ ବଢ଼ି ଚାଲିଛି। ମାର୍ଚ୍ଚରେ ରାଜ୍ୟସଭାରେ ଉପସ୍ଥାପିତ ଏହି ରିପୋର୍ଟରେ ଚିନ୍ତାଜନକ ତଥ୍ୟ ଦିଆଯାଇଥିଲା। ବିମାନ ଦୁର୍ଘଟଣାର ଯାଞ୍ଚ ଏବଂ ଆଭିଏସନ ସୁରକ୍ଷା ପାଇଁ ପାଣ୍ଠିରେ ଅନିୟମିତତା ଥିବା କୁହାଯାଇଥିଲା। ପର୍ଯ୍ୟଟନ, ପରିବହନ ଏବଂ ସଂସ୍କୃତି ମନ୍ତ୍ରାଳୟର ସଂସଦୀୟ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଥିଲା ଯେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଆଭିଏସନ ବଜାର। କିନ୍ତୁ ସୁରକ୍ଷା ଭିତ୍ତିଭୂମି ଏବଂ ବିମାନ ଦୁର୍ଘଟଣାର ଯାଞ୍ଚ ପାଇଁ କେବଳ ୩୫ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ମାତ୍ର ଏହା ଯଥେଷ୍ଟ ନୁହେଁ। ପାଣ୍ଠି ନ ମିଳିଲେ ସୁରକ୍ଷା ଏବଂ ଯାଞ୍ଚ କେମିତି ହେବ ବୋଲି ପ୍ରଶ୍ନ ଉଠାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ), ଏୟାରକ୍ରାଫ୍ଟ



ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବ୍ୟୁରୋ ଅଫ୍ ସିଭିଲ ଆଭିଏସନ ସିକ୍ୟୁରିଟି (ବିସିଏଏସ)କୁ ଯେଉଁ ବଜେଟ ମିଳୁଛି ତାହା ବହୁତ କମ୍। ଏହି ପାଣ୍ଠି ଆବଣ୍ଟନରେ ବି ସମସ୍ୟା ରହିଛି। ରିପୋର୍ଟ ଅନୁଯାୟୀ ୨୦୨୫-୨୬ ପାଇଁ ଡିଜିସିଏକୁ ୩୦ କୋଟି ଟଙ୍କା ଦିଆଯାଇଛି। ସେହିପରି ଏଏଆଇବିକୁ କେବଳ ୨୦ କୋଟି ଏବଂ ବିସିଏଏସକୁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭାରତରେ ବିମାନବନ୍ଦର ଏବଂ ଯାତ୍ରୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ଏଏଆଇବି ଏବଂ ବିସିଏଏସକୁ ଅଧିକ ବଜେଟ ଦେବାକୁ କମିଟି ପରାମର୍ଶ ଦେଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫-୨୬ର ବଜେଟ ଖର୍ଚ୍ଚରେ ପ୍ରମୁଖ ଆଭିଏସନ ଏଜେନ୍ସି ମଧ୍ୟରେ ପାଣ୍ଠି ବଣ୍ଟନକୁ ନେଇ ଯଥେଷ୍ଟ ତଫାତ ରହିଛି। ଆଭିଏସନ ନିୟମ ପାଳନ କରୁଥିବା ଏବଂ ଏୟାରଲାଇନ୍ସ ଉପରେ ନଜର ରଖୁଥିବା ଡିଜିସିଏକୁ ମୋଟ ବଜେଟର ପ୍ରାୟ ଅଧା ଅର୍ଥାତ୍ ୩୦ କୋଟି ଟଙ୍କା ଦିଆଯାଇଛି। ଏହି ପାଣ୍ଠିର ସମୀକ୍ଷା କରିବାକୁ କମିଟି ପରାମର୍ଶ ଦେଇଛି। ନିୟମର ସଠିକ୍ ଅନୁପାଳନ ପାଇଁ ଅଧିକ ପାଣ୍ଠି ଦେବା ଜରୁରୀ। ଏହା ମଧ୍ୟ ଧ୍ୟାନ ରଖିବା ଜରୁରୀ ଯେ ବେସାମରିକ ବିମାନ ପରିଚାଳନା ଭିତ୍ତିଭୂମି ଦ୍ରୁତଗତିରେ ସମ୍ପ୍ରସାରିତ ହେଉଛି। ୨୦୧୪ରେ ୭୪ ବିମାନବନ୍ଦର ଥିବାବେଳେ ୨୦୨୨ରେ ଏହା ୧୪୭ରେ ପହଞ୍ଚି ଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ୨୨୦ରେ ପହଞ୍ଚିଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଭଳି ସ୍ଥିତିରେ ସୁରକ୍ଷା ଏବଂ ଯାଞ୍ଚ ଜନିତ ସମ୍ବଳକୁ ବୃଦ୍ଧି କରିବା ଜରୁରୀ।

## ପୁଣି ଏୟାର ଇଣ୍ଡିଆର ୯ ବିମାନ ରଦ୍ଦ

**୯ ଦିନରେ ୮୫ ବିମାନର ଉଡ଼ାଣ ବାତିଲ**

ନୂଆଦିଲ୍ଲୀ, ୨୦ା୬ (ଏଜେନ୍ସି): ସମସ୍ୟା ଏୟାର ଇଣ୍ଡିଆର ପିଛା ଛାଡୁନି। କ୍ରମାଗତ ଭାବେ ବିମାନ ଉଡ଼ାଣ ରଦ୍ଦ ହେବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ଏୟାର ଇଣ୍ଡିଆର ୯ଟି ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। ଏଥିରେ ୪ଟି ଅନ୍ତର୍ଜାତୀୟ ଏବଂ ୫ଟି ଘରୋଇ ଉଡ଼ାଣ ସାମିଲ ରହିଛି। ବିମାନବନ୍ଦରରେ ରକ୍ଷଣାବେକ୍ଷଣ ଏବଂ ଅପରେସନାଲ କାର୍ଯ୍ୟ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଘରୋଇ ବିମାନଗୁଡିକ ମଧ୍ୟରେ ପୁନେରୁ ଦିଲ୍ଲୀ ଯାଉଥିବା ଏଆଇ୮୭୪, ଅହମଦାବାଦରୁ ଦିଲ୍ଲୀ ଯାଉଥିବା ଏଆଇ୪୫୬, ହାଇଦରାବାଦରୁ ମୁମ୍ବାଇ ଯାଉଥିବା ଏଆଇ୨୮୭୨ ଏବଂ ଚେନ୍ନଇରୁ ମୁମ୍ବାଇ ବିମାନ ଏଆଇ୫୭୧ ସାମିଲ ରହିଛି। ସେହିପରି ଅନ୍ତର୍ଜାତୀୟ ଉଡ଼ାଣରେ ଦୁବାଇରୁ ଚେନ୍ନଇ ଆସୁଥିବା ଏଆଇ୯୦୬, ଦିଲ୍ଲୀରୁ ମେଲବର୍ଣ୍ଣ ଯିବାକୁ ଥିବା ଏଆଇ୩୦୮, ମେଲବର୍ଣ୍ଣରୁ ଦିଲ୍ଲୀ ଆସୁଥିବା ଏଆଇ୩୦୯ ଏବଂ ଦୁବାଇରୁ ହାଇଦରାବାଦ ଆସୁଥିବା ଏଆଇ୨୨୦୪ ବିମାନକୁ ବାତିଲ କରିଦିଆଯାଇଛି। ଏଭଳି ଭାବେ ଅହମଦାବାଦ ବିମାନ ଦୁର୍ଘଟଣା ପରଠାରୁ ଏ ପର୍ଯ୍ୟନ୍ତ ୯ ଦିନରେ ଅଲଗା ଅଲଗା କାରଣ ପାଇଁ ୮୫ ଉଡ଼ାଣ ରଦ୍ଦ କରାଗଲାଣି।

ଗତ ୧୨ ତାରିଖରେ ହୋଇଥିବା ବିମାନ ଦୁର୍ଘଟଣାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ପ୍ରତ୍ୟେକ ବିମାନବନ୍ଦରରେ ବିମାନର ଅପରେସନାଲ ଚେକିଂକୁ କଡ଼ାକଡ଼ି କରିଦିଆଯାଇଥିଲା। ତେବେ ଗତ ୧୨ ତାରିଖରେ ୫ଟି, ୧୩ରେ ୧୧ଟି, ୧୪ରେ ୧୨ଟି, ୧୫ରେ ୧୪ଟି, ୧୬ରେ ୧୧ଟି, ୧୭ରେ ୧୬ଟି, ୧୮ରେ ୩ଟି ଏବଂ ୧୯ରେ ୯ଟି ବିମାନ ବାତିଲ କରାଯାଇଛି।

## ବ୍ଲାକ ବକ୍ସ ବିଦେଶ ପଠାଇବାକୁ କୌଣସି ନିଷ୍ପତ୍ତି ହୋଇନି: କେନ୍ଦ୍ର

ନୂଆଦିଲ୍ଲୀ, ୨୦ା୬ (ଏଜେନ୍ସି): ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନର ବ୍ଲାକ୍ ବକ୍ସକୁ ଯାଞ୍ଚ ପାଇଁ ବିଦେଶ ପଠାଇବାକୁ ଏବେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏବେ ମାମଲାର ତଦନ୍ତ ଜାରି ରହିଛି। କେନ୍ଦ୍ର ପକ୍ଷରୁ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି।



କୁହାଯାଇଛି ଯେ ବିମାନର ବ୍ଲାକ ବକ୍ସ କେଉଁଠିକୁ ପଠାଯିବ ତାହାର ନିଷ୍ପତ୍ତି ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସ ବ୍ୟୁରୋ (ଏଏଆଇବି) ନେବ। ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଗୋପନୀୟ ଦୃଷ୍ଟିକୋଣକୁ ଧ୍ୟାନରେ ରଖି ଏ ନେଇ ନିଷ୍ପତ୍ତି ନିଆଯିବ। ଏବେ ଏଏଆଇବି ଏହି ମାମଲାର ଯାଞ୍ଚ କରୁଛି। ଏହା ବ୍ୟତୀତ ସ୍ୱରାଷ୍ଟ୍ର ସଚିବଙ୍କ ନେତୃତ୍ୱାଧୀନ ଉଚ୍ଚସ୍ତରୀୟ କମିଟି ମଧ୍ୟ ଦୁର୍ଘଟଣାର କାରଣ ଜାଣିବା ପାଇଁ ଯାଞ୍ଚ ଜାରି ରଖିଛି। ଏହି କମିଟି ତିନି ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବିମାନର ଦୁଇଟି ବ୍ଲାକ ବକ୍ସ ସିଭିଆର ଏବଂ ଡିଏଫଡିଆର ମିଳିଛି। ପ୍ରଥମଟି ଗତ ୧୩ ତାରିଖରେ ଏବଂ ଦ୍ୱିତୀୟଟି ୧୬ ତାରିଖରେ ଉଦ୍ଧାର କରାଯାଇଥିଲା।





ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ନିମନ୍ତେ ମୁମ୍ବାଇ ଯିବାବେଳେ ତାଙ୍କ ଶୁଭ ମନାସି ବିମାନବନ୍ଦରରେ ସାଧାରଣ ଲୋକ ଓ ଦଳୀୟ ନେତାଙ୍କ ଭିଡ଼

# ଯୁକ୍ତ ୩ ପଢ଼ିବାକୁ ଅମଙ୍ଗ ଛାତ୍ରଛାତ୍ରୀ

**ପ୍ରଥମ ରାଉଣ୍ଡରେ ସାମିଲ୍ ହେଲେନି ୪୦ ହଜାର ଛାତ୍ରଛାତ୍ରୀ**

**୨ ଦିନ ବଢ଼ିଲା ନାମଲେଖା ଅବଧି; ୫୦ହଜାର ସିଟ୍ ଫାଙ୍କା ପଡ଼ିବା ଆଶଙ୍କା**

ଭୁବନେଶ୍ୱର, ୨୦।୬(ସମିସ): ଆରମ୍ଭରୁ ବାଟବଣା ହୋଇଛି +୩ ନାମଲେଖା। ପ୍ରଥମ ରାଉଣ୍ଡ ନାମଲେଖା ଗତ ୧୭ ତାରିଖରେ ସରିଥିଲେ ମଧ୍ୟ ଆଶାଜନକ ନାମଲେଖା ହୋଇନାହିଁ। ପ୍ରାୟ ୪୦ହଜାରରୁ ଅଧିକ ଛାତ୍ରଛାତ୍ରୀ ଫ୍ରିଜ୍ ବା ସ୍ଲାଇଡ୍ ଅପସନ୍ ନ ଦେବା ସହ ନାମଲେଖା ପାଇଁ ଫି' ମଧ୍ୟ ଦାଖଲ କରିନାହାନ୍ତି। ଅର୍ଥାତ୍ ନାମଲେଖା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି। ତେଣୁ, ନାମଲେଖା ଅବଧିକୁ ଆଉ ୨ ଦିନ ବଢ଼ାଇ ଦିଆଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅର୍ଥାତ୍ ୨୧ ତାରିଖ ଅପରାହ୍ଣ ୩ଟା ମଧ୍ୟରେ ଯୋଗ୍ୟବିବେଚିତ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଅପରପକ୍ଷେ, ପ୍ରାୟ ୪୦ ହଜାରରୁ ଅଧିକ ପିଲା ନାମଲେଖା ପ୍ରକ୍ରିୟାରେ ସାମିଲ ନହେବା ପରେ ଉଚ୍ଚଶିକ୍ଷା ବିଭାଗର ନିଦ ହଜିଛି। ସ୍ନାତକ ପଢ଼ିବାକୁ ଛାତ୍ରଛାତ୍ରୀମାନେ କାହିଁକି ଆଗ୍ରହ ଦେଖାଉନାହାନ୍ତି, ସେନେଇ ବିଭାଗୀୟସ୍ତରରେ ମାନସମନ୍ଥନ ଆରମ୍ଭ ହୋଇଯାଇଛି। ଏପରିକି, ପ୍ରତି ପିଲାଙ୍କୁ ଫୋନ୍ ଓ ଏସ୍ଏମ୍ଏସ୍ ମାଧ୍ୟମରେ ଏକାଧିକବାର ଅବଗତ କରିବାକୁ ବିଭାଗୀୟ ସଚିବ ଅଧିକାରୀମାନଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ତତ୍କ୍ଷଣାତ୍ କିଛି ପିଲାଙ୍କୁ ଫୋନ୍ କରି କାରଣ ସମ୍ପର୍କରେ ମଧ୍ୟ ପଚରାଯାଇଥିଲା। ହେଲେ ପିଲାଙ୍କ ଉତ୍ତର ଅଧିକାରୀଙ୍କୁ ଅଧିକ ବିବ୍ରତ କରିଛି। ଜଣେ ପିଲା ଫୋନ୍ ଉଠାଇ ସେ ପଢ଼ିବାକୁ ଅନାଗ୍ରହୀ ବୋଲି କହିଥିବା ବେଳେ ଆଉ ଜଣେ ଡିପ୍ଲୋମା ପଢ଼ିବେ ବୋଲି କହିଥିଲେ। ଏହା ସତ୍ତ୍ୱେ ଆଉ ୨ଦିନ ଆବେଦନ ଅବଧି ବଢ଼ାଇବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ତେବେ ଏପରି ହେଲେ ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟା ବିଳମ୍ବ ହେବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୨ଲକ୍ଷ ୭୪ହଜାର ୫୦୯ଟି ସିଟ୍ ଉପଲବ୍ଧ ରହିଥିବା ବେଳେ ମୋଟ୍ ୨ଲକ୍ଷ ୬୫ ହଜାର ୫୯୦ ପିଲା ଆବେଦନ କରିଛନ୍ତି। ଅର୍ଥାତ୍ ପ୍ରାୟ ୯ହଜାର ସିଟ୍ ଖାଲି ପଡ଼ିବ। ସେହିପରି ପ୍ରଥମ ରାଉଣ୍ଡ ପାଇଁ ମୋଟ୍ ୧ଲକ୍ଷ ୭୫ହଜାର ୭୨୨ ଜଣ ଛାତ୍ରଛାତ୍ରୀ ଚୟନ ହୋଇଥିବା ବେଳେ ପ୍ରାୟ ୪୦ହଜାର ପିଲା ନାମଲେଖାରେ ଅଂଶଗ୍ରହଣ କରିନାହାନ୍ତି। ଅର୍ଥାତ୍ ପ୍ରାୟ ୫୦ହଜାରରୁ ଅଧିକ ସିଟ୍ ଫାଙ୍କା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

# ଭାଗ ଚାଷୀଙ୍କ ଭାଗ୍ୟ ଫିଟୁନି

**ଜମି ମାଲିକ ନେଉଛି ଇନ୍‌ପୁଟ ସହାୟତା ● ଭାଗ ଚାଷୀ ପାଉଛି ଧାନ ମୂଲ୍ୟର ଅଧା**

ଭୁବନେଶ୍ୱର, ୨୦।୬(ସମିସ): ରାଜ୍ୟରେ ୭୦ ପ୍ରତିଶତ ଚାଷ ଜମିକୁ ଭାଗଚାଷୀମାନେ ଚାଷ କରୁଛନ୍ତି। ଯେତେବେଳେ ପାଗ ଭଲ ରହୁଛି ଓ ଚାଷ ଭଲ ହେଉଛି, ସେମାନେ କିଛି ପାରିଶ୍ରମିକ ପାଉଛନ୍ତି; କିନ୍ତୁ ପ୍ରାକୃତିକ ଦୁର୍ବିପାକ ହେଲେ ତାଙ୍କ ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭୁଷୁଡ଼ି ପଡୁଛି। ପ୍ରାକୃତିକ ବିପର୍ଯ୍ୟୟରେ ମିଳୁଥିବା ସହାୟତା ଜମି ମାଲିକ ନେଇ ଯାଉଥିବାବେଳେ ଭାଗଚାଷୀମାନେ ଟଙ୍କାଟିଏ ବି ପାଉନାହାନ୍ତି। ସେହିଭଳି ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ୨୩୬୯ଟଙ୍କା ମିଳୁଥିବାବେଳେ ରାଜ୍ୟ ସରକାର ଅତିରିକ୍ତ ଭାବେ ୮୦୦ ଟଙ୍କା ସହାୟତା ପ୍ରଦାନ କରୁଛନ୍ତି। ହେଲେ ଭାଗଚାଷୀ କୁଇଣ୍ଟାଲ୍ ପିଛା ୨୩୬୯ ଟଙ୍କାରୁ ନିଜ ଭାଗ ଅଧେ ବା ୧୧୮୪ ଟଙ୍କାରେ ସନ୍ତୁଷ୍ଟ ରହୁଛି। ପୁନଶ୍ଚ ଏହି ଚାଷୀମାନଙ୍କୁ କୌଣସି ବ୍ୟାଙ୍କ୍ ଋଣ ଦେଉନି। ଏମାନେ ଧାର୍, କରଜ କରି ଚାଷ କରି ବଡ଼ ହୀନସ୍ତା ହେଉଥିଲେ ସୁଦ୍ଧା ସରକାର ଏମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି। ତେଣୁ ଧୀରେ ଧୀରେ ଏହି ଚାଷୀମାନେ ଚାଷରୁ ମୁହଁ ଫେରାଉଛନ୍ତି।

ଭାଗଚାଷୀଙ୍କୁ ସ୍ୱୀକୃତି ଦେବା ପାଇଁ ବହୁ ବର୍ଷ ହେଲା ନୂଆ ଆଇନ ଆଣିବାକୁ ଦାବି ହେଉଛି। ଏହା ଉପରେ ସରକାର ବିଚାର କରି ଭାଗ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରୀ



କରିବା ପାଇଁ କୁହାଯାଉଛି। ଓଡ଼ିଶା ଲ୍ୟାଣ୍ଡ ରିଫର୍ମ ଆକ୍ଟରେ ସଂଶୋଧନ କରାଯାଇ ଭାଗ ଚାଷୀଙ୍କୁ ସ୍ୱୀକୃତି ଦିଆଯାଉ ବୋଲି ଚାଷୀ ସଂଗଠନମାନେ ଦାବି କରୁଛନ୍ତି। ପୂର୍ବରୁ ବି ଏହା ଉପରେ ବହୁ ଆଲୋଚନା ହୋଇଛି। ହେଲେ ସେଭଳି କିଛି ନିଷ୍କର୍ଷ ବାହାରିପାରିନି। ତେଣୁ ସରକାର ଏବେ ଭାଗଚାଷୀଙ୍କ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ବ୍ୟବସ୍ଥା ଆଣିବା ଜରୁରୀ ବୋଲି କୁହାଯାଉଛି। ସେହି ଆଇନରେ ଜମି ମାଲିକ ଓ ଭାଗ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯୋଜନା କରାଯିବାକୁ କୃଷକ ସଂଗଠନମାନେ କହୁଛନ୍ତି। ପାରମ୍ପରିକ ଭାବେ ଜମିରୁ ଯେଉଁ ଫସଲ ଉତ୍ପାଦନ ହେଉଛି ଗୋଟିଏ ଭାଗ ଜମି ମାଲିକ ନେଉଥିଲା ବେଳେ ଅନ୍ୟ ଏକ ଭାଗ ଚାଷୀଙ୍କୁ ଦିଆଯାଉଛି। କିଛି ସ୍ଥାନରେ ମୋଟ ଉତ୍ପାଦନକୁ ତିନି ଭାଗରେ ବିଭକ୍ତ କରାଯାଉଥିବାବେଳେ ଜମି ମାଲିକ ଗୋଟିଏ ଭାଗ ପାଉଥିବାବେଳେ ଭାଗ ଚାଷୀ ଦୁଇଟି ଭାଗ ପାଉଛନ୍ତି। ତେଣୁ ଏସବୁ ବିଚାରବିମର୍ଶ କରି ଆଇନ ପ୍ରଣୟନ କରାଯାଇ ଆଇନଗତ ସ୍ୱୀକୃତି ଦେବା ପାଇଁ ଏକ ତ୍ରିପାକ୍ଷିକ ଚୁକ୍ତି କରାଯାଉ ବୋଲି ଦାବି ହୋଇଛି।

ଚାଷୀ ନେତା ରାମଚନ୍ଦ୍ର ସାହୁ କହିଛନ୍ତି, ପୂର୍ବରୁ 'ଓଡ଼ିଶା ଏଗ୍ରିକଲ୍‌ଚରାଲ୍ ଲ୍ୟାଣ୍ଡ ଲିଜିଂ ଆକ୍ଟ' ପ୍ରସ୍ତୁତ ହୋଇଥିଲା। ୨୦୨୦ ମାର୍ଚ୍ଚ ମାସରେ ଏହି ଚିଠା ଆଇନ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହୋଇ ସର୍ବସାଧାରଣଙ୍କ ମତାମତ ଲୋଡ଼ା ଯାଇଥିଲା। ଭାଗଚାଷୀମାନେ ହଇରାଣ ହେଉଛନ୍ତି ବୋଲି ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି। ରାଜ୍ୟର ଅର୍ଦ୍ଧାଧିକ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ନୂଆ ଆଇନ ପ୍ରଣୟନ କରିବାର ଆବଶ୍ୟକତା ରହିଛି। ତେଣୁ ସରକାର ଏବେ ଏହା ଉପରେ ତର୍ଜମା କରି ତୁରନ୍ତ କାର୍ଯ୍ୟନ୍ୱୟନ କରନ୍ତୁ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି ପ୍ରସଙ୍ଗରେ ଆଲୋଚନା ଓ ବିଚାରବିମର୍ଶ ଚାଲିଛି। ଖୁବ୍‌ଶୀଘ୍ର ମନ୍ତ୍ରୀସ୍ତରୀୟ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

**ଆଜି ଲାଗି ହେବେ ମହାପ୍ରଭୁ**

ପୁରୀ୨୦।୬(ସମିସ): ଅଣସର ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତ ସେବା। ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ଶନିବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି। ତେଣୁ ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଶୁକ୍ରବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି।

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକ ମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡିଥାଏ। ସ୍ନାନ ପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ଣ୍ଣି, କୃଷ୍ଣପର୍ଣ୍ଣି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂଆ କାଠ ଚୁଲିରେ କଡେଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଦଳୀପତ୍ର ଉପରେ ରଖି ଥଣ୍ଡା କରାଯାଏ। ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୁର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ। ଏହିସବୁ କାମ ଶୁଦ୍ଧପୁତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ।

ଦଇତାପତି ସେବକଙ୍କ ମତରେ, ମହାପ୍ରଭୁ ମାନବୀୟ ଲୀଳା କରିଥା'ନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି। ଏହା ପରଠାରୁ ଆଷାଢ଼ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳା ବସ୍ତ୍ର ପରିଧାନ କରିଥାନ୍ତି। ଠାକୁରଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ। ଆଷାଢ଼ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ।



# ବିଷ୍ଣୁପଦଙ୍କ ଆବେଦନ ହାଇକୋର୍ଟରେ ଖାରଜ

**ଗିରଫଦାରୀ ଏଡ଼ାଇବା ପାଇଁ ଆଗୁଆ ଜାମିନ ଆବେଦନ**

କଟକ, ୨୦।୬ (ସମିସ): ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ଘଟଣାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ତଥା ତଦନ୍ତକୁ ବିରୋଧ କରି ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଶ୍ରୀ ସେଠୀ, ତାଙ୍କ ପତ୍ନୀ ଓ ଝିଅଙ୍କ ପକ୍ଷରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ପୂର୍ବରୁ ରାୟକୁ ହାଇକୋର୍ଟ ସଂରକ୍ଷିତ ରଖିଥିବା ବେଳେ ଆଜି ଏହି ରାୟ ପ୍ରକାଶ ପାଇଛି। ବିଷ୍ଣୁପଦ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗତ ଫେବୃଆରୀ ୨୫ରେ ହାଇକୋର୍ଟ ପ୍ରଦାନ କରିଥିବା ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ହାଇକୋର୍ଟ ହଟାଇ ଦେଇଛନ୍ତି। ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଗିରଫଦାରୀ ଏଡ଼ାଇବା ପାଇଁ ଆଜି ବିଷ୍ଣୁପଦଙ୍କ ପକ୍ଷରୁ ଆଗୁଆ ଜାମିନ ପାଇଁ ଆବେଦନ କରାଯାଇଥିବା ଜଣାପଡ଼ିଛି। ମାମଲାର ତଦନ୍ତ ଜାରି ରହିଥିବା ହେତୁ ଏଭଳି ସ୍ଥିତିରେ ଉକ୍ତ ଆବେଦନ ଗ୍ରହଣୀୟ ନୁହେଁ ଓ ସିବିଆଇ ଆଇନ ଅନୁସାରେ ତଦନ୍ତ ଜାରି ରଖିପାରିବ ବୋଲି ହାଇକୋର୍ଟ କହିଛନ୍ତି। ଆଇଏଏସ୍ ବିଷ୍ଣୁପଦଙ୍କ ବାସଭବନରେ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲାରେ ସିବିଆଇ ଚଢ଼ଉ କରିଥିଲା। ତାଙ୍କ ବିରୋଧରେ କୌଣସି ଏତଲା ନ ଥିବା ବେଳେ ସିବିଆଇ ପକ୍ଷରୁ ତାଙ୍କ ଘରେ ବେଆଇନ ଭାବେ ଚଢ଼ଉ କରାଯିବାକୁ ବିରୋଧ କରି ଶ୍ରୀ ସେଠୀ ଓ ପରିବାର ସଦସ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଜାମିନ ପାଇଁ ଧୀମାନ ହାଇକୋର୍ଟଙ୍କ ଦ୍ୱାରସ୍ଥ

କଟକ, ୨୦।୬(ସମିସ): ଲାଞ୍ଚ ଗ୍ରହଣ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମା ହାଇକୋର୍ଟରେ ନିୟମିତ ଜାମିନ୍ ପାଇଁ ଆବେଦନ କରିଛନ୍ତି। ଭବାନୀପାଟଣା ଭିଜିଲାନ୍ସ ଅଦାଲତ ଜାମିନ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାରୁ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ବେଳେ ଧୀମାନ ଚକ୍‌ମା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶ୍ରୀ ଚକମା ଜଣେ କ୍ରସର ମାଲିକଙ୍କ ନିକଟରୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଭିଜିଲାନ୍ସ ତାଙ୍କ ବାସଭବନରୁ ୪୭ଲକ୍ଷ ୪୭ ହଜାର ୬ଶହ ଟଙ୍କା ଜବତ କରିଥିଲା।

# ଘରୁ ଡାକିନେଇ ସାଙ୍ଗକୁ ହତ୍ୟା

କବିସୂର୍ଯ୍ୟନଗର, ୨୦।୬(ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳ ଏବେ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ତାଲିଆମାପଲ୍ଲୀରେ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ, କବିସୂର୍ଯ୍ୟନଗର ଆଠଗଡ଼ପାଟଣା ବାଉରୀ ସାହିର ସାଗର ନାହାକ (୨୨)। ସାଙ୍ଗର ଜନ୍ମ ଦିନ ପାଳିବାକୁ ଡାକି ନେଇ ତାଙ୍କୁ ହତ୍ୟା କରାଯାଇଥିବା ଜଣାଯାଇଛି।

ସୂଚନାନୁସାରେ, ଜଣେ ସାଙ୍ଗର ଜନ୍ମଦିନ ପାଳିବାକୁ ସାଗରକୁ ତା' ୨ ସାଙ୍ଗ ଚନ୍ଦନ ନାହାକ ଓ କାହ୍ନା ନାହାକ ଗୁରୁବାର ଅପରାହ୍ଣରେ ଘରୁ ଡାକି ନେଇଥିଲେ। ରାତିରେ ତାଲିଆମାପଲ୍ଲୀଠାରେ ଜନ୍ମଦିନ ଉତ୍ସବ ପାଳନ ହୋଇଥିଲା। ତେବେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ସାଙ୍ଗମାନେ ତାଙ୍କୁ ହତ୍ୟା କରିଥିବା କୁହାଯାଉଛି। ସାଗର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜରଡ଼ ଛକ ବରଗଛ ମୂଳେ ପଡ଼ିଥିବା ନେଇ ରାତି ପ୍ରାୟ ସାଢ଼େ ୧୨ଟାରେ କେହି ଯୁବକ ତାଙ୍କ ଘରଲୋକଙ୍କୁ ଫୋନ୍ କରି ଜଣାଇଥିଲେ। ପରିବାରଲୋକେ ସାଗରଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ମେଡିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଗରଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ମୁଣ୍ଡକୁ ପଥରରେ ଛେଚା ଯାଇଥିଲା। ପୁଲିସ୍ ପହଞ୍ଚି ଶବ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ମୃତକଙ୍କ ବାପା ଉପେନ୍ଦ୍ର ନାହାକଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

**ମୋଦୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ**

# କଂଗ୍ରେସ ନେତାଙ୍କ ଅନଶନ

**ଶବ ଉପରେ ଉତ୍ସବ ପାଳନ କରୁଛନ୍ତି ଓଡ଼ିଶା ସରକାର: ଭକ୍ତ**

ଭୁବନେଶ୍ୱର, ୨୦।୬(ସମିସ): ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଆସିବାର ୧ବର୍ଷ ଭିତରେ ମହିଳା ଓ ଶିଶୁମାନଙ୍କ ଉପରେ ହିଂସା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ଚରମ ସୀମାରେ ପହଞ୍ଚିଛି। ବର୍ତ୍ତମାନ ଦିନକୁ ୧୫ ଜଣ ମହିଳା ଗଣଦୁଷ୍କର୍ମରେ ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା



ଆଗମନକୁ କଂଗ୍ରେସ ବିରୋଧ କରିଛି। ପ୍ରତିବାଦ ସ୍ୱରୂପ, ଶୁକ୍ରବାର କଂଗ୍ରେସର ବରିଷ୍ଠ ନେତାମାନେ ଦିନ ତମାମ ଶାନ୍ତିପୂର୍ଣ୍ଣ ଅନଶନ କରିଛନ୍ତି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଶାନ୍ତିପୂର୍ଣ୍ଣ ଅନଶନରେ ପ୍ରଦେଶ କଂଗ୍ରେସର ତମାମ ବରିଷ୍ଠ ନେତା, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ପିସିସି କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ସକାଳ ୯ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଅନଶନ ଧର୍ମଘଟରେ ବସିଥିଲେ।

ଏହି ଅବସରରେ ପିସିସି ସଭାପତି କହିଛନ୍ତି ଯେ ରାଜ୍ୟରେ ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଘଟିଥିବା ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର-ହରିଚନ୍ଦନପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ସାଧାରଣ ଜନତାଙ୍କ ମନରେ ସରକାରଙ୍କ ପ୍ରତି ଗଭୀର ଅସନ୍ତୋଷ ଓ ଅବିଶ୍ୱାସ ସୃଷ୍ଟି କରିଛି। ସମାନ ଭାବେ ବାରିପଦାଠାରେ ରାତିରେ ନିଜ ଘରେ ଶୋଇଥିବା ଅବସ୍ଥାରେ ଜଣେ ମହିଳାଙ୍କୁ ଉଠାଇନେଇ ଦୁଷ୍କର୍ମ କରିଛନ୍ତି। ଗତକାଲି କେନ୍ଦ୍ରାପଡ଼ାଠାରେ ଜଣେ ଯୋଗ ଶିକ୍ଷକଙ୍କୁ ଦୁଷ୍କର୍ମ କରାଯିବା ଘଟଣା ଆମ ସମସ୍ତଙ୍କୁ ଲଜ୍ଜିତ କରିଛି। ୨୦୨୫ ମସିହାରେ ଓଡ଼ିଶାର ଯାଜପୁର ସମେତ ୪ଟି ଜିଲ୍ଲାରେ ହଇଜା ମହାମାରୀ ବ୍ୟାପି ୨୪ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି ଏବଂ ୫ ହଜାରରୁ ଅଧିକ ଲୋକ ଏ ମହାମାରୀର ଶିକାର ହୋଇଛନ୍ତି। ହେଲେ ବିଜେପି ସରକାର ବର୍ଷ ପୂର୍ତ୍ତି ପାଇଁ ଏତେ ପାଗଳ ଯେ ମା' ମାନଙ୍କର ସୁରକ୍ଷା ଏବଂ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଶବ ଉପରେ ଉତ୍ସବ ପାଳନ କରୁଛି ବୋଲି ଶ୍ରୀ ଦାସ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ସେଠୀଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ।

# କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ



ଭୁବନେଶ୍ୱର, ୨୦।୬ (ସମିସ): ବିଜେପି ସରକାରର ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ଯୁବ କଂଗ୍ରେସ ଜୋରଦାର୍ ବିରୋଧ କରିଛି। ଶୁକ୍ରବାର ଦିନ ୧୧ଟାରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବକ ଶାନ୍ତିପୂର୍ଣ୍ଣ ଅନଶନରେ ଯୋଗଦେବା ପାଇଁ ରାମ ମନ୍ଦିର ଛକରୁ ବାହାରିବା ସମୟରେ ପୁଲିସ୍ ସମସ୍ତଙ୍କୁ ଗିରଫ କରିଛି। ଏହା ପୂର୍ବରୁ ଅର୍ଥାତ୍ ଗୁରୁବାର ରାତିରୁ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ୟାସିର ନୱାଜ, ଯୁବନେତା ନୀହାର ବେହେରା, ମହମ୍ମଦ ଗୁଲଫାମ ପ୍ରମୁଖଙ୍କୁ ସେମାନଙ୍କ ଘରୁ ପୁଲିସ ଗିରଫ କରିଛି। କାର୍ଯ୍ୟକ୍ରମକୁ ଯିବା ସମୟରେ ପୁଲିସ୍ ଶ୍ରୀ ପାତ୍ରଙ୍କ ସହ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ମହମ୍ମଦ ଇମଦାଦ୍, ମନୋଜ ବିଶ୍ୱାଳ, କିରଣ ସାହୁ, ସୁଦୀପ ସାମଲଙ୍କ ସମେତ ବହୁ ନେତାଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

## ସାତକୋଶିଆରୁ ସ୍ୱେଚ୍ଛାକୃତ ସ୍ଥାନାନ୍ତରଣ ନାଁରେ ବିସ୍ଥାପନ ବନ୍ଦ ଦାବି

# ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣବିକ୍ଷୋଭ

ଅନୁଗୋଳ, ୨୦।୬(ସମିସ)




ବ୍ୟାଘ୍ରଶୂନ୍ୟ ବ୍ୟାଘ୍ର ପ୍ରକଳ୍ପ ସାତକୋଶିଆ ଅଭୟାରଣ୍ୟରୁ ସ୍ୱେଚ୍ଛାକୃତ ସ୍ଥାନାନ୍ତରଣ ନାଁରେ କରାଯାଉଥିବା ବିସ୍ଥାପନ ବନ୍ଦ, ହାତୀ ତଥା ଅନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବରୁ ଚାଷଜମି, ବାସଭୂମି ସୁରକ୍ଷା ପାଇଁ କଂକ୍ରିଟ୍ ୱାଲ୍ ସହ ସୌର ତାରବାଡ଼ ନିର୍ମାଣ, ବନ୍ୟଜନ୍ତୁଙ୍କ ଉପଦ୍ରବରେ କ୍ଷତିଗ୍ରସ୍ତଙ୍କୁ ୭ଦିନ ମଧ୍ୟରେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ସାତକୋଶିଆର ଜୈବବିବିଧତା, ପ୍ରାକୃତିକ ପରିବେଶର ସୁରକ୍ଷା ଏବଂ ପର୍ଯ୍ୟଟନ ବିକାଶ କାର୍ଯ୍ୟକ୍ରମରେ ସ୍ଥାନୀୟ ବେରୋଜଗାରଙ୍କୁ ନିଯୁକ୍ତି, ଟିକରପଡ଼ାରୁ ବାଲିପୁଟ ଏବଂ ଟିକରପଡ଼ାରୁ ବିନିକେଇ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ସହ ଯାତାୟାତରେ ଲଗାଯାଇଥିବା କଟକଣା ଉଠାଇବା, ବାଲିପୁଟରୁ ବିନିକେଇ ପର୍ଯ୍ୟନ୍ତ ମହାନଦୀରେ ଯାତ୍ରୀ ଡଙ୍ଗା ଚଳାଚଳ କରାଇବା, ପରିବେଶ ବିକାଶ ସମିତି (ଇଡିସି)ରେ ଗଚ୍ଛିତ ଅର୍ଥକୁ ବିଭିନ୍ନ ଗ୍ରାମର ବିକାଶ କାର୍ଯ୍ୟରେ ଖର୍ଚ୍ଚ କରିବା, ମହାନଦୀରେ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ମାଛ ଧରିବାର ମୌଳିକ ଅଧିକାର ସୁରକ୍ଷା, ସାତକୋଶିଆ ଅଭୟାରଣ୍ୟର ସମସ୍ତ ଗାଁରେ ୨୪ଘଣ୍ଟିଆ ମୋବାଇଲ୍ ନେଟୱର୍କ ବ୍ୟବସ୍ଥା କରିବା ପ୍ରଭୃତି ୯ଦଫା ଦାବିରେ ଶୁକ୍ରବାର ସାତକୋଶିଆ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ଘେରଉ କରାଯାଇ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି। ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତର ଟିକରପଡ଼ା, କରଡ଼ାପଡ଼ା, ହାତୀବାରୀ, ଗଇନ୍ଦି, ବେହେରାସାହି, ମଝିପଡ଼ା, ରାମିମୁଣ୍ଡା ପ୍ରଭୃତି ଗ୍ରାମ ସମେତ ସମଗ୍ର ସାତକୋଶିଆ ଅଞ୍ଚଳରୁ ଆସିଥିବା ୫୦୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା, ଛାତ୍ର, ଯୁବକ ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ଅନୁଗୋଳ ବଜାର, ପୁରୁଣା ବସ୍ଷ୍ଟାଣ୍ଡ, ଥାନାଛକ ଦେଇ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କମିଟି ସଭାପତି ବିଦ୍ୟାଧର ପ୍ରଧାନଙ୍କ ସଭାପତିତ୍ୱରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକରପଡ଼ା ସରପଞ୍ଚ ସୌମ୍ୟରଞ୍ଜନ ସାହୁ, କମିଟି ଉପସଭାପତି ତ୍ରିନାଥ ସାହୁ, ପ୍ରଫୁଲ୍ଲ ଦେହୁରୀ, ସମ୍ପାଦକ ଜୟରାମ ସାହୁ, ଫକୀର ଜାନି, ସୁବୋଧ ସାମଲ, ରବୀନ୍ଦ୍ର ବାରିକ, ଉପଦେଷ୍ଟା ତୀର୍ଥବାସୀ ଭୋଇ, ମାନସ ପାଳ, ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ଆବାହକ ତଥା ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ତରୁଣ ଦେହୁରୀ, ନିରୋଦ ପାଳ, ତ୍ରିଲୋଚନ ଜେନା ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ସ୍ୱେଚ୍ଛାକୃତ ସ୍ଥାନାନ୍ତରଣ ନାଁରେ ସ୍ଥିତିବାନ ସମ୍ପତ୍ତିର ମାଲିକ ସ୍ଥାନୀୟ ଅଧିବାସୀମାନଙ୍କୁ ସାମାନ୍ୟ କିଛି କ୍ଷତିପୂରଣ (ମାତ୍ର ୨୦ଲକ୍ଷ ଟଙ୍କା) ଦେଇ ଗ୍ରାମରୁ ଉଚ୍ଛେଦ କରିବା ଅତ୍ୟନ୍ତ ଅନ୍ୟାୟ, ଅମାନବିକ, ଅଯୌକ୍ତିକ, ଅସାମ୍ବିଧାନିକ ଏବଂ ସମ୍ପୂର୍ଣ୍ଣ ବେଆଇନ ବୋଲି ପ୍ରକାଶ କରିଥିଲେ। ସ୍ୱେଚ୍ଛାକୃତ ସ୍ଥାନାନ୍ତରଣରେ ବିସ୍ଥାପନ ହେବାକୁ ଚାହୁଁ ନ ଥିବା ସଂଖ୍ୟାଗରିଷ୍ଠ ସ୍ଥାନୀୟ ଅଧିବାସୀଙ୍କ ଶହ ଶହ ବର୍ଷର ଭିଟାମାଟି ଏବଂ ଜୀବନଜୀବିକାର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ।

ଗୋଟିଏ ପଟରେ ବନ ବିଭାଗ ବିସ୍ଥାପନ ନୁହେଁ ସ୍ୱେଚ୍ଛାକୃତ ସ୍ଥାନାନ୍ତରଣ କହୁଥିବାବେଳେ 'ହାତରେ ନ ମାରି ଭାତରେ ମାରିବା' ନ୍ୟାୟରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଟକଣା ଲାଗୁ କରି ଗ୍ରାମରୁ ବାହାରିଯିବା ପାଇଁ ବାଧ୍ୟ କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଲୋକମାନଙ୍କ ଜୀବନଜୀବିକାର ସୁରକ୍ଷା ତଥା ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବ ବନ୍ଦ କରିବା ପାଇଁ ଚାଷଜମି ଏବଂ ବାସଭୂମି ଚାରିପାଖରେ କଂକ୍ରିଟ ୱାଲ୍ ଓ ସୌର ତାରବାଡ଼ ନିର୍ମାଣ ବ୍ୟବସ୍ଥା ଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏପରିକି ପ୍ରତ୍ୟେକ ଗ୍ରାମରେ ଗଠିତ ପରିବେଶ ସୁରକ୍ଷା ସମିତି (ଇଡିସି)ରେ ଗ୍ରାମର ବିକାଶ ପାଇଁ ଗଚ୍ଛିତ ଅର୍ଥ ଗ୍ରାମର ଉନ୍ନୟନ ପାଇଁ ଖର୍ଚ୍ଚ ନ କରି ବର୍ଷ ବର୍ଷ ଧରି ବିକାଶମୂଳକ କାର୍ଯ୍ୟ ବନ୍ଦ କରିଦିଆଯାଇଛି। ସାତକୋଶିଆ ଅଭୟାରଣ୍ୟରେ ଗଣତାନ୍ତ୍ରିକ ସରକାରଙ୍କ କୌଣସି ଗଣତାନ୍ତ୍ରିକ ଆଇନକାନୁନ କାମ ନ କରି ଜଙ୍ଗଲ ବିଭାଗର ଜଙ୍ଗଲୀ ଶାସନ ଚାଲିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ପରେ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହିତ ବିଶଦ ଆଲୋଚନା କରିଥିଲେ। କମିଟି ପକ୍ଷରୁ ଉପସ୍ଥାପିତ ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଜିଲ୍ଲାପାଳଙ୍କୁ ଅବଗତ କରାଇ ବନ ବିଭାଗ ଉପସ୍ଥିତିରେ କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ତ୍ରିପାକ୍ଷିକ ବୈଠକ ଜରିଆରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତେବେ ପ୍ରତିଶ୍ରୁତି ମୁତାବକ କମିଟି ପକ୍ଷରୁ ଉପସ୍ଥାପିତ ଦାବିଗୁଡ଼ିକ ସମ୍ପର୍କରେ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ଶକ୍ତିଶାଳୀ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

## ସାମାନ୍ୟ ବର୍ଷାରେ ଅଣ୍ଡରପାସରେ ଜମୁଛି ୫ ଫୁଟ ପାଣି



ଅନୁଗୋଳ, ୨୦।୬(ସମିସ): କଲବଲ କରୁଛି ଅନୁଗୋଳ ସହର ଉପକଣ୍ଠ ଗୋଲାବନ୍ଧ ନିକଟରେ ରେଳ ବିଭାଗ ତରଫରୁ ନିର୍ମିତ ଅଣ୍ଡରପାସ। ସାମାନ୍ୟ ବର୍ଷା ହେଲେ ଅଣ୍ଡରପାସ ମଧ୍ୟରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ପାଣି ଜମି ରହୁଛି। ଫଳରେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ବିଭାଗ ଯେଉଁ ଠିକାଦାରକୁ ଏହି ଅଣ୍ଡରପାସ ନିର୍ମାଣ କାର୍ଯ୍ୟ ଦେଇଥିଲା, ସେ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରି ତାଳିପକା କାମ କରି ବିଲ୍ ହାତେଇ ପଳାଇଛନ୍ତି। ଗତ ୭ ଦିନ ତଳେ ଅଣ୍ଡରପାସରେ ପାଣି ଜମିବା କାରଣରୁ ଜଣେ ବ୍ୟକ୍ତି ରେଳ ଲାଇନ ଉପରେ ଡେଇଁ ଯାଉଥିବା ବେଳେ ଦୁର୍ଘଟଣାରେ ତାଙ୍କ ଗୋଡ଼ କଟିଥିଲା। ତେବେ ଏଭଳି ନିର୍ମାଣ କାରଣରୁ ଜନସାଧାରଣ ହଇରାଣ ହେଉଛନ୍ତି। ତୁରନ୍ତ ଏହାର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।


**● ଲୋକେ ହନ୍ତସନ୍ତ**

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଲା ନଳକୂଅ ଖନନ ଟ୍ରକ୍



ବଇଣ୍ଡା, ୨୦।୬(ସମିସ): ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ହଣ୍ଡପା ଥାନା ବଇଣ୍ଡା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ନଳକୂଅ ଖନନ ଟ୍ରକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଛି। ଫଳରେ ବିଦ୍ୟୁତ ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ତାର ଛିଣ୍ଡିଯାଇଛି। ତେବେ ଟ୍ରକ ଚାଳକ, ହେଲପର ସମେତ ୫ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟ୍ରକ ବଇଣ୍ଡାରୁ ଆଠମଲ୍ଲିକ ଅଭିମୁଖେ ଯାଉଥିବା ବେଳେ ଚାଳକ ଭାରସ୍ୟାମ ହରାଇବାରୁ ଏହି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣା ଫଳରେରେ ୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା।

## ପାଚେରି ଭାଙ୍ଗିଲେ, ଆମ୍ବଗଛ ନଷ୍ଟକଲେ ହାତୀପଲ



କିଶୋରନଗର, ୨୦।୬(ସମିସ): କିଶୋରନଗର ବ୍ଲକ କଦଳୀମୁଣ୍ଡା ଗାଁରେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ବାସୁଦେବ ପ୍ରଧାନଙ୍କ ଆମ୍ବ ବଗିଚାରେ ପଶି ଆମ୍ବଗଛ ନଷ୍ଟ କରିବା ସହ ତାଙ୍କ ଓ ଇଟା ପାଚେରି ଭାଙ୍ଗିଦେଇଛନ୍ତି। ରଣିଆକଟା ଆରଆଇ ଓ ସ୍ଥାନୀୟ ଫରେଷ୍ଟର ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ତୁରନ୍ତ ଅଞ୍ଚଳରୁ ହାତୀପଲଙ୍କୁ ଘଉଡ଼ାଇବାକୁ ଦାବି ହୋଇଛି।

## ଟଙ୍କା ଛଡ଼ାଇନେବା ଅଭିଯୋଗରେ ୩ ଗିରଫ

ଅନୁଗୋଳ, ୨୦।୬(ସମିସ): ଜଣେ ବ୍ୟକ୍ତିଙ୍କଠାରୁ ଜୁନ ୧୨ ତାରିଖ ଜୋରଜବରଦସ୍ତ ଟଙ୍କା ଓ ମୋବାଇଲ ଫୋନ ଛଡ଼ାଇ ନେଇଥିବା ଅଭିଯୋଗରେ ଅନୁଗୋଳ ଥାନା ପୁଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରିଛି। ଏଥିସହ ଜଣେ ନାବାଳକଙ୍କୁ ମଧ୍ୟ ପୁଲିସ ହେପାଜତକୁ ନେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହୁଲୁରିସିଂହା ଗ୍ରାମର ସୂରଜ ମୁଖୀ (୨୪), ଉଦୟ ମୁଖୀ (୨୧), ନାଥ ମୁଖୀ (୨୧)। ୧୨ ତାରିଖ ରାତି ସାଢ଼େ ୧୧ଟାରେ ବିକ୍ରମ କୁମାର ଶତପଥୀ ଶ୍ରମିକମାନଙ୍କୁ ମଜୁରି ଦେବା ନିମନ୍ତେ ୩୬ ହଜାର ଟଙ୍କା ନେଇ ଜରପଡ଼ା ଅଭିମୁଖେ ଯାଉଥିଲେ। ତେବେ ପ୍ରବଳ ବର୍ଷା ହେବାରୁ ସେ ହୁଲୁରୁସିଂହା ତାରିଣୀ ମନ୍ଦିର ସମ୍ମୁଖ ଏକ ବନ୍ଦ ଦୋକାନ ସାମନାରେ ଆଶ୍ରୟ ନେଇଥିଲେ। ସେଠାରେ ପୂର୍ବରୁ ଠିଆ ହୋଇଥିବା ୫/୬ ଯୁବକ ବିକ୍ରମଙ୍କଠାରୁ ଜୋରଜବରଦସ୍ତ ଉକ୍ତ ଟଙ୍କା ସହ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଏ ନେଇ ବିକ୍ରମ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୧୦ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି।

## ବିନା ସୁରକ୍ଷାରେ ଚାଲିଛି ସୁଉଚ୍ଚ ପାଣିଟାଙ୍କି କାମ

ଅନୁଗୋଳ, ୨୦।୬(ସମିସ): ଅନୁଗୋଳ ସହରର ମଧ୍ୟସ୍ଥଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଓଭର ହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ହେବ ଜାରି ରହିଛି। ଏହି ସୁଉଚ୍ଚ ପାଣିଟାଙ୍କିରେ ଅନେକ ସମୟରେ ଶ୍ରମିକମାନେ ବିନା କୌଣସି ସୁରକ୍ଷା ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ଦେଖାଯାଉଛି। ନିର୍ମାଣ ଆରମ୍ଭରୁ ଏଭଳି ଖାମଖିଆଲ ଢଙ୍ଗରେ ଠିକାଦାର ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଆସୁଛନ୍ତି। ଗୁରୁବାର ଅପରାହ୍ନରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। କିଛି ଶ୍ରମିକ ଓଭର ହେଡ୍ ଟାଙ୍କିର ଅଗ୍ରଭାଗରେ ଲୁହା ପାଇପ ଉପରେ ବସି କାମ କରୁଥିଲେ। ସେମାନଙ୍କ ପାଖରେ ସେଫ୍ଟି ବେଲ୍ଟ କି ହେଲମେଟ କିମ୍ବା ଅନ୍ୟ କୌଣସି ସୁରକ୍ଷା ସରଞ୍ଜାମ ନ ଥିଲା। ମୁକୁଳା ଭାବେ ଏତେ ଉଚ୍ଚରେ କାର୍ଯ୍ୟ କରିବା କେତେଦୂର ଠିକ ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏପଟେ ଶ୍ରମ ବିଭାଗ ଏ ସବୁ ଜାଣିଶୁଣି ମଧ୍ୟ ଠିକାଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଶ୍ରୀ ମେଟାଲିକରେ ଜଣେ ଶ୍ରମିକ ଏଭଳି ଉଚ୍ଚ ସ୍ଥାନରେ କାମ କରୁଥିବା ବେଳେ ତଳକୁ ଖସିପଡ଼ି ତାଙ୍କ ମୃତ୍ୟୁ ହୋଇଥିଲା।

**● ନା ଅଛି ବେଲ୍ଟ ନା ହେଲମେଟ୍**



## ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

ଛେଣ୍ଡିପଦା, ୨୦।୬(ସମିସ): ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ 'ମା' ପାଇଁ ଗଛଟିଏ' ଅଭିଯାନ ମାଧ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ସୂଚୀସ୍ମିତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଛେଣ୍ଡିପଦା ଜୋନ ଜିଲ୍ଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ, ବରିଷ୍ଠ ନେତା ଗୋପବନ୍ଧୁ ଗଡ଼ନାୟକ, ଆଇଟି ସେଲ ସଂଯୋଜକ ଅକ୍ଷୟପାଦ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ମିଡିଆ ସେଲ ସଂଯୋଜକ ଯୁଗଳ କିଶୋର ଦେହୁରୀ, ଯୁବମୋର୍ଚ୍ଚା ସମ୍ପାଦକ ଜଗଦୀଶ ସାହୁ, ବିଜୟ କୁମାର ପ୍ରଧାନଙ୍କ ସମେତ ବହୁ ବିଜେପି କର୍ମୀ ଓ ବନ କର୍ମଚାରୀ ଯୋଗଦେଇ ଚାରାରୋପଣ କରିଥିଲେ।



## ଖରା ହେଲେ ସିଝୁଛନ୍ତି, ବର୍ଷା ହେଲେ ଭିଜୁଛନ୍ତି

ଅନୁଗୋଳ, ୨୦।୬(ସମିସ): ନାଲକୋ ବସ୍ଷ୍ଟାଣ୍ଡରେ ନାହିଁ ଯାତ୍ରୀ ବିଶ୍ରାମାଗାର। ଖରା ହେଲେ ଯାତ୍ରୀ ସିଝୁଛନ୍ତି ଆଉ ବର୍ଷା ହେଲେ ଭିଜୁଛନ୍ତି। କିନ୍ତୁ ଦେଖିବାକୁ କେହି ନାହିଁ। କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥ କଡ଼ରେ ପ୍ଲାଣ୍ଟ ଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ଶହଶହ ଲୋକ ଏଠାକୁ ଯିବାଆସିବା କରୁଛନ୍ତି। କିନ୍ତୁ ଦୁଃଖର ବିଷୟ ନାଲକୋ ଟାଉନସିପ ଛକରେ ଯାତ୍ରୀମାନଙ୍କ ପାଇଁ ନାହିଁ ବିଶ୍ରାମ ଗୃହ, ପାଣି ଓ ଶୌଚାଳୟ। ଫଳରେ ଯାତ୍ରୀମାନେ ଖରା ବର୍ଷାରେ ରାସ୍ତାକଡ଼ରେ ଠିଆହୋଇ ହନ୍ତସନ୍ତ ହେଉଛନ୍ତି।

୨୦ ବର୍ଷ ତଳେ କାଣ୍ଡସର ଗ୍ରାମର ସମାଜସେବୀ ବିଷ୍ଣୁଚରଣ ବେହେରା ଓ ପୂର୍ବତନ କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଉଦ୍ୟମରେ ନାଲକୋ ଛକରେ ଏକ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ କରାଯାଇଥିଲା। କିନ୍ତୁ ୪ ବର୍ଷ ତଳେ କିଛି ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ଉକ୍ତ ବିଶ୍ରାମ ଗୃହକୁ ଭାଙ୍ଗିଦେଲେ। ଏହି ବସଷ୍ଟାଣ୍ଡ ଉପରେ ନାଲକୋ କଲୋନୀ ବାସିନ୍ଦା ଅଧିକ ନିର୍ଭରଶୀଳ ଥିବାରୁ ନାଲକୋ ପ୍ରଶାସନ ପକ୍ଷରୁ ଦୁଇବର୍ଷ ହେଲା ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ହୋଇଥିଲା। କିନ୍ତୁ ଏହା ଜାତୀୟ ରାଜପଥଠାରୁ ଦୂରରେ ରହିଛି। ସେଠାକୁ ରାସ୍ତା ନ ଥିବାରୁ ଉକ୍ତ ଗୃହଟି ଲୋକଙ୍କ ସେବାରେ ଲାଗିପାରୁ ନାହିଁ। ଏଣୁ ଏଠାରେ ଏକ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ କରିବା ସହ ରାତିରେ ସୁରକ୍ଷା ପାଇଁ ପୁଲିସ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

**● ନାଲକୋ ଟାଉନସିପ୍ ବସଷ୍ଟାଣ୍ଡରେ ବିଶ୍ରାମ ଗୃହ ଦାବି**



## ଲୁହାମୁଣ୍ଡା ଓ କଣ୍ଟେଇକୁଳିଆରେ ବିକାଶ ମେଳା



କିଶୋରନଗର, ୨୦।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ କିଶୋରନଗର ବ୍ଲକ ଲୁହାମୁଣ୍ଡା ଓ କଣ୍ଟେଇକୁଳିଆ ପଞ୍ଚାୟତରେ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୁହାମୁଣ୍ଡା ସରପଞ୍ଚ କୁମୁଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ଉପସ୍ଥିତ ରହି ନୂତନ ହିତାଧିକାରୀଙ୍କୁ ଭତ୍ତା, ରାସନକାର୍ଡ, ଜବକାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

## ଅବକାରୀ ଚଢ଼ଉ; ଜଣେ ଗିରଫ

ବଇଣ୍ଡା, ୨୦।୬(ସମିସ): ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ଗ୍ରାମରେ ଚଢ଼ଉ କରି ମନୋଜ କୁମାର ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ଘରୁ ୧୦ ଲିଟର ଚୋରା ମହୁଲି ମଦ ଜବତ ହୋଇଛି। ମନୋଜ ବେଆଇନ ଭାବେ ମହୁଲି ମଦ ବିକ୍ରି କରୁଥିବା ଖବର ପାଇ ଚଢ଼ଉ କରାଯାଇଥିଲା।

## ଘରୁ ରଣାସାପ ଉଦ୍ଧାର

ବଇଣ୍ଡା, ୨୦।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମର ସୌମ୍ୟରଞ୍ଜନ ପ୍ରଧାନଙ୍କ ଘରୁ ଶୁକ୍ରବାର ଏକ ରଣାସାପ ଉଦ୍ଧାର କରାଯାଇଛି। ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିବା ପାଇଁ ସୌମ୍ୟରଞ୍ଜନ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ସୌମ୍ୟରଞ୍ଜନଙ୍କ ଘରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ପରେ ନିକଟସ୍ଥ ଜଙ୍ଗଲରେ ସାପକୁ ଛଡ଼ାଯାଇଛି।

## ଦେଶୀ ବନ୍ଧୁକ ସହ ଅଟୋ ଜବତ; ଜଣେ ଗିରଫ

ବଇଣ୍ଡା, ୨୦।୬(ସମିସ): ଠାକୁରଗଡ଼ ଥାନା ପୁଲିସ ଗୁରୁବାର ରାତିରେ କନ୍ତପଡ଼ା ଅଞ୍ଚଳରୁ ଚୋରା ଚାଲାଣ ହେଉଥିବା ଏକ ଦେଶୀ ବନ୍ଧୁକ ସହ ଅଟୋ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ଜରପଡ଼ା ଥାନା ପିତଚାରି ଗ୍ରାମର ରାମଚନ୍ଦ୍ର ସିଂଙ୍କୁ ଗିରଫ କରାଯାଇଛି। ରାମଚନ୍ଦ୍ର କନ୍ତପଡ଼ା ଅଞ୍ଚଳର ଜଣେ ଶିକାରୀଙ୍କୁ ଏହି ଦେଶୀ ବନ୍ଧୁକ ବିକ୍ରି କରିବା ପାଇଁ ଅଟୋ ଯୋଗେ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା। ଅଟୋ ଯାଞ୍ଚ କରି ବନ୍ଧୁକ ଜବତ କରିବା ସହ ରାମଚନ୍ଦ୍ରଙ୍କୁ ଗିରଫ କରିଛି।

## ମଦ୍ୟପ ଚାଳକ ଗିରଫ; ବାଇକ ଜବତ

ବଇଣ୍ଡା, ୨୦।୬(ସମିସ): ଠାକୁରଗଡ଼ ଥାନା ପୁଲିସ କନ୍ତପଡ଼ା ଅଞ୍ଚଳରେ ଗୁରୁବାର ରାତିରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ପୁରୁଣାକୋଟ ଥାନା ପୁରୁଣା କନ୍ତପଡ଼ା ଗ୍ରାମର ତରୁଣ ଗଡ଼ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଛେଣ୍ଡିପଦା ବନାଞ୍ଚଳରେ ବନୀକରଣକୁ ନେଇ ପ୍ରଶ୍ନବାଚୀ

ଛେଣ୍ଡିପଦା, ୨୦।୬(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ। ତେବେ ଏହି କାର୍ଯ୍ୟକ୍ରମକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛେଣ୍ଡିପଦା ଜଙ୍ଗଲ କଟାଯାଇ କୋଇଲା ଖଣି ମୁହଁରେ ବଳିପଡୁଛି ଶହ ଶହ ବର୍ଷର ଲକ୍ଷ ଲକ୍ଷ ଗଛ। ଏହାର ବଦଳରେ କମ୍ପାନୀ ପକ୍ଷରୁ ଛେଣ୍ଡିପଦା ବନାଞ୍ଚଳରେ ସରକାରୀ ଜାଗା ଅଭାବରୁ ବାହାର ରାଜ୍ୟ ଓ ଜିଲ୍ଲାରେ ଲଗାଯିବ ଗଛ। ଏନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଛି। ତେବେ ବନାଞ୍ଚଳରେ ଚାରାରୋପଣ ପାଇଁ ଖାଲି ସ୍ଥାନ ନ ଥିବା ବେଳେ କିପରି ପ୍ରତ୍ୟେକ ବର୍ଷ ବନବିଭାଗ ପକ୍ଷରୁ ଚାରାରୋପଣ କରାଯାଉଛି ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସତରେ ରେଞ୍ଜରଙ୍କର ଗଛ ଲଗାଇବାରେ ଆନ୍ତରିକତା ଅଛି ନା ଗଛ ଲଗାଇବା ନାଁରେ ବନବିଭାଗ ଲକ୍ଷ ଲକ୍ଷ ଟଙ୍କା ଚଳୁ କରିବାକୁ ଯୋଜନା କରିଛି ତାହା ସନ୍ଦେହ ଘେରରେ।

**● କୋଇଲା ଖଣି ମୁହଁରେ ବଳିପଡୁଛି ଲକ୍ଷ ଲକ୍ଷ ଗଛ**
**● ବଦଳରେ ବାହାର ରାଜ୍ୟ ଓ ଜିଲ୍ଲାରେ ଲାଗିବ ଗଛ**
**● ବନୀକରଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଚଳୁ କରିବାକୁ ଯୋଜନା**





ଆଗାମୀ ଦିନରେ ଛେଣ୍ଡିପଦା କୋଇଲା ଖଣି ପାଇଁ ବଳି ପଡ଼ିବ ୩୮୪୫୨ ଏକର ଜଙ୍ଗଲ। କିଛି ବର୍ଷ ମଧ୍ୟରେ ମରୁଭୂମିରେ ପରିଣତ ହୋଇଯିବ ଛେଣ୍ଡିପଦା ବ୍ଲକ। ଫଳରେ ଛେଣ୍ଡିପଦା ଓ ତା'ର ଆଖପାଖ ଅଞ୍ଚଳ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛି। ଶସ୍ୟଶ୍ୟାମଳା ଓ ଘଞ୍ଚ ଜଙ୍ଗଲ ସମ୍ପଦରେ ପରିପୂର୍ଣ୍ଣ ଛେଣ୍ଡିପଦା ଅଞ୍ଚଳ ଆଉକିଛି ବର୍ଷ ପରେ ମାନଚିତ୍ରରୁ ଲିଭିଯିବା ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ, ଛେଣ୍ଡିପଦା ରେଞ୍ଜର ପାଳନ କରୁଛନ୍ତି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ। ଛେଣ୍ଡିପଦା ବନବିଭାଗ ପକ୍ଷରୁ ବର୍ଷାଋତୁ ପ୍ରାରମ୍ଭରେ ବିଭିନ୍ନ ଯୋଜନାରେ ଭିନ୍ନ ଭିନ୍ନ ସ୍ଥାନରେ ବନୀକରଣ କରାଯାଉଥିବା ବେଳେ ଏହି ବନୀକରଣ ପ୍ରକ୍ରିୟା କେଉଁଠାରେ ବାଟବଣା ହୋଇଛି ତ ଆଉ କେଉଁଠି ରକ୍ଷଣାବେକ୍ଷଣ ଅଭାବରୁ ତାହା ଆଜି ନିଶ୍ଚିହ୍ନ ହେବାକୁ ବସିଥିବା ପରିବେଶବିତ୍ ଅଭିଯୋଗ କରିଛନ୍ତି। ଛେଣ୍ଡିପଦା ରେଞ୍ଜର୍‌ଙ୍କ କୋଇଲାଖଣି ପ୍ରୀତି ପାଇଁ ଏଠାରୁ କ୍ରମଶଃ ବଡ଼ ବଡ଼ ବହୁ ପୁରୁଣା ଶାଳ, ଶାଗୁଆନ, ଗମ୍ଭାରୀ, କେନ୍ଦୁ, ନିମ୍ବ ଓ ଔଷଧୀୟ ବୃକ୍ଷ ଧ୍ୱଂସ ପାଇଗଲାଣି। ଏପରିକି ବଡ଼ ବଡ଼ ଜଙ୍ଗଲ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। କିନ୍ତୁ ଛେଣ୍ଡିପଦାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କରି କାହା ସ୍ୱାର୍ଥରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛି ଅସାଧୁ ବନ କର୍ମଚାରୀ ଓ କାଠ ମାଫିଆଙ୍କ ମଧୁଚନ୍ଦ୍ରିକାରେ ବନୀକରଣ ହେଉଛି ଏଠାରେ ବାଟବଣା। ଦେଖିବାକୁ ଗଲେ ଛେଣ୍ଡିପଦା ବନବିଭାଗ ପକ୍ଷରୁ ଯେଉଁ ସ୍ଥାନଗୁଡ଼ିକରେ ବନୀକରଣ କରାଯାଇଛି ସେଠାରେ ଏବେ ଆଉ ଗଛଟିଏ ବି ଦେଖିବାକୁ ମିଳୁନାହିଁ। ଅନେକ ଜାଗାରେ କେବଳ କାଗଜପତ୍ରରେ ବନୀକରଣ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି।

## ଡାଇରିଆ ନିୟନ୍ତ୍ରଣ ନିମନ୍ତେ ତ୍ୱରିତ ପଦକ୍ଷେପ

# ୧୪୮ ନୂଆ ରୋଗୀ; ୭ କଟକ ସ୍ଥାନାନ୍ତର

ଯାଜପୁର, ୨୦।୬(ସମିସ)



ଯାଜପୁର ଜିଲ୍ଲାରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ସଂକ୍ରମଣ ଓ ଡାଇରିଆ ରୋକିବା ପାଇଁ ଜିଲ୍ଲାର ସରକାରୀ ବେସରକାରୀ ଟ୍ୟୁବ୍‌ୱେଲ୍, କୂପ, ଓଭରହେଡ଼ ଟ୍ୟାଙ୍କ ଗୁଡ଼ିକୁ ବିଶୋଧନ କରାଯାଉଛି। କ୍ଲୋରିନେସନ ହେବା ପରେ ଯେଉଁଠାରେ ପଜିଟିଭ କେସ୍ ଦେଖିବାକୁ ମିଳୁଛି ତାହାକୁ ଚିହ୍ନଟ କରାଯାଇ ସେଠାରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆଜି ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୧୮, ୮୫୧ଟି ସରକାରୀ ଟ୍ୟୁବ୍‌ୱେଲ୍, ଦ୍ୱିତୀୟ ପର୍ଯ୍ୟାୟରେ ସମୁଦାୟ ୧୦, ୭୨୫ଟି ସରକାରୀ ଟ୍ୟୁବ୍‌ୱେଲ୍ ବିଶୋଧନ କରାଯାଇଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୭, ୦୪୩ଟି ବେସରକାରୀ ଟ୍ୟୁବ୍‌ୱେଲ୍, ଦ୍ୱିତୀୟ ପର୍ଯ୍ୟାୟରେ ୬୮୧ଟି ବେସରକାରୀ ଟ୍ୟୁବ୍‌ୱେଲ୍ ବିଶୋଧନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୨୪୯ଟି ଓଭରହେଡ଼ ଟାଙ୍କି ଓ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୨୪୯ଟି ଓଭରହେଡ ଟାଙ୍କି ବିଶୋଧନ କରାଯାଇଛି। ଅନ୍ୟାନ୍ୟ ଜଳଉତ୍ସ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୫୫୯ଟି ଜଳଉତ୍ସ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୫୫୯ଟି ଅନ୍ୟାନ୍ୟ ଜଳଉତ୍ସଗୁଡ଼ିକୁ ବିଶୋଧନ କରାଯାଇଛି। ସେହିପରି ପ୍ରଥମ ପର୍ଯ୍ୟାୟରେ ୬, ୭୩୩ଟି କୂଅ ବିଶୋଧନ କରାଯାଇଛି। ଜିଲ୍ଲାରେ ଆଜି ସୁଦ୍ଧା ସମୁଦାୟ ୫୫ଟି ଟ୍ୟାଙ୍କର ନିୟୋଜିତ ହୋଇଛି। ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୪୮ ଜଣ ନୂଆ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୭ ଜଣଙ୍କୁ କଟକ ରେଫର କରାଯାଇଛି। ୧୦୦ ଜଣଙ୍କୁ ଡିସଚାର୍ଜ କରାଯାଇଛି। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଅନ୍ୟାନ୍ୟ ଚିକିତ୍ସାଳୟରେ ମୋଟ ୧୮୦ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଆଜିର ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୁସ୍ଥ ହୋଇଘରକୁ ଫେରୁଥିବା ବ୍ୟକ୍ତିଙ୍କୁ ଜିଲ୍ଲା ନିୟନ୍ତ୍ରଣ କକ୍ଷରୁ ଫୋନ ଯୋଗେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ସେମାନେ ପ୍ରୋଟୋକୋଲ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦିଆଯାଉଛି। ରୋଗୀଙ୍କ ପରିଚାରକ ସମସ୍ତଙ୍କୁ ଡକ୍ସି ସାଇ କ୍ଲିନ ଡୋଜ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରମାନେ ରୋଗୀଙ୍କୁ ଶୀଘ୍ର ଡିସଚାର୍ଜ ନକରି ବିହିତ ପ୍ରୋଟୋକଲ ଅନୁଯାୟୀ ଡିସ୍‌ଚାର୍ଜ କରିବେ। ଲୋକମାନଙ୍କୁ ସରକାରୀ ନଳକୂପ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଆସନ୍ତାକାଲି ଠାରୁ ବିଦ୍ୟାଳୟମାନଙ୍କର ଜଳଉତ୍ସ ଗୁଡିକ ବିଶୋଧନ କରାଯିବ। ପ୍ରତ୍ୟେକ ଘରେ ସାବୁନ ବଣ୍ଟନ ଚାଲୁରହିଛି। କୌଣସି ପରିସ୍ଥିତିରେ ନଦୀ ଜଳ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି।

## ଧର୍ମଶାଳାରେ ଝାଡ଼ାବାନ୍ତି ସ୍ଥିର

**ଧର୍ମଶାଳା:** ଧର୍ମଶାଳା ବ୍ଲକରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ପୂର୍ବପେକ୍ଷା କମୁଥିବା ଦେଖିବାକୁ ମିଳିଛି। ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪୮ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ରସୁଲପୁର ବ୍ଲକର ହୋଇଥିବା ଜଣେ ଢେଙ୍କାନାଳ ଜିଲ୍ଲା ନିହଲ ପ୍ରସାଦର ହୋଇଥିବା ଜଣାପଡ଼ିଛି। ତେବେ ଧର୍ମଶାଳା ବ୍ଲକ ଅଞ୍ଚଳର ୩୬ ଜଣ ଆକ୍ରାନ୍ତ ଏବେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି। ତେବେ ପାଣି ପାଇଁ ଡାଇରିଆ ରୋଗ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ ଜଳଖିଆ ଦୋକାନରୁ ପାଣି ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ଲ୍ୟାବକୁ ପଠାଯାଇଥିଲା। ସେଥି ମଧ୍ୟରୁ ଆସିଥିବା ରିପୋର୍ଟରେ ଭୂତାଣୁ ଥିବା ଦୋକାନ ଗୁଡିକୁ ପ୍ରଶାସନ ପକ୍ଷରୁ ସିଲ କରି ଦିଆଯାଇଛି। ତେବେ ସ୍ଥିତିରେ ସୁଧାର ଆସୁଥିବା ବେଳେ ଗୁଜବ ପ୍ରତି ସଚେତନ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ସମସ୍ତ ଆକ୍ରାନ୍ତଙ୍କ ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।

## ପାଣିପାଉଚ୍ ପ୍ଲାଣ୍ଟ ସହ ଜଳଖିଆ ଦୋକାନ ସିଲ୍

**ବରୀ:** ଯାଜପୁର ଜିଲ୍ଲାରେ ଦିନକୁ ଦିନ ବଢୁଥିବା ହଇଜା ରୋଗରେ ବ୍ରେକ୍ ଲଗାଇବା ପାଇଁ ପ୍ରଶାସନ ଯେତେ ତତ୍ପର ହେଉଥିଲେ ବି ବ୍ୟବସାୟୀମାନେ ନିୟମକୁ ଅଣଦେଖା କରୁଛନ୍ତି। ଯାହା ଫଳରେ ଶୁକ୍ରବାର ଦିନ ବରୀ ତହସିଲ ପକ୍ଷରୁ ବାଲିଆପାଳସ୍ଥିତ ଗୋଟିଏ ପାଣି ପାଉଚ ତିଆରୀ କାରଖାନା ଓ ଅରୁଆଳଠାରେ ଥିବା ଗଲଫ୍ ଏଣ୍ଟରପ୍ରାଇଜସ୍ ନାମକ ବଟ୍‌ଲିଙ୍ଗ ପ୍ଲାଣ୍ଟ ଉପରେ ଚଢ଼ଉ କରି ଉପଯୁକ୍ତ ମାନର ପାନୀୟ ଜଳ ପ୍ରସ୍ତୁତି ହେଉନଥିବା ପରୀକ୍ଷାରୁ ଜଣାପଡ଼ିବା ପରେ ଉକ୍ତ ଦୁଇଟି ପ୍ଲାଣ୍ଟକୁ ସିଲ୍ କରିଛନ୍ତି। ସେହିପରି ବାରମ୍ବାର ତାଗିଦ୍ କରିବା ସତ୍ତ୍ୱେ ବେପରୁଆ ଭାବେ ଜଳଖିଆ ଦୋକାନ ଖୋଲି ବ୍ୟବସାୟ କରୁଥିବା ସନ୍ଥନ ଛକର ଏକ ଜଳଖିଆ ଦୋକାନକୁ ମଧ୍ୟ ସିଲ୍ କରାଯାଇଛି। ଅନ୍ୟପକ୍ଷରେ ଅଲିପୁର ପଞ୍ଚାୟତରେ ଥିବା ଅନ୍ୟ ଏକ ପାନୀୟ ଜଳ ପ୍ରସ୍ତୁତି କରୁଥିବା କାରଖାନାର ପାଣି ନମୁନା ସଂଗ୍ରହ କରି ମାନ ପରୀକ୍ଷଣ ନିମନ୍ତେ ପଠାଯାଇଥିବା ଅତିରିକ୍ତ ତହସିଲଦାର କଲ୍ଲୋଳ ମିଶ୍ର ସୂଚନା ଦେଇଛନ୍ତି।

## ତଥ୍ୟ ଲୁଚାଉଛି ସ୍ୱାସ୍ଥ୍ୟ ବିଭାଗ

**ଦଶରଥପୁର:** ଝାଡାବାନ୍ତି ଓ ହଇଜା ରୋଗର ତଥ୍ୟ ଲୁଚାଇ ଚାଲିଛି ସ୍ୱାସ୍ଥ୍ୟ ବିଭାଗ। ସୂଚନା ଅନୁସାରେ ଆଜି ୬ ଜଣ ନୂତନ ଆକ୍ରାନ୍ତ ମଙ୍ଗଳପୁର ଗୋଷ୍ଠୀ କେନ୍ଦ୍ରରେ ଆଡ୍‌ମିସନ ହୋଇ ଚିକିତ୍ସା ହେଉଥିବାବେଳେ ବ୍ଲକରେ ମୋଟ ୩୦୯ ଜଣ ଆକ୍ରାନ୍ତ ହୋଇ ସାରିଲେଣି। ଜଣଙ୍କର ମୃତ୍ୟୁ ହୋଇସାରିଛି। ମାତ୍ର କିଛି ଦିନ ପୂର୍ବରୁ ଲଗାତାର ୨୦ରୁ ୪୦ ଜଣ ଲେଖାଏ ଆକ୍ରାନ୍ତ ଚିକିତ୍ସା ପାଇଁ ଆସୁଥିବା ସୂଚନା ମିଳିଛି। ହେଲେ ୩ ଦିନ ହେବ ଆହୁରି ଅଧିକ ଆକ୍ରାନ୍ତ ହେଉଥିବା ବେଳେ ଏହାକୁ ଦର୍ଶାଯାଉନାହିଁ। ବାସ୍ତବ ତଥ୍ୟ ପ୍ରଦାନ କଲେ ସରକାର ଲଜ୍ଜିତ ହେବାକୁ ପଡୁଛି। ଏଣୁ ଏଥିରୁ ବର୍ତ୍ତିଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରକୃତ ତଥ୍ୟ ଲୁଚାଉଥିବା ଦେଖାଯାଇଛି। ସୂଚନାଅନୁସାରେ ଅତି ଗୁରୁତର ହେଉଥିବା ରୋଗୀ ମାନଙ୍କୁ ଚିକିତ୍ସାଳୟ ଆସିବାକୁ ପରାମର୍ଶ ଦିଆଯାଉଛି ଗାଁ ମାନଙ୍କରେ। ପ୍ରାଥମିକ ସ୍ତରରେ ଝାଡାବାନ୍ତି ହୋଇଥିଲେ ସେମାନଙ୍କୁ ପଞ୍ଚାୟତ ସ୍ତରରେ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଆଶା କର୍ମଚାରୀମାନଙ୍କ ଦ୍ୱାରା ସେଡିକାଲ ତରଫରୁ ଯୋଗାଇ ଦିଆଯାଇଥିବା ଆବଶ୍ୟକ ଔଷଧ ଦିଆଯାଇ ଘରେ ରହିବାକୁ ମରାମର୍ଶ ଦିଆଯାଉଛି। ଏହାକୁ ହିସାବକୁ ନିଆଗଲେ ଦଶରଥପୁର ବ୍ଲକରେ ପ୍ରତି ଦିନ ୫୦ରୁ ୬୦ ଜଣ ଆକ୍ରାନ୍ତ ହେଉଛନ୍ତି। ଏ ବିଷୟରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅମ୍ରିତା ପ୍ରିତମ ମଲଙ୍କୁ ପଚାରିବାରେ ଆବଶ୍ୟକ ବେଡ୍ ନଥିବା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସିଏଚ୍‌ଓମାନେ ଗାଁ ଗାଁ ବୁଲି ଚିକିତ୍ସା କରୁଛନ୍ତି ବୋଲି କହିଛନ୍ତି।

## ଜିଲ୍ଲା ପ୍ରଶାସନର ମିଳିତ ଚଢ଼ଉ

# ଜରିମାନା ଗଣିଲେ ଜଳଖିଆ ଦୋକାନୀ

**ଭଦ୍ରକ/ଆରଡ଼ି:** ଭଦ୍ରକ ଜିଲ୍ଲା ଆରଡ଼ି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଗତ ୩ଦିନ ହେବ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ତାହାକୁ କିପରି ଆୟତ କରାଯିବ ସେଥିପାଇଁ ଶୁକ୍ରବାର ପ୍ରଶାସନ ମିଳିତ ଚଢ଼ଉ କରିଛି। ଚାନ୍ଦବାଲି ତହସିଲଦାର ଭବତୋଷ ମଲିକଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ପୀଠର ବସ୍‌ଷ୍ଟାଣ୍ଡ ଠାରୁ ଆରମ୍ଭ କରି ମୁଖ୍ୟ ବଜାର ଓ ସାହିରେ ଥିବା ସମସ୍ତ ଜଳଖିଆ, ମିଠା ଓ ଉଠାଦୋକାନିଙ୍କର ଖାଦ୍ୟମାନ ଯାଞ୍ଚ କରିବା ସହ ଖାଦ୍ୟ ପ୍ରସ୍ତୁତ ହେଉଥିବା ତେଲ,



ବେସନ, ମିଠା ଆଦିର ମାନ ପରିଖିଥିଲେ। ଏପରିକି କେତେକ ଦୋକାନୀଙ୍କ ଖାଦ୍ୟ ଓ ଖାଦ୍ୟ ପ୍ରସ୍ତୁତ ସାମଗ୍ରୀ, ପିଇବା ପାଣି ଠିକ ନଥିବାରୁ ଏପରି ଜିନିଷ ବ୍ୟବହାର ନକରିବା ସହ ବିକ୍ରି ନକରିବା ପାଇଁ କଡ଼ା ତାଗିଦ କରିଥିଲେ। ଏପରିକି କିଛି ଦୋକାନୀଙ୍କ ଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିବା କହିଛନ୍ତି ଚାନ୍ଦବାଲି ତହସିଲଦାର। ଅନ୍ୟପଟେ ଚଢ଼ଉ ଭୟରେ କିଛି ଦୋକାନୀ ଦୋକାନ ବନ୍ଦ କରି ପଳାଇଯାଇଥିଲେ।

ସୂଚନା ଅନୁଯାୟୀ ଗତ ୩ଦିନ ମଧ୍ୟରେ ୧୦ଜଣ ଝାଡାବାନ୍ତି ରୋଗୀ ଆରଡ଼ି ମେଡିକାଲକୁ ଆସି ଚିକିତ୍ସିତ ହୋଇଥିବା ବେଳେ ୩ଜଣଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଭଦ୍ରକ ମେଡିକାଲକୁ ପଠାଯାଇଥିଲା। ତାହାସହ ଅନ୍ୟ ରୋଗୀ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଅନ୍ୟପଟେ ପୀଠରେ ପିଇବାପାଣି ଅସୁବିଧା ଥିବାରୁ ବାବାମଣିଙ୍କ ମନ୍ଦିର ସମ୍ମୁଖରେ ଥିବା ଶିବଗଙ୍ଗା ପୁଷ୍କରିଣୀ ଜଳ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକ ତହସିଲଦାରଙ୍କ ଦୃଷ୍ଟିଗୋଚର କରାଇଥିଲେ। ହେଲେ ଶିବଗଙ୍ଗା ଜଳ ଏବେ ପ୍ରଦୂଷିତ ହୋଇ କଳା ପଡ଼ିଯିବା ସହ ପଚା ଦୁର୍ଗନ୍ଧମୟ ହେଉଥିଲେ ମଧ୍ୟ ବିକଳ୍ପ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ସେବାୟତମାନେ ନୀତିଭୋଗ ପ୍ରସ୍ତୁତ କରିବା ସହ ଜଳାଭିଷେକ କରୁଛନ୍ତି। ସେହିପରି ପୀଠର ଚାରିଆଡେ କୁଢକୁଢ ଅଳିଆ ଗଦା ହୋଇ ପଡ଼ିଥିଲେ ମଧ୍ୟ ସାମାନ୍ୟ ବ୍ଲିଚିଂ ପାଓ୍ୱଡର ପକାଯାଉନାହିଁ ବୋଲି ସ୍ଥାନୀୟ ଲୋକ ତହସିଲଦାରଙ୍କୁ ଜଣାଇଥିଲେ।

## କାଡାନାଳ ନିର୍ମାଣରେ ୪ କୋଟି ଟଙ୍କା ଚଲୁ

# ଭିଜିଲାନ୍ସ ତଦନ୍ତ ଦାବି



**ଅସୁରାଳି, ୨୦।୬(ସମିସ):** କାଡାନାଳ ନିର୍ମାଣ ହୋଇଥିଲା ଚାଷୀମାନଙ୍କ ହିତରେ ମାତ୍ର। କିନ୍ତୁ କାଡାନାଳରେ ଆସୁନି ପାଣି କି ଚାଷ କାର୍ଯ୍ୟରେ ଲାଗୁନି। ୧ ନମ୍ବର ପାଣିପଞ୍ଚାୟତ ଶ୍ରୀଗଙ୍ଗା ନିମିତ୍ତ ୧୪ ନମ୍ବର ଦହିପୁର ପଞ୍ଚାୟତ, କଲେଇ ପଞ୍ଚାୟତ, ଜଳ ମଣ୍ଡୁଆ ପଞ୍ଚାୟତ ନିମିତ୍ତ, ୩୨ ନମ୍ବର ଗୋବିନ୍ଦପୁର, ଅସୁରାଳି ପଞ୍ଚାୟତ ନିମିତ୍ତ ଓ ମାଇନର ଇରିଗେସନ ଜୟ ଜଗନ୍ନାଥ ପାଣି ପଞ୍ଚାୟତ ଅଧୀନରେ ଅସୁରାଳି, ହଂସପୁର ଓ ତୁରୁମୁଣ୍ଡିଆ ଯାଉଛି। ସମସ୍ତ କାଡାନାଳ ନିର୍ମାଣ ଉପରେ ପ୍ରାୟ ୪ କୋଟି ଖର୍ଚ୍ଚ ହୋଇ ୨୦୨୩ ମସିହାରେ ନିର୍ମାଣ ଶେଷ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅର୍ଥାତ୍ ଚଳିତ ବର୍ଷରେ ଏହା ଅଚଳ ହୋଇଯାଇଛି। ନା ଆସୁଛି ପାଣି ନା ହେଇ ପାରୁଛି ଚାଷ କାର୍ଯ୍ୟ। ପୁଣି କାଡାନାଳ ମଧ୍ୟରେ ଆବର୍ଜନା ପୂର୍ଣ୍ଣ ହୋଇ ଗଲାଣି। କେହି ଏପ୍ରତି ଧ୍ୟାନ ଦେଉନାହାନ୍ତି କି ସଫେଇ ହେଉନି। ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଗଲାଣି କାଡ଼ାନାଳ। ଏ ନେଇ ଚାଷୀ ବିଦ୍ୟାଧର ଦାସ, ଶ୍ୟାମ ସୁନ୍ଦର ସେଠୀ, ଭାଗୀରଥି ଦାସ, ରବୀନ୍ଦ୍ର ଜେନା, ବିମଳା ନାଥ, ସସ୍ମିତା ଦାସ ପ୍ରମୁଖ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। କନିଷ୍ଠ ଯନ୍ତ୍ରୀ ଚନ୍ଦନ ଦାସଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଗୋଟିଏ ରାତିରେ ୫ ଚୋରି

**ବରୀ, ୨୦।୬(ସମିସ):** ବରୀ ରାମଚନ୍ଦ୍ରପୁର ଥାନା ଅର୍ନ୍ତଗତ ଧାରପୁର ଓ ବାଲିଆ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଦୁର୍ବୃତ୍ତମାନେ ଘରେ ପଶି ଲୁଟ୍ କରିଥିବା ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ବାଲିଆ ପଞ୍ଚାୟତର ମିଶ୍ରସାହି ଓ ମହାରାଜସାହି ଏବଂ ନାଥପୁର ଗ୍ରାମର ଗୋପାଳ ସାହିର ୩ଟି ପରିବାରରେ ପଶି ଦୁର୍ବୃତ୍ତମାନେ ବିଭିନ୍ନ ଗୃହ ଉପକରଣ ସହ ଅର୍ଥ ଲୁଟ୍ କରିଥିବା ଜଣାପଡ଼ିଛି।

## ଡଙ୍କାରୀରେ ମୃତ ଶ୍ରମିକଙ୍କୁ ମିଳିନି କ୍ଷତିପୂରଣ

# ରେଡ୍‌କ୍ରସ୍ ପାଣ୍ଠି ପ୍ରଦାନ ନିଷ୍ପତ୍ତିକୁ ବିରୋଧ

**ଯାଜପୁର, ୨୦।୬(ସମିସ):** ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ ପାହାଡ ବିସ୍ଫୋରଣରେ ମୃତ୍ୟୁବରଣ ଶ୍ରମିକଙ୍କୁ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରିନି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଏବଂ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପାହାଡ଼ ଲୁଟ କରୁଥିବା ଖାଦାନ ଲିଜଧାରୀ ଶ୍ରମିକମାନଙ୍କୁ ଏହି ଅର୍ଥ ପ୍ରଦାନ ନ କରିବାରୁ ଜିଲ୍ଲାପାଳ ଏହି ଅର୍ଥ ରେଡ୍‌କ୍ରସରୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଜିଲ୍ଲା ପ୍ରଶାସନର ଏଭଳି ନିଷ୍ପତିକୁ ବିରୋଧ କରିଛି ଧର୍ମଶାଳା ପାହାଡ ପର୍ବତ ସୁରକ୍ଷା ମଞ୍ଚ। ମଞ୍ଚର ସଭାପତି ସତୀଶ ବିଶ୍ୱାଳ ଏଭଳି ନିଷ୍ପତିକୁ ବିରୋଧ କରି ଏ ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ଖବରରୁ ପ୍ରକାଶ, ଡଙ୍କାରୀର ଖାଦାନ ନମ୍ବର-୫/୧୦ରେ ୱାଗନ ହୋଲ୍ ପଥର ବ୍ଲାଷ୍ଟିଂରେ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ମୃତ ଶ୍ରମିକମାନେ ହେଲେ ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ଥାନାର ଝୋଲ୍ଲା ଗ୍ରାମର ସୁରେଶ ଗୌଡ, ଉମରକୋଟ ଥାନାର ପୂଜାରୀଗୁଡା ଗ୍ରାମର ଜଗବନ୍ଧୁ ମାଝୀ, ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲ୍ଲାର ଇଚ୍ଛାପୁରମର ନଲ୍ଲା ଉମାପତି। ଏଥିନେଇ ଗ୍ରୀନ୍ ଟ୍ରିବୁନାଲରେ କେସ୍ ହେବା ସହ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ତରଫରୁ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗ୍ରୀନ ଟ୍ରିବ୍ୟୁନାଲ ନିଷ୍ପତି ଅନୁସାରେ ମୃତ୍ୟୁବରଣ କରିଥିବା ପ୍ରତ୍ୟେକ ଶ୍ରମିକଙ୍କୁ ୨ ଲକ୍ଷ ୫୦ ହଜାର ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ତଦନୁସାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ପ୍ରଦାନ କରି ୩ ମୃତ ଶ୍ରମିକ ପରିବାରକୁ ୭ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଏଥିନେଇ ଯାଜପୁର ଜିଲ୍ଲାପାଳ ଉପ ନିର୍ଦ୍ଦେଶକ ଖଣି (ଲଘୁ ଖଣିଜ ଦ୍ରବ୍ୟ)ଙ୍କୁ ପତ୍ର ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲାପାଳଙ୍କ ପତ୍ର ଅନୁସାରେ ଶ୍ରମିକମାନଙ୍କୁ ଏହି ଅର୍ଥ ପ୍ରଦାନ କରି କରିବାକୁ ଲିଜଧାରୀ ନାରାୟଣ ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲିଜଧାରୀ ମୃତ ଶ୍ରମିକ ମାନଙ୍କ ପରିବାରକୁ ଏହି ଟଙ୍କା ପ୍ରଦାନ ନ ରିବାରୁ ଯାଜପୁର ଜିଲ୍ଲାପାଳଙ୍କୁ ଉପନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟ ଏହି ଅର୍ଥ ରେଡକ୍ରସରୁ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହି ଅର୍ଥ ରେଡକ୍ରସରୁ ପ୍ରଦାନ କରିବାକୁ ଆକାଉଣ୍ଟ ନମ୍ବର ପ୍ରଦାନ କରିବାକୁ ଉପନିର୍ଦ୍ଦେଶକ ଲଘୁ ଖଣିଜ ଦ୍ରବ୍ୟଙ୍କୁ ଯାଜପୁର ଜିଲ୍ଲାପାଳ ଚିଠି କରିଥିଲେ। ଏହାର ପ୍ରତିବାଦ କରି ସତୀଶ ମୁଖ୍ୟମନ୍ତ୍ରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। କୋର୍ଟ ଏବଂ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଲିଜଧାରୀ ଟଙ୍କା ପ୍ରଦାନ ନ କରିବା ନେଇ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

## ଅନ୍ୱେଷଣ ପରିବାର ପକ୍ଷରୁ ସହାୟତା ପ୍ରଦାନ

**ଯାଜପୁର, ୨୦।୬(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଯକୃତ ରୋଗରେ ପୀଡ଼ିତ ଯାଜପୁର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସନ୍ଦିପ୍ତ ରାୟଙ୍କୁ ସହାୟତା ପ୍ରଦାନ କରାଯାଇଛି। ଥିଏଟର ଗ୍ରୁପର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

## ପଶ୍ଚିମବଙ୍ଗରୁ ନାବାଳିକା ଅପହରଣ

# ଅଭିଯୁକ୍ତ କଳିଙ୍ଗନଗରରୁ ଗିରଫ

**ସୁକିନ୍ଦା, ୨୦।୬(ସମିସ):** ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ନାବାଳିକାକୁ ସେହି ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଯୁବକକୁ କଳିଙ୍ଗନଗରରୁ ଗିରଫ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ପଶ୍ଚିମବଙ୍ଗ ହୁଗୁଳି ତିଲଜଲା ଥାନା ଅଞ୍ଚଳର ଜାହିରୁଲ ହକମୁଲାଙ୍କ ପୁଅ ଅମନ ଅଲ୍ଲୀ ମୁଲ୍ଲା (୩୨) ଜଣେ ନାବାଳିକାକୁ ଅପହରଣ କରି ଲୁଚାଇ ରଖିଥିବା ତିଲଜଲା ଥାନାରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଅଭିଯୁକ୍ତ ନାବାଳିକାକୁ କୌଣସି ଏକାନ୍ତ ସ୍ଥାନରେ ରଖି ନିଜେ କଳିଙ୍ଗନଗର ଅଞ୍ଚଳରେ ରହିଥିବା ପଶ୍ଚିମବଙ୍ଗ ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ବହୁ କଷ୍ଟରେ ପଶ୍ଚିମବଙ୍ଗ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ପରେ ଅଭିଯୁକ୍ତ ଅମନ୍ ଅଲ୍ଲୀକୁ ଗିରଫ



କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲା। ଅଭିଯୁକ୍ତ କଳିଙ୍ଗନଗର ଅଞ୍ଚଳର ଏକ ଘରୋଇ କାରଖାନାରେ ଠିକା ଶ୍ରମିକ ଭାବେ କାମକରୁଥିବା ଜାଣିପାରିଥିଲା। ଗତ ଗୁରୁବାର ପଶ୍ଚିମବଙ୍ଗ ପୁଲିସର ଏକ ଟିମ୍ କଳିଙ୍ଗନଗର ପୁଲିସ ସହାୟତାରେ ସମ୍ପୃକ୍ତ ଯୁବକକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପୁଲିସ ଶୁକ୍ରବାର ସମ୍ପୃକ୍ତ ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ସୁକିନ୍ଦା କୋର୍ଟରେ ହାଜର କରି ପଶ୍ଚିମବଙ୍ଗ ନେଇଥିବା ଜଣାପଡ଼ିଛି।

## ସୁକିନ୍ଦା ବ୍ଲକ୍‌ରେ ନୂତନ ବିଡିଓ



**ସୁକିନ୍ଦା, ୨୦।୬(ସମିସ):** ସୁକିନ୍ଦା ବ୍ଲକରେ ନୂତନ ବିଡିଓ ଭାବେ ଯୋଗଦେଲେ ପ୍ରଜ୍ଞାପରମିତା ପୃଷ୍ଟି। ଶ୍ରୀମତୀ ପୃଷ୍ଟି ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଡେପୁଟି କଲେକ୍ଟର ଥିଲେ। ଶୁକ୍ରବାର କେନ୍ଦ୍ରାପଡ଼ାରୁ ସୁକିନ୍ଦା ବ୍ଲକକୁ ବଦଳି ହୋଇଆସିଛନ୍ତି। ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶୁକ୍ରବାର ନୂତନ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ପୂର୍ବତନ ବିଡିଓ ନମ୍ରତା ମୋଦୀ ନବନିଯୁକ୍ତ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଗତ କିଛିଦିନ ହେବ ବିଡିଓଙ୍କ ବଦଳି ପରେ ପଦବୀ ଖାଲି ପଡ଼ିଥିଲା ସେଥିପାଇଁ ନମ୍ରତା ମୋଦୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା।




# କନ୍ତପଡ଼ା ଛକରେ ପଡ଼ିଛି ହଜାରେ ଟ୍ରିପ୍ ମୋରମ

ଯାଜପୁର/କବାଟବନ୍ଧ, ୨୦।୬(ସମିସ)




ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ କନ୍ତପଡ଼ା ଛକ ନିକଟରେ ୧ହଜାର ଟ୍ରିପରୁ ଊର୍ଦ୍ଧ୍ୱ ହାଇୱା ମୋରମ ପଡ଼ିଥିବା ଦେଖିବାକୁ ମିଳିଛି। ଧର୍ମଶାଳା ତହସିଲର ବିଭିନ୍ନ ଜଙ୍ଗଲ କିସମ, କାଜୁ ଜଙ୍ଗଲ, ଗୋଚର, ଆଦି ସ୍ଥାନରୁ ମୋରମ ମାଫିଆ ମାନେ ବେଧଡ଼କ ମୋରମ ଉତ୍ତୋଳନ କରି ଜାତୀୟ ରାଜପଥ ଠିକା ସଂସ୍ଥା ଓ ଜିଲ୍ଲା ବାହାରକୁ ଚୋରା ଚାଲାଣ କରୁଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶ ପାଇବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ହେଉଛି। ଲଘୁ ଖଣିଜ ସମ୍ପଦ ରାଜସ୍ୱ ବିଭାଗରୁ ଖଣି ବିଭାଗକୁ ହସ୍ତାନ୍ତର ହେବା ପରେ ଧର୍ମଶାଳା ତହସିଲର ଜେନାପୁର ଥାନା ଅଞ୍ଚଳରେ ମୋରମ ଲୁଟ ବୃଦ୍ଧିପାଇଛି। ଏହାକୁ ନିୟନ୍ତ୍ରଣ ତଥା ଚୋରି ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଟାସ୍କଫୋର୍ସ ଏବଂ ସବଡିଭିଜନାଲ କମିଟି ଗଠନ କରାଯାଇଛି। ଏହି କମିଟିରେ ସବ କଲେକ୍ଟର, ତହସିଲଦାର, ଖଣି ଉପନିର୍ଦ୍ଦେଶକ, ବନ ଅଧିକାରୀ, ଥାନା ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ସାମିଲ ଅଛନ୍ତି। ଜିଲ୍ଲାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନେଇ ଗଠନ କରାଯାଇଥିବା କମିଟି କିନ୍ତୁ ସ୍ଥାଣୁ ପାଲଟିଛି। ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କନ୍ତପଡ଼ା ବଳରାମପୁର ଛକ ନିକଟରେ ନିର୍ମାଣାଧୀନ ଫ୍ଲାଏଓଭର ବ୍ରିଜରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଟ୍ରିପ୍ ହାଇୱା ଚୋରା ମୋରମ ପଡ଼ିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ପ୍ରଶାସନ ଅବଗତ ଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହସ ସଞ୍ଚୟ କରି ପାରୁ ନାହିଁ। ତାହା ନ ହୋଇଥିଲେ ବିପୁଳ ପରିମାଣର ଚୋରା ମୋରମ ପଡ଼ିଥିବା ଜାଣି ମଧ୍ୟ ତାହାକୁ ଜବତ କରୁନାହିଁ କାହିଁକି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଏତେ ପରିମାଣର ମୋରମକୁ ତଦନ୍ତର ଆବଶ୍ୟକତା ରହିଛି। କିନ୍ତୁ ପ୍ରଶାସନ ଏସବୁକୁ ଅଣଦେଖା କରି ମାଫିଆଙ୍କୁ ଉତ୍ସାହିତ କରୁଥିବା ଅନୁଭବ ହେଉଛି। ଗତ ୫ ମାସ ମଧ୍ୟରେ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ମୋରମ ଲୁଟ ହୋଇଥିଲେ ମଧ୍ୟ କୌଣସି ଜଣେ ମାଫିଆଙ୍କ ପାଖରେ ପହଞ୍ଚି ପାରୁନି ପ୍ରଶାସନ। ଅଞ୍ଜିରା, ଚକ୍ରଧରପୁର ପଞ୍ଚାୟତ ଆଦି ପଞ୍ଚାୟତର, ନୂଆସାହି, କାଜୁ ଜଙ୍ଗଲ, ବିଛାଖଣ୍ଡି, ମହୁଲଖଣି, ଆଦି ସ୍ଥାନରୁ ହଜାର ହଜାର ଟ୍ରିପ ମୋରମ ଲୁଟ କରି ଉକ୍ତ ସ୍ଥାନକୁ ମାଫିଆ ମାନେ ଜଳାଶୟରେ ପରିଣତ କରିଛନ୍ତି। ଜେନାପୁର ଥାନା ଅଞ୍ଚଳର ବାଲିସାହି, କାଲୁଣିଗୋଡ଼ା, ମହୁଲଖଣି, ବିଛାଖଣ୍ଡି, ତାରିଣୀ ଛକ, କାଲୁଣିଗୋଡ଼, କାଜୁ ଜଙ୍ଗଲ ଆଦି ସ୍ଥାନରୁ ଲୁଟ ହୋଇଥିବା ମୋରମର ତଦନ୍ତ କରି କେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସକାଳ

THE SAKALA

## ସମ୍ପାଦକୀୟ



ଭଲ ମଣିଷର ମାନ୍ୟତା ପାଇବାକୁ ହେଲେ ଦୁରାଚାରୀ ସହିତ ଯୁଦ୍ଧ ଏବଂ ପଡ଼ୋଶୀ ସହିତ ସର୍ବଦା ଶାନ୍ତି ସହାବସ୍ଥାନ ବଜାୟ ରଖିବାକୁ ହୁଏ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ଦୂଷିତ ଓ ବିଷାକ୍ତ

ଦେଶ ଦୁନିଆ ବହୁତ ଆଗେଇଲାଣି। ଲୋକଙ୍କ ରୁଚି ଓ ଚଳଣି ମଧ୍ୟ ବଦଳି ଗଲାଣି। ଘରୁ ଗୋଡ଼କାଢ଼ିଲେ ବଜାରଘାଟରୁ ୧୦ ଟଙ୍କା ଓ ୨୦ ଟଙ୍କାରେ ପାଣି କିଣି ପିଉଛୁ। ବଜାରରୁ ଆପଣା ରୁଚି ଅନୁଯାୟୀ ଜଳଖିଆ କିଣି ଖାଉଛୁ। ଏହା କେବଳ ସହରାଞ୍ଚଳରେ ସୀମିତ ନାହିଁ। ସହରତଳି ଗ୍ରାମୀଣ ପରିବେଶରେ ସେହି ଏକାପ୍ରକାରର ଜୀବନଯାତ୍ରା। ମାତ୍ର ଆମେ କେବେ ବିଚାର କରିଛେ ଯେଉଁ ବଟଲର ପ୍ଲାଣ୍ଟରୁ ପାଣି ଆସି ବଜାରରେ ବିକ୍ରି ହେଉଛି ତାହାର ମାନ କ'ଣ? ପାଟି ସୁଆଦ ପାଇଁ ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟ ନିର୍ବିଚାରରେ ଖାଇଚାଲିଛୁ। କ୍ରେତା ଓ ବିକ୍ରେତା କେହି ସ୍ୱାସ୍ଥ୍ୟ ପ୍ରତି ସଚେତନ ନୁହନ୍ତି। ନ ହେଲେ ରାଜ୍ୟର ଆଗୁଆ ଜିଲ୍ଲା ଯାଜପୁରଠାରୁ ଆରମ୍ଭ ହୋଇଥିବା ଡାଏରିଆ ୧୦ଟି ଜିଲ୍ଲାକୁ ସଂକ୍ରମିତ ହୋଇ ନଥା'ନ୍ତା। ହଜାର ହଜାର ରୋଗୀ ଶଯ୍ୟା ସୁବିଧା ଥାଇ କି ନ ଥାଉ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ପଡ଼ି ନଥା'ନ୍ତେ। କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରି ରିପୋର୍ଟ ଦେଇଛନ୍ତି। ସଂକ୍ରମଣ କାରଣ ହେଉଛି ଦୂଷିତ ପାନୀୟ ଜଳ ଓ ବିଷାକ୍ତ ଖାଦ୍ୟ। ସମଗ୍ର ବିଶ୍ୱରୁ କଲେରା ବା ହଇଜା ବିଲୁପ୍ତ ହେବାକୁ ବସିଥିବା ବେଳେ ଓଡ଼ିଶାରେ ୧୬ ଜଣ ରୋଗୀଙ୍କଠାରେ ଏହି ଜୀବାଣୁ ଥିବାର ପରିଲକ୍ଷିତ ହୋଇଛି। ଏ କଥା ସତ ଯେ ବର୍ଷାଋତୁ ଆସିବା ପରେ କିଛି ଅଞ୍ଚଳରେ ଝାଡ଼ାବାନ୍ତି ରୋଗ ପରିଲକ୍ଷିତ ହୁଏ। କିନ୍ତୁ ଏ ପର୍ଯ୍ୟନ୍ତ ରାଜ୍ୟକୁ ମୌସୁମୀର ବିଧିବଦ୍ଧ ଆଗମନ ହୋଇନି। କିନ୍ତୁ ଡାଏରିଆ ମାଡ଼ି ଚାଲିଛି ଗୋଟିକ ପରେ ଗୋଟିଏ ଜିଲ୍ଲାକୁ।

ସରକାର ମାନନ୍ତୁ କି ନ ମାନନ୍ତୁ ରାଜ୍ୟରେ ୨୩ରୁ ଉର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତି ଓ ହଇଜାରେ ମଲେଣି। ଅଥଚ ବିକଶିତ ରାଜ୍ୟର ସ୍ୱପ୍ନ ଦେଖାଇ ଲୋକଙ୍କୁ ଭୁଆଁ ବୁଲାଇବାରେ ଟିକିଏ ବି ହେଳା କରୁନାହାନ୍ତି ସରକାର। ଗ୍ରାମାଞ୍ଚଳ କଥା ଛାଡ଼ନ୍ତୁ, ସମସ୍ତ ସହରାଞ୍ଚଳକୁ ମଧ୍ୟ ଏ ଯାଏଁ ପାଇପ ଯୋଗେ ପାନୀୟ ଜଳଯୋଗାଣ ଆରମ୍ଭ ହୋଇନି। ଏ ଦିଗରେ ଆରମ୍ଭ ହୋଇଥିବା କାର୍ଯ୍ୟକୁ ସରକାର ବଦଳିବା ପରେ ବନ୍ଦ ରଖାଯାଇଛି। ପଞ୍ଚାୟତ ସ୍ତରରେ ମୁଣ୍ଡ ଟେକିଥିବା ପାଣି ଟାଙ୍କି ସେମିତି ଶୁଖିଲା ପଡ଼ିଛି। ନଳକୂପ ଖନନ କାର୍ଯ୍ୟ ପ୍ରତି ନିଘା ନାହିଁ। ବର୍ଷ ପୂର୍ତ୍ତି ଉତ୍ସବରେ ସରକାର ମାତିଛନ୍ତି, ସଭାସମିତିରେ ଡବଲ୍ ଇଞ୍ଜିନ ସରକାରର ଗୁଣଗାନ କରିଚାଲିଛନ୍ତି। ଅଥଚ ରାଜ୍ୟରେ ଡାଏରିଆ ମହାମାରୀର ରୂପ ନେଉଛି। କେନ୍ଦ୍ରୀୟ କମିଟି ରିପୋର୍ଟରେ ଦିଆଯାଇଥିବା ପରାମର୍ଶକୁ ପଢ଼ିଲେ ବା ଶୁଣିଲେ ସରମରେ ମୁଣ୍ଡ ନୋଇଁଯାଉଛି। ନିଜ ସ୍ଥାନକୁ ଠିକଣା ରୂପେ ନିରୂପଣ କରିପାରୁ ନଥିବା ସରକାର ବିକାଶ ଯୋଜନାରେ ମିଛ ବାହୁସ୍ଫୋଟ ମାରିଚାଲିଛନ୍ତି। ଏହାକୁ କେବଳ ସମୟର ବିଡ଼ମ୍ବନା କହିବା ନି ତ ଆଉ କ'ଣ କହିବା?

ରାଜନୈତିକ ବାଛବିଚାରର ସମ୍ମୁଖୀନ ହୋଇଛି ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତି। ପୂର୍ବ ସରକାରଙ୍କ ଉନ୍ନୟନ କାର୍ଯ୍ୟ ସେମିତି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। କାରଣ ଆଞ୍ଚଳିକ ସ୍ତରରେ ଏବେ ମଧ୍ୟ ବିରୋଧୀ ଦଳର ପ୍ରାଧାନ୍ୟ ରହିଛି। ଏହି ଉନ୍ନୟନ କାର୍ଯ୍ୟରେ ସର୍ବାଧିକ ଗୁରୁତ୍ୱ ପାନୀୟ ଜଳ ଯୋଗାଣକୁ ଦିଆଯାଉ ନ ଥିବାରୁ ତାହା ଏବେ ସବୁଠାରୁ ଅଧିକ ଅବହେଳିତ ଅବସ୍ଥାରେ ପହଞ୍ଚିଛି। ସରକାର ଅପେକ୍ଷା କରିଛନ୍ତି ପରବର୍ତ୍ତୀ ନିର୍ବାଚନକୁ। ତାଙ୍କ ଦଳ ପଞ୍ଚାୟତ ସ୍ତରରେ କ୍ଷମତାକୁ ଆସିଲେ ହିଁ ଅର୍ଥ ମଞ୍ଜୁର କରାଯିବ। ଆମକୁ ଏଠାରେ ମନେ ରଖିବାକୁ ହେବ ଯେ ଶାସନ ବ୍ୟବସ୍ଥା ଏକ ନିରଙ୍କୁଶ ପ୍ରବାହ। ଦଳୀୟ କ୍ଷମତା ନିର୍ବିଶେଷରେ ଏହି ପ୍ରବାହକୁ ଜାରି ରଖିବାକୁ ପଡ଼ିବ। ଏବେ ଯେତେବେଳେ କୁହାଯାଉଛି ଜଳ ଉତ୍ସକୁ ଯାଞ୍ଚ କରି ବିଶୋଧନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବ, ତାହାକୁ କିଏ କିପରି କରିବ? ଅବଶ୍ୟ ପଞ୍ଚାୟତି ରାଜ୍ୟ ବିଭାଗ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରି ବ୍ୟବସ୍ଥାକୁ ସୁଧାରିବା ବ୍ୟତୀତ ଅନ୍ୟ ଗତି ନାହିଁ। ତୃଣମୂଳସ୍ତରରେ ତାହାର ସକ୍ରିୟତା ଓ ବ୍ୟୟବହୁଳତାକୁ ନେଇ କିଛି ମତାମତ ନ ଦେବା ଭଲ। କର୍ତ୍ତୃପକ୍ଷ ଯେଉଁ ଜଳ ଉତ୍ସ କଥା ଉଲ୍ଲେଖ କରିଛନ୍ତି ସେଥିରେ ସହରାଞ୍ଚଳ ମଧ୍ୟ ଆସୁଛି। ନଦୀକୂଳରେ ମୁଣ୍ଡ ଟେକିଥିବା ଅଧିକାଂଶ ସହରର ପାନୀୟ ଜଳ ଆବଶ୍ୟକତା ପୂରଣ କରିଥାଏ ସେହି ନଦୀଜଳ। ଆମ ରାଜ୍ୟରେ ଏମିତି କୌଣସି ନଦୀ ନାହିଁ, ଯାହାର ଜଳ ପ୍ରଦୂଷିତ ଓ ବିଷାକ୍ତ ନୁହେଁ। ତାହାକୁ ପାନୀୟ ଜଳ ରୂପେ ବ୍ୟବହାର କରାଯାଉଥିବା ବେଳେ ଉପଯୁକ୍ତ ବିଶୋଧକ ପ୍ରତି କର୍ତ୍ତୃପକ୍ଷ ଉଚିତ ଧ୍ୟାନ ଦେଉଛନ୍ତି ତ? ସରକାର ନିର୍ବିଶେଷରେ ଏମିତି କିଛି କଥା ଅଛି, ଯାହାର ସାର୍ବଜନିନ ଆଭିମୁଖ୍ୟର ଗୁରୁତ୍ୱ ସବୁକାଳେ ରହିଛି। ଏ କ୍ଷେତ୍ରରେ ରାଜନୈତିକ ପକ୍ଷପାତିତା ରହିବା ଉଚିତ ନୁହେଁ।

ଆମ ସହରୀଜୀବନରେ ପରିଲକ୍ଷିତ ପରିବର୍ତ୍ତନ ଦୃଷ୍ଟି କଟୁ ଲାଗିଲେ ମଧ୍ୟ ତାହାକୁ ସମସ୍ତେ ଏକପ୍ରକାର ବରଦାସ୍ତ କରିବାକୁ ବାଧ୍ୟ ହେଉଛନ୍ତି। ଏମିତି ଦେଖିବାକୁ ଗଲେ ଏବେକାର ପରିବାର ଓ ସଂସାର ଛୋଟିଆ। ଜଞ୍ଜାଳ ମଧ୍ୟ ଅପେକ୍ଷାକୃତ କମ୍। ଏ ସବୁ ସତ୍ତ୍ୱେ ରୋଷେଇ ପ୍ରତି ଅନାଗ୍ରହ ପ୍ରାୟ ଅଧିକାଂଶ ପରିବାରରେ ଅନୁଭୂତ ହେଉଛି। ଜଳଖିଆଠାରୁ ରାତ୍ରିଭୋଜନ ପର୍ଯ୍ୟନ୍ତ ସବୁ ସେହି ରାସ୍ତାକଡ଼ର ଦୋକାନ ଉପରେ ନିର୍ଭରଶୀଳ। ତାହାର ଖାଦ୍ୟୋପଯୋଗିତା ପ୍ରତି କାହାର ନଜର ନାହିଁ। 'ପାଟି ସୁଆଦ ଓ ରୋଗ ବରାଦ' ନୀତିରେ ସମସ୍ତେ ଅଗ୍ରସର। ମୁହଁରେ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପରସ୍ପରଙ୍କୁ ପରାମର୍ଶ ଦେଉଥିଲେ ମଧ୍ୟ କର୍ମରଙ୍କୁଣା ମାନସିକତା ମଣିଷକୁ ଏତେ ନିକମା କରିଦେଇଛି ଯେ ଅର୍ଥ ବିନିମୟର ରୋଗ କିଣୁଛି। ଏବେ ଯେଉଁ ଝାଡ଼ାବାନ୍ତି ଓ ହଇଜା ସଂକ୍ରମଣ ବୃଦ୍ଧି ପାଇଛି, ତାହା ପଛରେ ଏହା ଅନ୍ୟତମ କାରଣ। ସରକାରୀ କଳର ଯାଞ୍ଚ ଓ ବିଶୋଧନ ପ୍ରକ୍ରିୟା ପରିସ୍ଥିତିକୁ କେତେ ଶୀଘ୍ର ସୁଧାରି ପାରିବ ସେ ନେଇ ସନ୍ଦେହ ରହିଛି। ବଡ଼ କଥା ହେଉଛି ସ୍ୱାସ୍ଥ୍ୟ ସଚେତନତା ପ୍ରଥମେ ଘରୁ ଆରମ୍ଭ ହେବା ଉଚିତ। ତା' ପରେ ଯାଇ ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା।

ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟ ସମ୍ପର୍କରେ ଉଲ୍ଲେଖ କଲା ବେଳେ ଆମେ ନିଜକୁ ସୁଧାରିବାର ଯେଉଁ ସୁଯୋଗ ଅଛି ସେଥିପ୍ରତି ଯଥେଷ୍ଟ ସଚେତନ ହେବା ଜରୁରୀ। ସହରୀ ଜୀବନରେ ଘରେ ଘରେ ପାନୀୟ ଜଳ ବିଶୋଧନ ବ୍ୟବସ୍ଥା ଥିଲେ ମଧ୍ୟ ବାହାରୁ ଥଣ୍ଡାପାନୀୟ ପିଇବାର ଅଭ୍ୟାସକୁ ଆମେ ଛାଡ଼ିପାରୁନାହାନ୍ତି। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଉଭୟ ଥଣ୍ଡାପାନୀୟ ଓ ରାସ୍ତାକଡ଼ର ପାଟିସୁଆଦ ଖାଦ୍ୟ ଲାଳସା ତ୍ୟାଗ କରିବା ଆବଶ୍ୟକ। ଏହିଦୃଷ୍ଟିରୁ ଗ୍ରାମାଞ୍ଚଳର ସ୍ଥିତି ବର୍ଷା ଦିନରେ ଆହୁରି ସାଂଘାତିକ। ତେଣୁ ପିଇବା ପାଣି ଫୁଟାଇବା ସହ ହାଲୋଜେନ୍ ବଟିକା ବ୍ୟବହାର କରାଯାଇପାରେ। ଏ ସବୁକୁ ବାଦ୍ ଦେଲେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ଜିଲ୍ଲା ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠାରେ ପର୍ଯ୍ୟାପ୍ତ ଔଷଧ ବ୍ୟବସ୍ଥା ସହ ଚିକିତ୍ସା ଓ ସେବା ପାଇଁ ସରକାର ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତିକୁ ଅଗ୍ରାଧିକାର ଦେବା ଉଚିତ। ଏ କ୍ଷେତ୍ରରେ ସରକାର କେତେଦୂର ସକ୍ଷମ ହେବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି।

## 'ଡନିଂ-କ୍ରୁଗର'ର ମାୟାଜାଲ

**ବିମଳ ଷଡ଼ଙ୍ଗୀ**

ଯୁକ୍ତିବାଦୀ ଚିନ୍ତାନାୟକମାନଙ୍କ ଦ୍ୱାରା ସଂକଳିତ ଏକ ତଥ୍ୟ ଦର୍ଶାଏ ଯେ ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ଅତିକମରେ ୬୦୬ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି, ଯାହା ବାର୍ଷିକ ହାରାହାରି ସଂଖ୍ୟା ୫୦ ରୁ ଅଧିକ। ୨୦୧୩ ମସିହାରେ 'ଓଡ଼ିଶା ଗୁଣିଗାରେଡ଼ି ନିବାରଣ ଆଇନ' ପ୍ରଣୟନ ହେବା ସତ୍ତ୍ୱେ ଏପରି ଘଟଣା ପାଇଁ ଓଡ଼ିଶା ଦେଶର ଶୀର୍ଷ ରାଜ୍ୟ ମଧ୍ୟରେ ନିରନ୍ତର ସ୍ଥାନ ପାଇଆସୁଛି। ଏହାର ମୁଖ୍ୟ କାରଣ କେବଳ ଅନ୍ଧବିଶ୍ୱାସ, ସୀମିତ ଶିକ୍ଷା ଓ ସଚେତନତାର ଅଭାବ ନୁହେଁ, ବରଂ 'ଡନିଂ-କ୍ରୁଗର'ମାନଙ୍କ ପ୍ରତି ସାଧାରଣ ଜନତାଙ୍କ ଅତିରିକ୍ତ ବିଶ୍ୱାସ ମଧ୍ୟ ଏଥିପାଇଁ ଦାୟୀ।

ଆମେରିକାର ଦୁଇ ମନସ୍ତତ୍ତ୍ୱବିତ ଡେଭିଡ୍ ଡନିଂ ଓ ଜଷ୍ଟିନ୍ କ୍ରୁଗର ଏକ ନୂତନ ତଥ୍ୟକୁ ୧୯୯୯ ମସିହାରେ ଉଦ୍ଭାବନ କରିଥିଲେ, ଯାହାର ନାମ ସେହି ଦୁଇମନସ୍ତତ୍ତ୍ୱବିତ୍‌ଙ୍କ ନାମାନୁସାରେ 'ଡନିଂ-କ୍ରୁଗର' ରଖାଯାଇଛି। ସରଳରେ ଏହାର ଅର୍ଥ ଆତ୍ମସଚେତନତାର ଅଭାବ ହେତୁ କିଛି ଲୋକ ନିଜକୁ ଜ୍ଞାନୀ ବୋଲି ଭାବନ୍ତି ଏବଂ ତାହାକୁ ଅତି କୁଶଳତାର ସହିତ ସାଧାରଣ ଜନତାଙ୍କୁ ମାନିବାକୁ ବାଧ୍ୟ କରନ୍ତି ବା ମନାଇ ଦିଅନ୍ତି। ନିଜର ସ୍ୱାର୍ଥ ସାଧନ ପାଇଁ ସେମାନଙ୍କୁ ପଥଭ୍ରଷ୍ଟ କରାଇ ସମାଜରେ ଅସ୍ଥିରତା ସୃଷ୍ଟି କରନ୍ତି। ଡନିଂ-କ୍ରୁଗର ପ୍ରଭାବରେ ନିଜ ପ୍ରତିଭାକୁ ଅତିରଞ୍ଜିତ କରନ୍ତି ଏବଂ ସମ୍ଭାବ୍ୟ ଫଳାଫଳକୁ ବିଚାର ନ କରି ବିପଦ ସୃଷ୍ଟି କରିଥା'ନ୍ତି। ଉଦାହରଣ ସ୍ୱରୂପ, କିଛି ବ୍ୟକ୍ତି କହିବେ ମୋ ଖଟ ଦୌଡ଼ି ଦୌଡ଼ି ନଦୀ ପାଖକୁ ଗଲା ଏବଂ ପାଣି ପିଇ ଫେରିଆସି ମୋ ଶୋଇବା ପାଇଁ ବିଛଣା ପକାଇଲା। ହ୍ୱାଟ୍‌ସ୍ଆପରେ ଦିନରାତି ବୁଡ଼ିରହିଥିବା ବ୍ୟକ୍ତି କୁହନ୍ତି, ହେୟାର ଡ୍ରାୟର ମାଧ୍ୟମରେ ନାକରେ ଗରମ ପବନ ଦେଲେ କରୋନା ଦୂର ହୋଇଯାଏ।

ଅନେକ ବୈଜ୍ଞାନିକ ଓ ଚିନ୍ତକ କୁହନ୍ତି ଯେ ଯୁକ୍ତିଯୁକ୍ତତା, କୌତୂହଳ, ସନ୍ଦେହ ଓ ପ୍ରଶ୍ନ କରିବାର ଇଚ୍ଛା ଆଧାରରେ ଏକ ମାନସିକତା ସୃଷ୍ଟିର ପ୍ରୟାସ ଆଜିର ଶିକ୍ଷାବ୍ୟବସ୍ଥାର ମୂଳମନ୍ତ୍ର ହେବା ଜରୁରୀ। ବୈଜ୍ଞାନିକ ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ନେତା ଓ ବୈଜ୍ଞାନିକଙ୍କ ମତାମତକୁ ଆମେ ଉଦାହରଣ ରୂପେ ମଧ୍ୟ ନେଇପାରିବା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଥିଲେ ଜଣେ ବିଜ୍ଞାନ ପ୍ରବକ୍ତା। ସେ ଥରେ କହିଥିଲେ 'ବୈଜ୍ଞାନିକ ମନୋଭାବ ହେଉଛି ଜଣେ ମୁକ୍ତ ମଣିଷର ମନୋଭାବ।' ସେ ବିଶ୍ୱାସ କରୁଥିଲେ ଯେ ଜାତୀୟ ପ୍ରଗତି ପାଇଁ ବୈଜ୍ଞାନିକ ଚିନ୍ତାଧାରା ଅତ୍ୟାବଶ୍ୟକ ଏବଂ ଭାରତକୁ ଆଗକୁ ବଢ଼ିବା ପାଇଁ ଅନ୍ଧବିଶ୍ୱାସ ଓ ଭାଗ୍ୟବାଦକୁ ତ୍ୟାଗ କରିବାକୁ ପଡ଼ିବ। ସେ ସମୟରୁ ଭାରତୀୟ ସମ୍ବିଧାନରେ ଏକ ମୌଳିକ କର୍ତ୍ତବ୍ୟ ଭାବରେ 'ବୈଜ୍ଞାନିକ ମନୋଭାବ' ଲେଖାଯାଇଥିଲା, ଯାହା ଆଜି ବି ବିଦ୍ୟମାନ। କାର୍ଲ ସାଗାନ ଜଣେ ଆଗଧାଡ଼ିର ଜ୍ୟୋତିର୍ବିଜ୍ଞାନୀ, ଯାହାଙ୍କ ମତରେ 'ବିଜ୍ଞାନ ଜ୍ଞାନର ଏକ ଅଂଶ ନୁହେଁ ବରଂ ତା'ଠାରୁ ଯଥେଷ୍ଟ ଅଧିକ, ଯାହାକୁ ଚିନ୍ତା କରିବାର ଏକ ଉପାୟ କୁହାଯାଇପାରେ।' ସାଗାନ୍ ଛଦ୍ମବିଜ୍ଞାନ ବିଷୟରେ ଗଭୀର ଚିନ୍ତିତ ଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଯେତେବେଳେ ଅନ୍ଧବିଶ୍ୱାସ ଓ ରାଜନୀତି ଶିକ୍ଷାରେ ପ୍ରବେଶ କରିବ ସେତେବେଳେ ତାହା ସମାଜକୁ ଏକ ଅନ୍ଧକାରମୟ ଗହ୍ୱରକୁ ଟାଣିନେଇ ମାନବ ସଭ୍ୟତାକୁ ଧ୍ୱଂସ କରିଦେବ। ତାଙ୍କ ପୁସ୍ତକ 'ଦି ଡେମନ-ହଣ୍ଟେଡ୍ ୱାର୍ଲ୍ଡ'ରେ ସେ ଭୟ ଓ ଅଜ୍ଞତାର ପ୍ରତିଷେଧକ ଭାବରେ ସମାଲୋଚନାମୂଳକ ଚିନ୍ତାଧାରାକୁ ଅତି ଉଚ୍ଚସ୍ଥାନ ଦେଇଥିଲେ। ନୋବେଲ୍ ପୁରସ୍କାର ବିଜେତା ପଦାର୍ଥବିଜ୍ଞାନୀ ରିଚାର୍ଡ ଫେନିମ୍ୟାନ୍ କହିଥିଲେ ଯେ, 'ମୁଁ ପ୍ରଶ୍ନ କରାଯାଇ ନ ଥିବା ଉତ୍ତର ଅପେକ୍ଷା ଉତ୍ତର ଦିଆଯାଇ ନ ଥିବା ପ୍ରଶ୍ନ ରଖିବାକୁ ପସନ୍ଦ କରିବି।' ସେ ଅନ୍ଧବିଶ୍ୱାସ ପ୍ରଣାଳୀରେ ସମାଜରେ ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ଚେତାବନୀ ଦେଇଥିଲେ। ତାଙ୍କ ପାଇଁ ବୈଜ୍ଞାନିକ ମନୋଭାବର ଅର୍ଥ ହେଉଛି ନ ଜାଣିଥିବା ବିଷୟରେ ଜାଣିବାର ଇଚ୍ଛା ଏବଂ ସର୍ବଦା ନିଜର ଭୁଲକୁ ସଂଶୋଧନ କରିବାର ରାସ୍ତାକୁ ଖୋଲା ରଖିବା। ବିଶ୍ୱପ୍ରସିଦ୍ଧ ପଦାର୍ଥବିଜ୍ଞାନୀ ଆଲବର୍ଟ ଆଇନଷ୍ଟାଇନ୍ ଯୁକ୍ତି, ନୀତି ଓ ବୌଦ୍ଧିକ ସଚ୍ଚୋଟତାକୁ ସବୁଠାରୁ ଅଧିକ ଉଚ୍ଚ ଆସନ ଦେଇଥିଲେ ଏବଂ ବିଶ୍ୱାସ କରୁଥିଲେ ଯେ ଏକ ବୈଜ୍ଞାନିକ ବିଶ୍ୱଦୃଷ୍ଟିକୋଣ ମାଧ୍ୟମରେ ଆଶ୍ଚର୍ଯ୍ୟକର ବସ୍ତୁ ବା ପଦାର୍ଥର ଉଦ୍ଭାବନ ପାଇଁ ନିଜର ମନବୃତ୍ତିକୁ ଉନ୍ମୁକ୍ତ ରଖିବା ଉଚିତ, ଅହଂକାର ପାଇଁ ନୁହେଁ। ଭାରତର ନରେନ୍ଦ୍ର ଦାଭୋଲକରଙ୍କ ମତରେ ଚମତ୍କାର ବା ପ୍ରାକୃତିକ ନିୟମର ଉଲ୍ଲଂଘନ କରି ଯଦି କିଛି ଘଟେ, ତେବେ ଏହାର ଏକ କୌଣସି ନା କୌଣସି କାରଣ ଅଛି, ଯାହାର ତଦନ୍ତ କରାଯାଇପାରିବ। ଦାଭୋଲକର ଜଣେ ଭାରତୀୟ ଯୁକ୍ତିବାଦୀ ଥିଲେ, ଯିଏ ଅନ୍ଧବିଶ୍ୱାସ, କଳାଯାଦୁ ଏବଂ ନକଲି ଧର୍ମଗୁରୁଙ୍କ ବିରୁଦ୍ଧରେ ଲଢ଼ିଥିଲେ। ସେ ବୈଜ୍ଞାନିକ ମନୋଭାବକୁ ଏକ ନାଗରିକ ଦାୟିତ୍ୱ ଭାବରେ ସୂଚୀତ କରିଥିଲେ। ତାଙ୍କ ଦୃଷ୍ଟିକୋଣରେ ସବୁକିଛି ଉପରେ ପ୍ରଶ୍ନ କରନ୍ତୁ। ଏପରିକି ଆପଣଙ୍କ ନିଜସ୍ୱ ବିଶ୍ୱାସକୁ ମଧ୍ୟ।

ପ୍ରମାଣ ଓ ଦାବିଗୁଡ଼ିକର ମୂଲ୍ୟାଙ୍କନ କରିବା ସମୟରେ ନିଜର ଭାବନା ଓ କାର୍ଯ୍ୟକୁ ସମାଲୋଚନାମୂଳକ ଭାବରେ ଚିନ୍ତା କରିବା ହେଉଛି ସଶକ୍ତୀକରଣର ଏକ ରୂପ। ଅନ୍ଧ ବିଶ୍ୱାସକୁ ଆହ୍ୱାନ କରିବା ଅର୍ଥ ଅଯୌକ୍ତିକତା ଉପରେ ଆକ୍ରମଣ। ବିଜ୍ଞାନକୁ କେବଳ ଆନୁଷ୍ଠାନିକ ଶିକ୍ଷା ମାଧ୍ୟମରେ ପଢ଼ିଲେ ବା ବିଜ୍ଞାନ ଛାତ୍ରଛାତ୍ରୀ ହେଲେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରେ ନାହିଁ। କେବଳ କୌଣସି ଘଟଣାର କାରଣ ଖୋଜିଲେ ବିଜ୍ଞାନକୁ ବୁଝିହୁଏ। ଦୁଃଖର ବିଷୟ ଅନେକ ସମୟରେ ଶିକ୍ଷାଜଗତର କିଛି ବ୍ୟକ୍ତି ଏହି ଧାରାରୁ ମଧ୍ୟ ମୁକ୍ତ ନଥା'ନ୍ତି। ସେମାନେ ମଧ୍ୟ ଡନିଂ-କ୍ରୁଗର ଦ୍ୱାରା ପ୍ରଭାବିତ ହୋଇ ନିଜର ଅବୈଜ୍ଞାନିକ ମତାମତ ଦ୍ୱାରା ସାଧାରଣ ଲୋକଙ୍କୁ ଭୁଲ ବାଟରେ ପରିଚାଳିତ କରିଥା'ନ୍ତି। ଉଦାହରଣ ସ୍ୱରୂପ ୨୦୨୧ ମସିହାରେ, ଭାରତର ଜଣେ ବିଚାରପତି ଘୋଷଣା କରିଥିଲେ ଯେ ଗାଈ ହେଉଛି ଏକମାତ୍ର ପ୍ରାଣୀ, ଯେଉଁମାନେ ଅମ୍ଳଜାନ ଗ୍ରହଣ କରନ୍ତି ଏବଂ ନିଃଶ୍ୱାସରେ ମଧ୍ୟ ଅମ୍ଳଜାନ ତ୍ୟାଗ କରନ୍ତି। କିଛିଦିନ ପୂର୍ବରୁ ଜଣେ ଆଇଆଇଟିର ନିର୍ଦ୍ଦେଶକ ତାଙ୍କ ଅଞ୍ଚଳରେ ବାଦଲ ଫଟା ମେଘ ଏବଂ ଭୂସ୍ଖଳନର କାରଣ ଭାବରେ ଜନସାଧାରଣଙ୍କ ମାଂସ ଖାଇବାକୁ ଦାୟୀ କରିଥିଲେ, ଯାହା ସାଧାରଣ ବ୍ୟକ୍ତିଙ୍କୁ ଅନେକ ସମୟରେ ଦ୍ୱିଧାରେ ପକାଇଥାଏ।

ବିଜ୍ଞାନ ହେଉଛି ବିସ୍ତୃତ, ଯାହା ପ୍ରାୟତଃ ଭୁଲ ବୁଝାଯାଇଥିବା କ୍ଷେତ୍ରକୁ ସବୁସମୟରେ ଖୋଜି ପାଇବାକୁ ବ୍ୟାକୁଳିତ ଏବଂ ମାନବ ସମାଜର କଲ୍ୟାଣ ପାଇଁ ପ୍ରମାଣ ଆଧାରରେ ବିଭିନ୍ନ ଉପାୟ ସ୍ଥିରୀକୃତ କରିବାକୁ ପ୍ରୟାସ ଜାରି ରଖିଥାଏ। ବାହ୍ୟ ଜଗତକୁ ଜାଣିବା ପାଇଁ ବିଜ୍ଞାନ ହେଉଛି ଆମର ସବୁଠାରୁ ଶକ୍ତିଶାଳୀ ଉପକରଣ। ଏହା ପରୀକ୍ଷଣ ଓ ସତ୍ୟର ସନ୍ଧାନ ଉପରେ ପର୍ଯ୍ୟବସିତ। ବୈଜ୍ଞାନିକ ପଦ୍ଧତି କୌଣସି ବ୍ୟକ୍ତିଙ୍କୁ ବିଶ୍ୱାସ କରିବାକୁ କୁହେ ନାହିଁ, ବରଂ ପ୍ରଶ୍ନ କରିବାକୁ କହିଥାଏ। ବିଜ୍ଞାନ ଆମକୁ ଆଣ୍ଟିବାୟୋଟିକ୍, ଉପଗ୍ରହ, ଆପେକ୍ଷିକ ତତ୍ତ୍ୱ ଭଳି ଅନେକ ମାନବ କଲ୍ୟାଣକାରୀ ଜ୍ଞାନ ଦେଇଛି। ଏହା ଆମକୁ ଜଳବାୟୁ ପରିବର୍ତ୍ତନ, ମହାମାରୀ ଓ ଆମର ନିଜସ୍ୱ ଜ୍ଞାନର ସୀମା ବିଷୟରେ ମଧ୍ୟ ଚେତାବନୀ ଦେଇଛି। ଡନିଂ-କ୍ରୁଗର ପ୍ରଭାବରେ ବ୍ୟକ୍ତି ଅନ୍ଧବିଶ୍ୱାସ ଓ ବିଜ୍ଞାନ ମଧ୍ୟରୁ ଅନ୍ଧବିଶ୍ୱାସକୁ ଉଚ୍ଚ ଭାବରେ ଉପସ୍ଥାପନ କରି ବିଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାନ କରେ(ଯଥା ନିଆଁ ଉପରେ ଚାଲିବା, ରୋଗରୁ ମୁକ୍ତି ପାଇଁ ପଶୁବଳି ଇତ୍ୟାଦି)। ଏଥିସହିତ ଯାଦୁକରୀ ମିଥ୍ୟା ଚିନ୍ତାଧାରାକୁ ମଧ୍ୟ ପ୍ରଚାରପ୍ରସାର କରେ। ସମାଜକୁ ଶାନ୍ତି ଦେବା ବଦଳରେ ଅଶାନ୍ତିର ବୀଜ ବପନ କରିଚାଲେ। ସେ ସମୟରେ ଲୋକଙ୍କୁ ସବୁକିଛି ପ୍ରେମ ଓ ଆଲୋକ ବୋଲି କହି ବିଜ୍ଞାନ ବିରୁଦ୍ଧରେ ପ୍ରଚାରକରି ନିଜର ସୁବିଧା ହାସଲ କରେ।

ତେଣୁ ଏହିପରି ଡନିଂ-କ୍ରୁଗରଙ୍କଠାରୁ ଅଚେତନ ଜନତାଙ୍କୁ ସଚେତନ କରିବାକୁ ହେଲେ ଶିଶୁ, କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ମଧ୍ୟରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବକୁ ଉଜ୍ଜୀବିତ କରିବା ସହିତ ପ୍ରମାଣ ଆଧାରରେ ଅନ୍ଧବିଶ୍ୱାସକୁ ଦୂରକରି ସମାଜର କଲ୍ୟାଣ ପାଇଁ ସର୍ବାଦୌ କାର୍ଯ୍ୟକରିବାର ଆବଶ୍ୟକତା ରହିଛି।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ସମ୍ପର୍କରେ ସଙ୍କଟ

**ପାର୍ଥସାରଥୀ ରାଉତ**

ସତରେ ଭାରି ସାଂଘାତିକ ସମୟ ଚାଲିଛି। ଫ୍ରିଜ୍ ଦେଖିଲେ ସ୍ତ୍ରୀ ମନରେ ଅଜବ ଚିନ୍ତା ଆସୁଛି। ନୀଳ ରଙ୍ଗର ବଡ଼ ଡ୍ରମ୍ ଦେଖିଲେ ସ୍ୱାମୀ ମନରେ ଛନକା ପଶୁଛି। ବକ୍ସ ଖଟ ଦେଖିଲେ ସ୍ୱାମୀ ଚମକୁଛି ତ କାର୍ ଡିକି ଦେଖିଲେ ଭୟରେ ଶିହରି ଉଠୁଛି ସ୍ତ୍ରୀ। ନିକଟ ଅତୀତରେ ଏହିପରି ଅଭାବିତ ଘଟଣାକ୍ରମ ଦେଖିବା ପରେ ଏମିତି ଏକ ଉପସଂହାର ଟାଣିବାକୁ ଅନେକ ବାଧ୍ୟ ହେଉଛନ୍ତି। ଦିଲ୍ଲୀର ଶ୍ରଦ୍ଧା ୱାକର, ନିକି ଯାଦବ ଏବଂ ମିରଟର ବହୁଚର୍ଚ୍ଚିତ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ମାମଲା ପରଠାରୁ ଉପରୋକ୍ତ ଜାଗାସବୁ ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼ିଛି। ମାତ୍ର ଇତିମଧ୍ୟରେ ଆଉକିଛି ସ୍ୱର୍ଶକାତର ଘଟଣା ଘଟିଛି, ଯାହାଫଳରେ ଏହି ଫ୍ରିଜ୍-ଡ୍ରମ୍ ତାଲିକାରେ ଆଉ କିଛି ସ୍ଥାନ ଯୋଡ଼ି ହୋଇଯାଇଛି।

କର୍ପୋରେଟ ଜଗତରେ ସମ୍ପର୍କ ତଡ଼ିତ ବେଗରେ ବିଗିଡ଼ିବାରେ ଲାଗିଛି। ସମ୍ପର୍କରେ ସଙ୍କଟ ସୃଷ୍ଟି ହେବା କିଛି ନୂଆ କଥା ନୁହେଁ। କିନ୍ତୁ ଏବେ ଯେଉଁ ସ୍ଥିତି ଉପୁଜିଛି, ତାହା ଦାମ୍ପତ୍ୟ ସମ୍ପର୍କକୁ ଅତ୍ୟନ୍ତ ବିପଦଜନକ ମୋଡ଼ରେ ପହଞ୍ଚାଇଦେଇଛି। ବିବାହ ପରେ ନବଦମ୍ପତି ହନିମୁନ ଯିବା ଆମ ସାମ୍ପ୍ରତିକ ଚଳଣିର ଅଂଶବିଶେଷ ହୋଇଯାଇଛି। ଏଠାରେ କହିବା ଅପ୍ରାସଙ୍ଗିକ ହେବ ନାହିଁ ଯେ ସମୟ ଏତେ ସାଂଘାତିକ ହୋଇଯାଇଛି ଯେ ହନିମୁନ ଯିବା ବି ନିରାପଦ ନୁହେଁ। ଯଦି ହନିମୁନ ଉଦ୍ଦେଶ୍ୟରେ ନବଦମ୍ପତି କୌଣସି ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାଉଛନ୍ତି ତ ଆପାତତଃ ବିପଦ ନାହିଁ। କିନ୍ତୁ ସ୍ଥାନଟି ଯଦି ନିରୋଳା, ନିଛାଟିଆ ରିସର୍ଟ, ହୋଟେଲ ଅଥବା ବଙ୍ଗଳା, ତା'ହେଲେ ସୁଖଦ ସମୟ ବିତାଇବାକୁ ନିରାପଦ ମଣୁନାହାନ୍ତି। ଇନ୍ଦୋରର ନବଦମ୍ପତି ହନିମୁନରେ ମେଘାଳୟରେ ନିଖୋଜ ହେବା ଘଟଣା ପଛର ସତ୍ୟ ପଦାକୁ ଆସିବା ପରେ ଷଡ଼ଯନ୍ତ୍ର, ସନ୍ଦେହ ଓ ସଂଶୟର ଏ ନୂଆ ଧାରା ଆରମ୍ଭ ହୋଇଛି। ବିବାହର ମାତ୍ର ତେର ଦିନ ପରେ 'ସୁପାରୀ କିଲର'ନିୟୋଜିତ କରି ସ୍ୱାମୀ ରାଜ ରଘୁବଂଶୀଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି ସୋନମ। ଏହି ଘଟଣା ପରେ ଘର ଛାଡ଼ି ରିସର୍ଟ, ହୋଟେଲ ଅଥବା ବଙ୍ଗଳାରେ ରହିବା ମଧ୍ୟ ବିପଦ ସାବ୍ୟସ୍ତ ହୋଇଛି।

ଏତେସବୁ ଅକଳ୍ପନୀୟ ଅବିଶ୍ୱସନୀୟ ଜଘନ୍ୟ ଘଟଣା ଘଟିବା ପରେ ଦାମ୍ପତ୍ୟ ଓ ପାରିବାରିକ ସମ୍ପର୍କକୁ ନେଇ ବହୁ ପ୍ରଶ୍ନ ମୁଣ୍ଡ ଟେକିଛି। ବଞ୍ଚିବେ ତ କେମିତି ବଞ୍ଚିବେ? ବିଶ୍ୱାସ କରିବେ ତ କାହାକୁ ବିଶ୍ୱାସ କରିବେ? ସମ୍ପର୍କ ବଜାୟ ରଖିବେ ତ କାହାକୁ ଆଧାର କରି? ଦଶମେଳକ ସୂତ୍ର ଅନୁଯାୟୀ କୋଷ୍ଠିମେଳକ ପୂର୍ବକ ଦିଅଁମଙ୍ଗୁଳା ହୋଇ ଅଗ୍ନୀଙ୍କୁ ସାକ୍ଷୀ ରଖି ପାଣିଗ୍ରହଣ ଉତ୍ସବ ପରେ ବନ୍ଧନ ସ୍ୱୀକୃତି ପାଇଥାଏ। ସାମାଜିକ ସ୍ୱୀକୃତି ପରେ ପାରିବାରିକ ଜୀବନର ଅୟମାରମ୍ଭ ହୋଇଥାଏ। ଘର ସଂସାର କରିବା ଭିତରେ କଳହ, ମନୋମାଳିନ୍ୟ ଆଦି ହୋଇଥାଏ ଏବଂ ହେବା ବି ସ୍ୱାଭାବିକ। ବେଶ୍ କିଛିବର୍ଷ ହେବ ଏଥିରେ ବିଚ୍ୟୁତି ଘଟି ଏ ପବିତ୍ର ସମ୍ପର୍କ ଆହୁରି କଳୁଷିତ ହୋଇଛି। ବିବାହ ପରେ ଅନୈତିକ ସମ୍ପର୍କ, ପରକୀୟା ପ୍ରୀତି ଆଦି କାରଣରୁ ବିବାହ ବିଚ୍ଛେଦର ଧାରା ବ୍ୟାପକ ହୋଇଛି। ତଥାପି ଏସବୁ ଏକ ସରହଦ ଭିତରେ ସୀମିତ ଥିଲା। କିନ୍ତୁ ଏବେଏବେ ଏପରି ଘଟଣାମାନ ଘଟୁଛି ଯେ ଉଭୟଙ୍କ ଉପରୁ ଉଭୟଙ୍କ କେବଳ ଆସ୍ଥା ତୁଟିଯାଉନି, ସମ୍ପର୍କର ଶିଳାନ୍ୟାସରୁ ସନ୍ଦେହର ନିଆଁରେ ଦୁଇଜଣ କୁହୁଳିବାକୁ ଲାଗୁଛନ୍ତି। ପ୍ରେମ ପ୍ରଣୟରେ ଛନ୍ଦି ହୋଇ ପରସ୍ପରର ଛାଇ ପାଲଟିବା ପରିବର୍ତ୍ତେ ଉଭୟ ଉଭୟଙ୍କ ଛାଇ ଦେଖିଲେ ଭୂତ ଦେଖିବା ସଦୃଶ ଡରିବାକୁ ବାଧ୍ୟ ହେଉଛନ୍ତି।

ବିବାହର ଅର୍ଥ କେବଳ ଶାରୀରିକ ମିଳନ ନୁହେଁ, ସ୍ୱର୍ଗୀୟ ଅନୁବନ୍ଧନର ଏକ ସ୍ମାରକୀ। ଏହା ଦୈହିକ ସମ୍ପର୍କଠାରୁ ଉଚ୍ଚତର ଏକ ଅଦ୍ଭୁତ ଅଭିନିବେଶ। ଉଭୟ ଉଭୟଙ୍କ ପାଖରେ ନିଃସର୍ତ୍ତ ସମର୍ପଣ କରିଦେବାର ଏକ ମହନୀୟ ଉପଲବ୍ଧି। ବୈବାହିକ ସମ୍ପର୍କ ଅତୁଟ ରଖିବାରେ ଉଭୟ ପତି ଓ ପତ୍ନୀଙ୍କ ଭୂମିକା ସମାନ। ଏହି ଗୁରୁଦାୟିତ୍ୱ ଉଭୟଙ୍କ ଉପରେ ସମାନ ଭାବେ ନ୍ୟସ୍ତ ଆଉ ବିଗିଡ଼ିବାରେ ଉଭୟ ସମ ପରିମାଣରେ ଦାୟୀ।

ପୂର୍ବରୁ ଆର୍ଥିକ ଦୁରବସ୍ଥା ଯୋଗୁଁ ବୈବାହିକ ସମ୍ପର୍କ ଭାରସାମ୍ୟ ହରାଉଥିଲା। ସନ୍ତାନସନ୍ତତି ଜନିତ ନିଃସଙ୍ଗତା କାରଣରୁ ସମ୍ପର୍କରେ ସଙ୍କଟ ସୃଷ୍ଟି ହେଉଥିଲା। ଏବେ କିନ୍ତୁ ଆଉ ଏ ସ୍ଥିତି ନାହିଁ। ଉଦାରୀକରଣ ଅର୍ଥନୀତି ପରେ ଆର୍ଥିକ ସ୍ଥିତିରେ ଅନେକ ପରିମାଣରେ ସୁଧାର ଆସିଛି। ଚିକିତ୍ସା ବିଜ୍ଞାନର ଚମତ୍କାରିତା ଫଳରେ ଦ୍ୱିତୀୟ ସମସ୍ୟା ମଧ୍ୟ ବହୁଳ ଭାବେ ସମାଧାନ ହୋଇଛି। କିନ୍ତୁ ଏବେ ଦେଖାଯାଉଛି ଯେ ବିବାହ ପୂର୍ବରୁ ସମ୍ପର୍କ ବିବାହ ପରର ସମ୍ପର୍କ ଭାଙ୍ଗିବାରେ ମୁଖ୍ୟ କାରକ ଭାବେ ଉଭାହୋଇଛି। ହାତଗଣ୍ଠି ପଡ଼ିବା ବେଳଠୁ ତଦଜନିତ ଆଶଙ୍କା ଓ ଭୟ ଏତେ ଡରାଇଦେଉଛି ଯେ ମଣିଷଟି ଖୁବ୍ ଆତଙ୍କିତ ହୋଇପଡୁଛି। ପାରିବାରିକ ବାଧ୍ୟବାଧକତା ଯୋଗୁଁ ହୋଇଥିବା ବିବାହଠୁ ମୁକ୍ତି ପାଇବାକୁ ଯୋଜନା କରୁଛି। ଏଥିରେ ଉତପ୍ରେରକ ସାଜୁଛି ପୂର୍ବତନ ପ୍ରେମିକ ଅଥବା ପ୍ରେମିକା। ଫଳସ୍ୱରୂପ ସୋନମ-ରଘୁବଂଶୀ ଏବଂ ସୌରଭ ରାଜପୁତ-ମୁସ୍କାନ ରସ୍ତୋଗୀ ପରି ଘଟଣା ଘଟୁଛି। ପୂର୍ବ ସମ୍ପର୍କ କାରଣରୁ ଯେଉଁ କ୍ଷେତ୍ରରେ ବିବାହ ହେଉନି ତ ଖବ୍ ଭଲ। ଯେଉଁ କ୍ଷେତ୍ରରେ ହେଉଛି, ସେଠାରେ ସ୍ୱାମୀ ଓ ସ୍ତ୍ରୀକୁ ପ୍ରଥମେ ଏଥିରୁ ବାହାରିବାକୁ ପଡ଼ିବ। ସମ୍ପର୍କ ଗଢ଼ିବା ବେଳେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଜୀବନକୁ ନେଇ ବିଶ୍ଳେଷଣ କିମ୍ବା ବ୍ୟବଚ୍ଛେଦ କରିବା ଅନୁଚିତ। ବରଂ ଜୀବନ ବଞ୍ଚିବା ଶିଖିବା ଆବଶ୍ୟକ। ଏକଥା ବି ସତ ଯେ ଜୀବନ ବଞ୍ଚିବା ଏତେ ସହଜ ନୁହେଁ। ବୈବାହିକ ଜୀବନ ବି ଯାବତୀୟ ଝିଟରେ ଛନ୍ଦା। କିନ୍ତୁ ତା' ଭିତରେ ଅତୀତର ଅସ୍ଥାୟୀ ସମ୍ପର୍କକୁ ଭୁଲି ବର୍ତ୍ତମାନ ବିତୁଥିବା ଜୀବନର ସୁନ୍ଦରପଣକୁ ଖୋଜି ବାହାର କରିବାକୁ ପଡ଼ିବ।

ଭୁବନେଶ୍ୱର, ମୋ: ୯୪୩୮୨୯୦୪୯୧

## ପଦ୍ମସମ୍ଭବ ଦ୍ୱିତୀୟ ବୁଦ୍ଧ

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ବତରେ ସମ-ୟେ ବୌଦ୍ଧ ମହାବିହାର ପ୍ରତିଷ୍ଠା ପରେ ଏବଂ ବୌଦ୍ଧଧର୍ମକୁ ରାଜ୍ୟ ଧର୍ମ ଭାବେ ରାଜକୀୟ ସ୍ୱୀକୃତି ମିଳିଯିବା ପରେ ପଦ୍ମସମ୍ଭବ ତିବ୍ବତୀୟ ବୌଦ୍ଧଧର୍ମ ମଧ୍ୟରେ ପୁରାଣ କଥାର ନାୟକ ଭଳି ଚିରକାଳ ପାଇଁ ଖ୍ୟାତ ହୋଇଗଲେ। ଶାନ୍ତରକ୍ଷିତ ଓ ପଦ୍ମସମ୍ଭବ ଉଭୟେ ବୌଦ୍ଧ ଶାସ୍ତ୍ର ଓ ତାନ୍ତ୍ରିକ ବୌଦ୍ଧଧର୍ମର ଗ୍ରନ୍ଥ ମଧ୍ୟରେ ଶ୍ଳୋକାବଦ୍ଧ ହୋଇ ତିବ୍ବତରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ପଦ୍ମସମ୍ଭବ ରାଜା ଖ୍ରୀ-ସ୍ତନ୍‌ଙ୍କୁ ଉଭୟ ବଜ୍ରକୀଳ ଓ ହୟଗ୍ରୀବ ଉପାସନାରେ ଦୀକ୍ଷିତ କରିଥିଲେ। ରାଜା ହୟଗ୍ରୀବ ସାଧନାରେ ଅଧିକ ମନୋନିବେଶ କରି ସିଦ୍ଧିପ୍ରାପ୍ତ ହୋଇଥିଲେ। ପଦ୍ମସମ୍ଭବ ସେଠାରେ ସୈଦ୍ଧାନ୍ତିକ ଭାବେ 'ଦ୍ୱିତୀୟ ବୁଦ୍ଧ' ରୂପେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହେବା ସହ ପ୍ରତିଷ୍ଠା ଲାଭ କରିଥିଲେ। ଏପରିକି ତିବ୍ବତରେ ସେ ବୁଦ୍ଧଙ୍କ ଅପେକ୍ଷା ଅଧିକ ସମ୍ମାନର ଅଧିକାରୀ ହୋଇଥିଲେ। ହିମାଳୟ ଅଞ୍ଚଳର ଦେଶମାନଙ୍କରେ ସେ ଜଣେ ଅତ୍ୟନ୍ତ ଅଲୌକିକ କ୍ଷମତାସଂପନ୍ନ ମହାପୁରୁଷ ରୂପେ ଚିତ୍ରିତ ହୋଇଛନ୍ତି। ତାଙ୍କର ପ୍ରତିଛବିରେ ମସ୍ତକରେ ଧାରଣ କରିଥିବା ମୁକୁଟରେ ସୂର୍ଯ୍ୟ ଓ ଚନ୍ଦ୍ର (ସର୍ବଗୁଣ ସଂପନ୍ନତାର ପ୍ରତୀକ), ବୃହତ୍କାୟ ହୀରା (ଦୁର୍ଜୟର ପ୍ରତୀକ) ଓ ମୟୂରଚନ୍ଦ୍ରିକା (ନିଷ୍ପାପର ପ୍ରତୀକ) ରହିଛି। ସେହିପରି ଗୋଟିଏ ହାତରେ ବଜ୍ରସ୍ୱରୂପ ରାଜଦଣ୍ଡ ଏବଂ ଅନ୍ୟ ହାତରେ ଖପୁରୀରେ ରକ୍ତ ଧାରଣ କରିଥିବା, ତୀକ୍ଷ୍ଣ ମୁକୁଳା ଦାନ୍ତ ସହ ବେକରେ ମଣିଷ ମୁଣ୍ଡର ମାଳା ପିନ୍ଧିଥିବା ଏବଂ ଗୋଟିଏ ମହାବଳ ବାଘ ଉପରେ ବସି ହାତରେ ଡମ୍ବରୁ ବଜାଉଥିବା ଦେଖାଯାଏ।



ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତରେ ତାଙ୍କ ସଫଳତାର ମୁଖ୍ୟ ରହସ୍ୟ ହେଉଛି ସେ ଜଣେ ଶୁଦ୍ଧ ବୌଦ୍ଧ ଅପେକ୍ଷା ଜଣେ ଦକ୍ଷ ଓ ଅଭିଜ୍ଞ ବୌଦ୍ଧତାନ୍ତ୍ରିକ ଥିଲେ। ସେ ଥିଲେ ମୂଳ ଉଡ୍ଡୀୟାନ ବାସନ୍ଦା। ତାଙ୍କ ପିତା ମଧ୍ୟ ଥିଲେ ଖ୍ୟାତନାମା ସିଦ୍ଧ (୮୪ ସିଦ୍ଧ) ଏବଂ ଚକ୍ରସମ୍ବର ସଂପ୍ରଦାୟର ଜଣେ ଅତ୍ୟନ୍ତ ଖ୍ୟାତିସମ୍ପନ୍ନ ତାନ୍ତ୍ରିକ। ରାଜାଇନ୍ଦ୍ରଭୂତି ପଦ୍ମସମ୍ଭବ ମହାଯାନ ବୌଦ୍ଧ ଧର୍ମର ଯୋଗାଚାର ଶାଖାର କର୍ମକାଣ୍ଡ ବହୁଳ ଦୀକ୍ଷାଦାନରେ ବିଶେଷ ଅଭିଜ୍ଞ ଥିଲେ। ତାଙ୍କର ସଂସ୍କୃତ ଗ୍ରନ୍ଥ 'ସମୟପଞ୍ଚଶିଳା' ତିବ୍ବତୀୟ ଭାଷାରେ ଅନୂଦିତ ଅବସ୍ଥାରେ ସେଠାରେ ସଂରକ୍ଷିତ। ବୌଦ୍ଧ ଓ ବୌଦ୍ଧ ତନ୍ତ୍ର ଗ୍ରନ୍ଥ ସୃଷ୍ଟିରେ ମଧ୍ୟ ତାଙ୍କର ଉଲ୍ଲେଖଯୋଗ୍ୟ ପାଣ୍ଡିତ୍ୟ ରହିଛି।

ତିବ୍ବତ ଓ ହିମାଳୟ ଅଞ୍ଚଳରେ ଏତେ ଅଧିକ ପରିଚୟ ପଦ୍ମସମ୍ଭବ ଅର୍ଜନ କରିଥିବା ବେଳେ ଭାରତୀୟ ବୌଦ୍ଧଧର୍ମର ଇତିହାସରେ ସେ ଦେଖିବାକୁ ମିଳନ୍ତି ନାହିଁ। ତିବ୍ବତରେ ସେ କିଛିବର୍ଷ ରହିଥିଲେ ମଧ୍ୟ ସେଠାରେ ତାଙ୍କର ଧାର୍ମିକ ଓ ସାମାଜିକ କାର୍ଯ୍ୟ ତାଙ୍କ ପାଇଁ ଅଜସ୍ର ଖ୍ୟାତି ଆଣିଦେଇଛି। ସେଠାରେ ସେ ରହିବା କାଳରେ ତିବ୍ବତ ସବୁକ୍ଷେତ୍ରରେ ଉନ୍ନତି ସାଧନ କରିପାରିଥିଲା। ଶସ୍ୟଅମଳ ଆଶାନୁରୂପ ହୋଇଥିବା ସହ ଜନସଂଖ୍ୟା ବୃଦ୍ଧି ପାଇଥିଲା ଏବଂ କୌଣସି ପ୍ରକାର ଅଘଟଣ ଘଟି ନଥିଲା। ରାଜନୈତିକ ଓ ଧାର୍ମିକ କାର୍ଯ୍ୟକଳାପ ଦୃଢ଼ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା। ରାଜା ଖ୍ରୀ-ସ୍ରନ୍‌ଙ୍କର ଜୀବଦଶାରେ 'ବନ୍' ଧର୍ମକୁ ଅବଦମିତ କରାଯାଇ ପାରିଥିଲା। ବୌଦ୍ଧ ଧର୍ମ ଯାହା ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲା, ତାହା ସମଗ୍ର ତିବ୍ବତରେ ପ୍ରସାରିତ ହେବା ସହ ଏକ ସମୃଦ୍ଧଶାଳୀ ଧର୍ମରେ ପରିଣତ ହୋଇପାରିଥିଲା।

ସମ୍-ୟେ ମହାବିହାର ନିର୍ମାଣ ଶେଷ ହୋଇଯିବା ପରେ ଉଭୟ ଶାନ୍ତରକ୍ଷିତ ଓ ପଦ୍ମସମ୍ଭବଙ୍କ ପରାମର୍ଶକ୍ରମେ ରାଜା ଭାରତ ଏବଂ ଆଖପାଖ ଅନ୍ୟ ଦେଶରୁ ବୌଦ୍ଧ ଗ୍ରନ୍ଥ ଶିକ୍ଷା ଦେବା ଏବଂ ଅନୁବାଦ କରିବା ନିମିତ୍ତ ବୌଦ୍ଧପଣ୍ଡିତମାନଙ୍କୁ ନିମନ୍ତ୍ରଣ କରି ତିବ୍ବତ ଅଣାଇଲେ। ରାଜାଙ୍କ ପୃଷ୍ଠପୋଷକତାରେ ଶହ ଶହ ବୌଦ୍ଧ ଓ ଅନ୍ୟାନ୍ୟ ଶାସ୍ତ୍ରସବୁ ତିବ୍ବତୀୟ ଭାଷାରେ ଅନୁବାଦ କରାଯାଇଥିଲା। ବୌଦ୍ଧବିହାର ଓ ଶିକ୍ଷାକେନ୍ଦ୍ରମାନ ଗଢ଼ାଗଲା ଏବଂ ସମଗ୍ର ତିବ୍ବତରେ ବୌଦ୍ଧ ଧର୍ମ ବ୍ୟାପକ ଭାବେ ପ୍ରସାର ଲାଭ କରିପାରିଥିଲା।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur IE, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଝାଡ଼ାବାନ୍ତି ବ୍ୟାପିବା ଘଟଣା: ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକ

# ସୁଧୁରୁଛି ଯାଜପୁର ସମେତ ୫ ଜିଲ୍ଲା ସ୍ଥିତି

- ଜାରି ରହିଛି ଜଳ ବିଶୋଧନ ଓ ସଚେତନତା
- ନିୟୋଜିତ ହୋଇଛନ୍ତି ସ୍ୱତନ୍ତ୍ର ଡାକ୍ତରୀ ଦଳ

ଭୁବନେଶ୍ୱର, ୨୦।୬ (ସମିସ): ଦୀର୍ଘ ୧୪ ଦିନ ପରେ ରାଜ୍ୟରେ ଡାଇରିଆ ସଂକ୍ରମଣରେ ସାମାନ୍ୟ ସୁଧାର ଆସିଛି। ଡାଇରିଆର ଉପ୍ତତ୍ତି ଯାଜପୁର ଜିଲ୍ଲାରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଛି। କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳରେ ମଧ୍ୟ ନୂଆ ଆକ୍ରାନ୍ତଙ୍କ ପରିମାଣ କମିଛି। ଏହି ୫ଟି ଜିଲ୍ଲାରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ହୁ'ହୁ' ବୃଦ୍ଧି ପାଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସମେତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସଚେତନତା ସୃଷ୍ଟି କରିବା ସହ ସ୍ୱତନ୍ତ୍ର ଡାକ୍ତରୀ ଦଳ ନିୟୋଜିତ ହୋଇଥିଲେ। ଏହା ଦ୍ୱାରା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ.ଏସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଏହି ସୂଚନା ଦେଇଛନ୍ତି।

ସରକାରୀ ସୂଚନାନୁସାରେ, ଯାଜପୁର ଜିଲ୍ଲାରେ, ୧୦ ଜୁନ୍‌ରେ ୧୨୬ଟି ମାମଲା ରେକର୍ଡ ହୋଇଥିଲା। ୧୧ ଜୁନ୍‌ରେ ଏହା ୧୫୦ଟି ନୂଆ ମାମଲା ସହ ଶୀର୍ଷରେ ପହଞ୍ଚିଥିଲା। ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସନଗର ନଗରପାଳିକା ଅଞ୍ଚଳରେ ଜୁନ୍ ୧୨ଠାରୁ ମାମଲା ହ୍ରାସ ପାଇବା ଆରମ୍ଭ ହୋଇଥିଲା। ସେହି ଦିନ ମୋଟ ୧୩୫ଟି ନୂଆ ମାମଲା ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ୧୫ରେ ୧୨୧କୁ ଓ ୧୮ରେ ୯୧କୁ ହ୍ରାସ ପାଇଥିଲା। ଗତକାଲି ସନ୍ଧ୍ୟା ସୁଦ୍ଧା ଜିଲ୍ଲାର ବିଭିନ୍ନ ହସ୍ପିଟାଲରେ ୭୧ଟି ନୂଆ ମାମଲା ଚିହ୍ନଟ ହୋଇଥିଲା। ସଂକ୍ରମଣ ଆରମ୍ଭରୁ ଗୁରୁବାର ରାତି ସୁଦ୍ଧା ୧୧୨୭ଜଣ ଆକ୍ରାନ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏଥିରୁ ୧୦୪୫ ଜଣ ସୁସ୍ଥ ହୋଇ ଘରକୁ ଫେରିଯାଇଥିବାବେଳେ ମାତ୍ର ୮୨ଜଣ ଏବେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିଭଳି କେନ୍ଦୁଝର ଜିଲ୍ଲାରେ ୧୦ ଜୁନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୭୯ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, ଯାହା ୧୨ରେ ୪୪କୁ ଓ ୧୮ରେ ୩୮କୁ ହ୍ରାସ ପାଇଥିଲା। ଗତକାଲି ରାତି ସୁଦ୍ଧା, ଜିଲ୍ଲାରେ ମୋଟ ନୂଆ ମାମଲା ୧୭କୁ ସୀମିତ ଥିଲା। ଗତକାଲି ରାତି ସୁଦ୍ଧା ମୋଟ ୪୯୭ ଜଣ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ୪୫୪ଜଣ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ ଏବଂ ୩୪ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ବର୍ତ୍ତମାନ ରାଜ୍ୟବ୍ୟାପୀ ଡାଇରିଆ ବିରୋଧୀ ଅଭିଯାନ ଚାଲିଛି। ବିଶେଷକରି ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଜିଲ୍ଲାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ଜିଲ୍ଲାଗୁଡ଼ିକରେ ସଂକ୍ରମଣ ଶୀର୍ଷରେ ଥିଲା। ଏବେ ତାହା ହ୍ରାସ ପାଇବା ଆରମ୍ଭ ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ଅତିରିକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଥିଲେ। ହସ୍ପିଟାଲ, ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶା କର୍ମୀ ଓ ଅଙ୍ଗନବାଡ଼ି କେନ୍ଦ୍ର ଆଦି ସ୍ତରରେ ପର୍ଯ୍ୟାପ୍ତ ଔଷଧ, ଫ୍ଲୁଇଡ୍ ଓ ଇଞ୍ଜେକ୍ସନ ଆଦି ମହଜୁଦ୍ ରଖାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଦଳମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ନିରୀକ୍ଷଣ ଓ ମାର୍ଗଦର୍ଶନ କରୁଛନ୍ତି। ଏହି ଜିଲ୍ଲାଗୁଡ଼ିକରେ ଘରେଘରେ ସଚେତନତା ଅଭିଯାନ ବ୍ୟାପକ କରାଯାଇଛି।

## ଏନଆରଆରଆଇ ଦ୍ୱାରା ବିକଶିତ ୭ଟି ଧାନ କିସମକୁ ଅନୁମୋଦନ

କଟକ,୨୦।୬(ସମିସ): ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନଆରଆରଆଇ) କଟକ ଦ୍ୱାରା ବିକଶିତ ସାତଟି ଉଚ୍ଚ-ଅମଳକ୍ଷମ ଧାନ କିସମକୁ ରାଜ୍ୟ ବିହନ ଉପ-କମିଟି ଓଡ଼ିଶାର ବିବିଧ କୃଷି-ପରିବେଶିକ ଅଞ୍ଚଳରେ ଚାଷ ପାଇଁ ଅନୁମୋଦନ କରିଛି। ଏହି ସମସ୍ତ କିସମଗୁଡ଼ିକ ପ୍ରମୁଖ କୀଟପତଙ୍ଗ ଏବଂ ରୋଗ ପ୍ରତି ସହନଶୀଳ, ଯାହା ଓଡ଼ିଶାର ଧାନ ଚାଷୀମାନଙ୍କୁ ଉନ୍ନତ ସ୍ଥିତିସ୍ଥାପକତା ଏବଂ ଉତ୍ପାଦକତା ପ୍ରଦାନ କରିବ। ନିରନ୍ତର କୃଷି ଏବଂ ଚାଷୀ ସମୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି। ଏହି କିସମ ଗୁଡିକ ହେଲା ସି ଆର ଧାନ ୨୧୫ (ଇନ୍ଦୁମତି)- ଯାହା ଲୁଣିଆ ଏବଂ ଆନାରୋବିକ୍ ଅଙ୍କୁରଜନ ସହନଶୀଳତା ସହିତ ଏକ ଉଚ୍ଚ ଅମଳକାରୀ ଧାନ କିସମ। ଉପକୂଳ ଲବଣାକ୍ତ ଏବଂ ଜଳସେଚିତ ଜମିରେ ଚାଷ ପାଇଁ ଏହହାକୁ ବିକଶିତ କରାଯାଇଛି। ସି ଆର ଧାନ ୩୨୫(ସଲିଳ) ହେଉଛି ଏକ ମଧ୍ୟମ ଅବଧି (୧୧୫-୧୨୦ ଦିନ) ଉଚ୍ଚ ଅମଳକାରୀ ବିହନ ଯାହା ଜଳସେଚିତ ଜମିରେ ଚାଷ ପାଇଁ ବିକଶିତ କରାଯାଇଛି। ସେହିଭଳି ସି ଆର ଧାନ ୩୩୪ (ସତ୍ୟଦେବ) ଏକ ମଧ୍ୟମ ଅବଧି (୧୩୦-୧୩୫ ଦିନ) ଉଚ୍ଚ ଅମଳକାରୀ ଲମ୍ବା ପତଳା ପ୍ରିମିୟମ୍ ଗୁଣବତ୍ତାପୂର୍ଣ୍ଣ ଶସ୍ୟ । ସି ଆର ଧାନ ୩୩୫ (ଆଲୋକ) - ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ପରିବେଶ ପାଇଁ ବିକଶିତ କରାଯାଇଥିବା ବେଳେ ସି ଆର ଧାନ ୬୦୪ (କଳ୍ପନା) – ଯାହା ଅଙ୍କୁରିତ ହେବା ସମୟରେ କମ୍ ତାପମାତ୍ରା ଏବଂ ପ୍ରଜନନ ପର୍ଯ୍ୟାୟରେ ଉତ୍ତାପ ସହ୍ୟ କରିପାରୁଥିବା ଧାନ ଶୁଷ୍କ ଋତୁ (ଡାଲୁଅ) ଚାଷ ପାଇଁ ବିକଶିତ କରାଯାଇଛି। ସି ଆର ଧାନ ୭୦୫ (ଗଙ୍ଗା) - ଏହା ଏକ ଲମ୍ବା ପତଳା ଦାନା ସହିତ ମଧ୍ୟମ ଅବଧିର ଏକ ସଙ୍କର ଧାନ କିସମ, ଓଡ଼ିଶାର ଜଳସେଚିତ, ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ଏବଂ ସିଧା ଛଟା ବୁଣା ପରିବେଶ ପାଇଁ ବିକଶିତ କରାଯାଇଛି।

## ଏନ୍‌କାଉଣ୍ଟର୍‌ରେ ୨ ମାଓବାଦୀ ନିହତ

ମାଲକାନଗିରି, ୨୦।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟର୍‌ରେ ୨ ମାଓବାଦୀ ନିହତ ହୋଇଛନ୍ତି।

କାଙ୍କେର ଜିଲ୍ଲାର ଅମାଟୋଲା ଓ କଲପାର ମଧ୍ୟରେ ଥିବା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ଛୋଟେବେଟିୟା ଥାନାରୁ ଡିଆରଜି ଓ ବିଏସ୍‌ଏଫ ଜବାନଙ୍କ ମିଳିତ ଦଳ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇଥିଲେ ସୁରକ୍ଷା କର୍ମୀ। ଉଭୟ ପକ୍ଷରୁ ଗୁଳି ବିନିମୟରେ ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ପରେ ତଲାସି ଅଭିଯାନ ସମୟରେ ଜଣେ ୟୁନିଫର୍ମ ପିନ୍ଧା ମହିଳା ମାଓବାଦୀଙ୍କ ମୃତଦେହ ଠାବ ହୋଇଛି। ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଏହି ଏନ୍‌କାଉଣ୍ଟର୍‌ରେ ଅନେକ ମାଓବାଦୀ ମୃତାହାତ ହୋଇଥିବା ଅନୁମାନ କରାଯାଉଛି। ତେବେ ଯବାନମାନେ ଫେରିବା ପରେ ସଂପୂର୍ଣ୍ଣ ତଥ୍ୟ ମିଳିପାରିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ୨.୯୨ ଟଙ୍କା ବଢ଼ିଲା ମଧ୍ୟାହ୍ନଭୋଜନ

ଭୁବନେଶ୍ୱର, ୨୦।୬ (ସମିସ): ମଧ୍ୟାହ୍ନ ଭୋଜନ ଦର ବଢ଼ାଇଛନ୍ତି ସରକାର। ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୨ଟଙ୍କା ୯୨ ପଇସା ଲେଖାଏଁ ବୃଦ୍ଧି ହୋଇଛି। ପୂର୍ବରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ଯଥାକ୍ରମେ ୬.୭୮ ଟଙ୍କା ଓ ୧୦.୧୭ ଟଙ୍କା ଦେଉଥିବା ବେଳେ ରାଜ୍ୟ ସରକାର ଯଥାକ୍ରମେ ୧.୪୫ ଟଙ୍କା ଓ ୧.୬୫ ଟଙ୍କା ପ୍ରଦାନ କରୁଥିଲେ। ସମ୍ପ୍ରତି ଏହା ବୃଦ୍ଧି ପାଇ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୧.୧୫ ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୧୪.୭୪ ଟଙ୍କା ହୋଇଛି। ଏହି ନୂତନ ଦର ପିଛିଲା ଭାବେ ମେ' ମାସ ପହିଲାରୁ ଲାଗୁ ହେବ।

ସୂଚନାଯୋଗ୍ୟ, ଉଭୟ କେନ୍ଦ୍ର-ରାଜ୍ୟ ଭାଗୀଦାରିରେ ଏହି ପିଏମ୍-ପୋଷଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ଭାବେ ସପ୍ତାହକୁ ୩ଟି ଲଡୁ ଏବଂ ଗୋଟିଏ ଅଧିକ ଅଣ୍ଡା ଦିଆଯାଉଥିବାରୁ ଦର ବଢ଼ାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

- ସରକାରୀ ନିଯୁକ୍ତିରୁ ସ୍ଥାୟୀ ନିଷିଦ୍ଧ ଆଦେଶ ରଦ୍ଦ

## ସରକାର ଇଷ୍ଟଇଣ୍ଡିଆ କମ୍ପାନୀ ପରି କାର୍ଯ୍ୟ କରିପାରିବେ ନାହିଁ: ହାଇକୋର୍ଟ

କଟକ, ୨୦।୬(ସମିସ): ସରକାର ହେଉଛନ୍ତି ଆଦର୍ଶ ନିଯୁକ୍ତିଦାତା। ସେ ଇଷ୍ଟଇଣ୍ଡିଆ କମ୍ପାନୀ ପରି କାର୍ଯ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏହା କହିଛନ୍ତି। ସରକାରୀ ଚାକିରି ଦାବି ଓ ଆବେଦନ କ୍ଷେତ୍ରରେ ଆବେଦନକାରୀଙ୍କ ବିରୋଧରେ ଜାରି 'ଅଯୌକ୍ତିକ' ପ୍ରତିବନ୍ଧକ ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଏପରି ରାୟ ପ୍ରକାଶ କରିଛନ୍ତି। ଜନୈକ ଅଦାଲତ କର୍ମଚାରୀ ଦିବାକର ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେହେତୁ ଆବେଦନକାରୀ ତାଙ୍କର ନିଯୁକ୍ତିଦାତାଙ୍କ ମାଧ୍ୟମରେ ଆବେଦନ ଦାଖଲ କରିବା ପାଇଁ ପ୍ରଚଳିତ ନିୟମ ପାଳନ କରି ନଥିଲେ କି ନିଯୁକ୍ତିଦାତାଙ୍କଠାରୁ ଏନ୍‌ଓସି ନ ଆଣି ଓଜେଏସ୍ ପରୀକ୍ଷାରେ ମନୋନୀତ ହୋଇଥିଲେ; ତେଣୁ ତାଙ୍କୁ 'ସିଭିଲ୍ ଜଜ୍' ପଦବୀ ପାଇଁ ଚୟନ କରାଯିବା ସତ୍ତ୍ୱେ ନିଯୁକ୍ତି ନିର୍ଦ୍ଦେଶ ଦେବା ଅନୁଚିତ ବୋଲି ଅଦାଲତ ବିବେଚନା କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଅନୁସୂଚୀତ ଜାତି ବର୍ଗର ଜଣେ ଅଦାଲତ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ୨୦୧୬-୧୭ରେ ଜାରି ବିଜ୍ଞପ୍ତି ଅନୁସାରେ ଆବେଦନ କରି ଓଜେଏସ୍ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ। ଗତ ୨୦୧୭ ମାର୍ଚ୍ଚ ୨ର ଓପିଏସ୍‌ସି ବିଜ୍ଞପ୍ତି ଅନୁସାରେ ସେ ସିଭିଲ ଜଜ୍ ପଦ ପାଇଁ ମନୋନୀତ ହୋଇ କ୍ରମିକ ନମ୍ବର ୭୦ରେ ଥିଲେ। ହେଲେ ଓଡ଼ିଶା ବିଚାର ବିଭାଗ ସେବା ନିୟମାବଳୀ ଅନୁସାରେ ସେ ବିଭାଗୀୟ ମୁଖ୍ୟ ବା ନିଯୁକ୍ତିଦାତାଙ୍କ ଜରିଆରେ ଆବେଦନ କରିନଥିଲେ। ଏପରିକି, ଦାଖଲ କରିଥିବା ଅନଲାଇନ ଆବେଦନପତ୍ରରେ ସେ ବିଭାଗୀୟ ପ୍ରାର୍ଥୀ ନୁହନ୍ତି ବୋଲି ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ। ଏହି କାରଣରୁ ଆବେଦନକାରୀଙ୍କୁ ସରକାରୀ ନିଯୁକ୍ତିରୁ ସ୍ଥାୟୀ ଭାବେ ନିଷିଦ୍ଧ କରାଯିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। 'ସ୍ଥାୟୀ ନିଷେଧ ଆଦେଶ' କାହିଁକି ଜାରି କରାଯାଇଥିଲା ତାହାର କୌଣସି ନିର୍ଦ୍ଦିଷ୍ଟ କାରଣ ଦିଆଯାଇନଥିବାରୁ ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସରକାରଙ୍କୁ ଏକ ମଡେଲ ନିଯୁକ୍ତିଦାତା ଭାବରେ ଆଚରଣ କରିବାକୁ ପଡ଼ିବ ବୋଲି କହିଛନ୍ତି।

ଖାଦ୍ୟ ସୁରକ୍ଷା ମାମଲା ଦୀର୍ଘ ବର୍ଷ ଧରି ବିଚାରାଧୀନ ପ୍ରସଙ୍ଗ

## ୨୫ହଜାର ଦଣ୍ଡ ଗଣିବେ କଟକ ଅତିରିକ୍ତ ଜିଲ୍ଲାପାଳ

କଟକ, ୨୦।୬(ସମିସ): ଦୀର୍ଘ ୯ବର୍ଷ ଧରି ଖାଦ୍ୟ ସୁରକ୍ଷା ଓ ମାନ ନିୟମାବଳୀ ଉଲ୍ଲଂଘନ ପାଇଁ ରୁଜୁ ମାମଲା ବିଚାରାଧୀନ ରହିବା ତଥା ଏହାର ତ୍ୱରିତ ଫଏସଲା କରାଯାଇନପାରିବା ବିରୋଧରେ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ବୈଧାନିକ ଦାୟିତ୍ୱ ନିର୍ବାହରେ ୩ ନମ୍ବର ପ୍ରତିପକ୍ଷ କଟକ ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶିଥିଳତାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ସମ୍ପୃକ୍ତ ଅଧିକାରୀ ୨୫ ହଜାର ଟଙ୍କା ଦଣ୍ଡ ଆକାରରେ ଆବେଦନକାରୀଙ୍କୁ ଆସନ୍ତା ଚାରି ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବେଙ୍ଗାଲୁରୁସ୍ଥିତ ଇଣ୍ଡୋ ନିସିନ ଫୁଡସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଗତ ୨୦୨୬ରୁ ବିଚାରାଧୀନ ମାମଲାକୁ ଏକ ମାସ ମଧ୍ୟରେ ଫଏସଲା କରିବାକୁ କହିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ସଂସ୍ଥାର ଏକ ମସଲା ଓ ନୁଡଲସ୍ ଉତ୍ପାଦରେ ମନୋସୋଡିୟମ୍ ଗ୍ଲୁକୋମେଟ ଉପାଦାନ ନଥିବା ଉଲ୍ଲେଖ ଥିଲା ବେଳେ ପରୀକ୍ଷା ପରେ ଏହି ଉପାଦାନ ରହିଥିବା ଜଣାପଡ଼ିଥିଲା। ଖାଦ୍ୟ ସୁରକ୍ଷା ଓ ମାନ ନିୟମାବଳୀ ଅନୁସାରେ ଏକ ମାମଲା ପ୍ରାଧିକୃତ କର୍ତ୍ତୃପକ୍ଷ ତଥା କଟକ ଏଡିଏମଙ୍କ ନିକଟରେ ରୁଜୁ ହୋଇଥିଲା।

## ଜୁଲାଇ ୮ରେ ଓଜେଇଇ ପ୍ରଥମ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ

ଭୁବନେଶ୍ୱର, ୨୦।୬ (ସମିସ): ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ପକ୍ଷରୁ ବିଟେକ୍, ବାରକ୍, ବିକ୍ୟାଟ୍, ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସି ଇ-କାଉନ୍‌ସେଲିଂ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶୁକ୍ରବାରଠାରୁ ପ୍ରଥମ ରାଉଣ୍ଡ ଇ-କାଉନ୍‌ସେଲିଂ ଆରମ୍ଭ ହୋଇଛି। ଜୁଲାଇ ୮ ତାରିଖ ଅପରାହ୍ନ ୫ଟାରେ ପ୍ରଥମ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ ପ୍ରକାଶ ପାଇବ। ସେହିପରି ଜୁଲାଇ ୧୯ରେ ଦ୍ୱିତୀୟ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ରେ ତୃତୀୟ ତଥା ଫାଇନାଲ୍ ରାଉଣ୍ଡ ସିଟ୍ ଆଲଟ୍‌ମେଣ୍ଟ ପ୍ରକାଶ ପାଇବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ହେବ...

କାମ କରିଛୁ। "ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ' ମନ୍ତ୍ରକୁ ଆଧାର କରି ଆମେ ଆଗକୁ ବଢ଼ୁଛୁ। ଚାରି ବର୍ଗ – ଗରିବ, ଅନ୍ନଦାତା, ମହିଳା ଓ ଯୁବକଙ୍କୁ ନଜରରେ ରଖି ଆମର କାର୍ଯ୍ୟକ୍ରମ ଅବ୍ୟାହତ ରହିଛି। ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଆମେ ଆଜି ଠାରୁ ଯୋଜନା ଆରମ୍ଭ କରି ପ୍ରସ୍ତୁତ କରିବା ସହ ଭିଜନ ଡକୁମେଣ୍ଟ- ୨୦୩୬ ଓ ୨୦୪୭ ଆଜି ଉନ୍ମୋଚିତ ହୋଇଛି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛୁ। ୨୦୩୬ ପାଇଁ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶାର ମହତ୍ୱପୂର୍ଣ୍ଣ ଯୋଗଦାନ ରହିବ। ପ୍ରଧାନମନ୍ତ୍ରୀ ପ୍ରସ୍ତୁତ କରିଥିବା ରୋଡମ୍ୟାପକୁ ଆଧାର କରି ଆମ ରାଜ୍ୟ ସମୃଦ୍ଧ ଓଡିଶା ଏବଂ ଦେଶ ବିକଶିତ ଭାରତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ, ବିଜେପି ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେଠାରୁ ଏକ ରୋଡ ଶୋରେ ପ୍ରଧାନମନ୍ତ୍ରୀ ଜନତା ମଇଦାନ ଆସିଥିଲେ।

### ଘମାଘୋଟ ଲଢ଼େଇ...

ଦେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଚେତାବନୀ ଦେଇଛନ୍ତି। ସାମରିକ ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ନେତାନ୍ୟାହୁ କହିଛନ୍ତି। ୨୦୦୮ ପରେ କ୍ଲଷ୍ଟର ବୋମାକୁ ନିଷିଦ୍ଧ କରିବା ପାଇଁ ଜାତିସଂଘରେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହା ସତ୍ତ୍ୱେ ଇରାନ କ୍ଲଷ୍ଟର ବୋମା ବ୍ୟବହାର କରି ଇରାନ ଯୁଦ୍ଧ ଅପରାଧ କରିଛି ବୋଲି ଇସ୍ରାଏଲ ପକ୍ଷରୁ କୁହାଯାଇଛି। ସେହିପରି ଇସ୍ରାଏଲ ମଧ୍ୟ ଆଜି ଇରାନର ୩ ପରମାଣୁ କେନ୍ଦ୍ର ଏବଂ ଅନ୍ୟ ସାମରିକ ଠିକଣାକୁ ନିଶାଣ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ସୋରକୋ ହସ୍ପିଟାଲ ଆଦିକୁ ନିଶାଣ କରି ଶହେରୁ ଅଧିକ ଆତ୍ମଘାତୀ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି ବୋଲି ଇରାନ ପକ୍ଷରୁ କୁହାଯାଇଛି। ଆଣବିକ କେନ୍ଦ୍ରରେ ଆକ୍ରମଣକୁ ଇରାନ ବିଦେଶ ମନ୍ତ୍ରୀ ଗମ୍ଭୀର ଯୁଦ୍ଧ ଅପରାଧ କହିଛନ୍ତି।

ଏହା ପୂର୍ବରୁ ସକାଳେ ବିର୍ସେବାରେ ଥିବା ମାଇକ୍ରୋସଫ୍ଟ ଅଫିସ ନିକଟରେ ଇରାନ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ଦ୍ୱାରା ଅନେକ କାର୍‌ରେ ନିଆଁ ଲାଗି ଯାଇଥିଲା। ଏହା ମଧ୍ୟରେ ଇରାନ ଭାରତ ପାଇଁ ନିଜ ବାୟୁସୀମା ଖୋଲି ଦେଇଛି। ଅପରେସନ ସିନ୍ଧୁ ଅଧୀନରେ ଭାରତ ସରକାର ଆଗାମୀ ଦୁଇ ଦିନ ମଧ୍ୟରେ ୩ଟି ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ପ୍ରାୟ ହଜାରେ ଭାରତୀୟଙ୍କୁ ଉଦ୍ଧାର କରିବେ। ଏହି ବିମାନ ଇରାନର ମସହଦରୁ ଉଡାଣ ଆରମ୍ଭ କରି ଦିଲ୍ଲୀରେ ଅବତରଣ କରିବ।

ଅନ୍ୟପକ୍ଷରେ ଆମରିକା ପକ୍ଷରୁ କୁହାଯାଇଛି ଯେ ପରମାଣୁ ଅସ୍ତ୍ର ପ୍ରସ୍ତୁତି ଲାଗି ଇରାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଇରାନର ସର୍ବୋଚ୍ଚ ନେତା ନିର୍ଦ୍ଦେଶ ଦେଲେ କିଛି ସପ୍ତାହ ମଧ୍ୟରେ ପରମାଣୁ ବୋମା ପ୍ରସ୍ତୁତ କରିହେବ। ଯଦି ଇରାନ ଏହାର କରିଦିଏ ତେବେ କେବଳ ଇସ୍ରାଏଲ ନୁହେଁ, ବରଂ ଆମେରିକା ସହିତ ସାରା ବିଶ୍ୱର ସୁରକ୍ଷା ବିପଦରେ ପଡ଼ିଯିବ ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନା ଲେଭିଟ କହିଛନ୍ତି। ସୂଚନା ଅନୁଯାୟୀ ଏହି ଯୁଦ୍ଧରେ ଇରାନରେ ୬୫୭ ଜଣ ଏବଂ ଇସ୍ରାଏଲର ୨୪ ଜଣ ପ୍ରାଣ ହରାଇଲେଣି।

### 'ଆୟୁଷ୍ମାନ'ରେ ମିଳୁନି...

ହୋଇଥିବାରୁ ମାସିକ ଏତେ ଟଙ୍କା ଖର୍ଚ୍ଚ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ। ଔଷଧ ନ ଖାଇଲେ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଗୁରୁତର ହେବା ସହ ଜୀବନ ପ୍ରତି ମଧ୍ୟ ବିପଦ ରହିଛି।

ସେ ଆହୁରି କହିଛନ୍ତି ଯେ, ଗତ ମେ' ୨୫ରେ ବିଶାଖାପାଟଣା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଯାଇଥିଲେ। ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ ଆୟୁଷ୍ମାନ କାର୍ଡରେ କରାଯାଇଥିଲା। କିନ୍ତୁ ଏହି କାର୍ଡ ମାଧ୍ୟମରେ ଔଷଧ ପ୍ରଦାନ ନେଇ କୌଣସି ବ୍ୟବସ୍ଥା ନାହିଁ ବୋଲି କୁହାଯାଇଥିଲା। ଚିକିତ୍ସାଳୟ କାଉଣ୍ଟର୍ କର୍ମଚାରୀଙ୍କଠାରୁ ଉତ୍ତର ପାଇବା ପରେ ତାଙ୍କ ପରିବାରଲୋକଙ୍କ ମୁଣ୍ଡରେ ଚଡ଼କ ପଡିଥିଲା। ଗତ ୫ବର୍ଷ ହେଲା ବିଏସ୍‌କେୱାଇ କାର୍ଡରେ ବିନା ଟଙ୍କା ଖର୍ଚ୍ଚ କରି ଚିକିତ୍ସା ଏବଂ ମାଗଣା ଔଷଧ ପାଉଥିବା ବେଳେ ବର୍ତ୍ତମାନ ଆୟୁଷ୍ମାନ ଯୋଜନା ତାଙ୍କ ପାଇଁ କାଳ ସାଜିଥିବା ରୋଗୀ ରମେଶଙ୍କ ପତ୍ନୀ ବି. ଶ୍ରୀଦେବୀ ପ୍ରକାଶ କରିଛନ୍ତି। ତେଣୁ ପୌରାଧକ୍ଷ ନରେନ୍ଦ୍ର ମହାନ୍ତିଙ୍କ ନିକଟରେ ସେ ଗୁହାରି କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ପୌରସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇ କୌଣସି ବ୍ୟବସ୍ଥା କରିବାକୁ ପୌର ଅଧକ୍ଷ ଶ୍ରୀ ମହାନ୍ତି ଆଶ୍ୱସନା ଦେଇଥିବା ସେମାନେ କହିଛନ୍ତି।

### ଚିକିତ୍ସା ପାଇଁ...

ଏହି ସମୟରେ ଅନେକ ମହିଳାଙ୍କ ଆଖିରେ ଲୁହ ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ବିମାନ ବନ୍ଦର ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଆମ ଦଳର ନେତା ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି। ଲୋକଙ୍କ ମନରେ ନବୀନଙ୍କ ପ୍ରତି ଥିବା ସମ୍ମାନ ଆଜି ନବୀନ ନିବାସରୁ ବିମାନବନ୍ଦରରେ ପ୍ରତିଫଳିତ ହୋଇଛି। ସେମାନଙ୍କ ମଧ୍ୟରେ ମହିଳା, ଶିଶୁ ଓ ଭିନ୍ନକ୍ଷମ ବ୍ୟକ୍ତି ମଧ୍ୟ ଅଛନ୍ତି। ଦଳମତ ନିର୍ବିଶେଷରେ ଲୋକମାନେ ନବୀନଙ୍କୁ ଭଲ ପାଆନ୍ତି। ନବୀନ ସୁସ୍ଥ ହୋଇ ଶୀଘ୍ର ଫେରିଆସନ୍ତୁ ବୋଲି ସମସ୍ତେ କାମନା କରୁଛନ୍ତି।

ନବୀନ ସର୍ଭିକାଲ ଆର୍ଥ୍ରାଇଟିସରେ ପୀଡିତ ହୋଇଥିବା ସୋସିଆଲ ମିଡିଆରେ ସୂଚନା ଦେଇଥିଲେ। ଏହା ସହ ମୁମ୍ବାଇରେ ବରିଷ୍ଠ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶ୍ରୀ ପଟ୍ଟନାୟକଙ୍କ ଚିକିତ୍ସା ହେବ ବୋଲି ନବୀନ ରାଜ୍ୟବାସୀଙ୍କୁ ଅବଗତ କରାଇଥିଲେ। ନବୀନଙ୍କ ଏହି ସୂଚନା ପରେ ବହୁ ବିଶିଷ୍ଟ ବ୍ୟକ୍ତି ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଦଳମତ ନିର୍ବିଶେଷରେ ବହୁ ନେତା ମଧ୍ୟ ନବୀନଙ୍କ ଉତ୍ତମ ଚିକିତ୍ସା କାମନା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ପଟ୍ଟନାୟକଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ସାମାଜିକ ଗଣମାଧ୍ୟମରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

### ଟୋକନ ମିଳୁଛି...

ମଣ୍ଡିରୁ ଧାନ ଉଠାଉଛନ୍ତି। ପ୍ରତି କ୍ୱିଣ୍ଟାଲରେ ୧୦ ରୁ ୧୨ କେଜି ଧାନ କଟ୍‌ନୀଛଟ୍‌ନୀ କରୁଛନ୍ତି। ଧାନ ସରକାର କିଣୁଛନ୍ତି ନା ମିଲର୍ସ କିଣୁଛନ୍ତି ବୋଲି ଚାଷୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଅଧିକ କରିଥିଲେ। ସମବାୟରେ ମଣ୍ଡି ପଞ୍ଜିକରଣବେଳେ ଏହି ତଥ୍ୟ ମଧ୍ୟ ଦେଇଥିଲେ। ମାତ୍ର ସରକାରଙ୍କୁ କିନ୍ତୁ ଟୋକନ୍ ଯୋଗାଇବାବେଳେ କମ୍ ପରିମାଣରେ ଧାନ କିଣିବା ପାଇଁ ସେଥିରେ ଉଲ୍ଲେଖ ରହିଛି। ଏହି ଚାଷୀମାନେ ବିଶେଷକରି ଛତିଶଗଡ଼ ଓ ବାହାର ରାଜ୍ୟରୁ ଆସୁଥିବା ବେପାରୀମାନଙ୍କୁ ଧାନ ବିକିବାକୁ ବାଧ ହେଉଛନ୍ତି। ତେଣୁ ଏଥିରେ ମୂଳ ଟଙ୍କା ବି ଉଠୁନି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ବରଗଡ, ବଲାଙ୍ଗୀର, ସୋନପୁର ଆଦି ବହୁ ଜିଲ୍ଲାରେ ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଖରିଫ୍‌ଠାରୁ ରବି ପର୍ଯ୍ୟନ୍ତ ଚାଷୀମାନଙ୍କ ଧାନ ବିକ୍ରି ମୁଖ୍ୟ ସମସ୍ୟା ହୋଇ ରାଜ୍ୟରେ ଠିଆ ହୋଇଛି। ଆରମ୍ଭରୁ ଚାଷୀ ନାହିଁ ନଥିବା ଅସୁବିଧା ଭୋଗୁଥିବାବେଳେ ସରକାରଙ୍କ କୃଷି ସମାବେଶ କାହା ପାଇଁ ବୋଲି ଚାଷୀ ନେତା ରାମଚନ୍ଦ୍ର ସାହୁ ପ୍ରଶ୍ନ କରିଛନ୍ତି।

Office of the Principal
Women's Degree College, Padampur
Dist.: Bargarh, Pin: 768036
Tender Call Notice
Invited sealed quotation from reputed Farms/ Agency/ Vendors to supply IT equipments at the college office by post / by hand on or before Dt. 25.06.2025.
For more details visit https://www.wdcpadampur.com
Sd/- Principal

AFFIDAVIT
By virtue of an affidavit sworn before the Executive Magistrate, Bhubaneswar vide C.F. No.68, dated-19/06/2025, I, Rajas Sunil Kolhatkar, Son of Sunil Kolhatkar, permanent resident of C1-503, Kumar Shantiniketan, Baner Pashan Link Road, Pashan, Pune-411021, Maharashtra, have changed my name from Rajas Kolhatkar to Rajas Sunil Kolhatkar. Henceforth, I shall be known as RAJAS SUNIL KOLHATKAR for all purposes.

SALE
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & K.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

TO-LET
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2767 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

NOTICE
(for Minor)
By virtue of an affidavit sworn before Executive Magistrate, BALASORE, dated 20/06/2025 I, UPENDRA KUMAR SINGH, Address HOUSE NO. 143, KUNWAR SINGH COLONY, PO/PS – CHAS, DISTRICT – BOKARO STEEL CITY, JHARKHAND - 827013 declare that I have changed the name of my son from AYANSH KUMAR to AYANSH SINGH. Henceforth, he shall be known as AYANSH SINGH for all purposes.
UPENDRA KUMAR SINGH

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ

AFFIDAVIT
By virtue of an affidavit sworn before The Executive Magistrate, Bhubaneswar on 04/06/2025, I Sanjaya Kumar Swain, resident of 261/B, Near MKG College, PO- Mathakaragola, Dist- Dhenkanal, Odisha hereby affirm that in the School Records of my daughter Sameeksha Swain my name is wrongly recorded as Sanjay Kumar Swain. However, Sanjaya Kumar Swain and Sanjay Kumar Swain are same and one.

AFFIDAVIT
By virtue of an affidavit sworn before Executive Magistrate Danagadi, Dated: 28/3/25, I Raimuni Gagarai, Vill-Gadpur, P.O.-Khuiunti, P.S.-Kalinganagar, Dist.-Jajpur, declare that I have changed my daughter's name from Mini Gagrai, D/o Kanhu Badara, D.O.B.- 01.01.2010 Nandita Hembram, D/o- Kanhu Charan Hembram, D.O.B.- 28.10.2011 shall be known as Nandita Hembram, D/o- Kanhu Charan Hembram, D.O.B. 28/10/2011 for all purposes.

AFFIDAVIT

AFFIDAVIT
I Nabeen Chandra Sahu, aged about 59 years, S/o- Udayanath Sahu, resident of At- Monasa Building, Main Road, Near Uttareswar Temple, Brahmapur Sadar, Po- Gosaninuagam, Berhampur Sadar, Dist- Ganjam, PIN- 760003, Odisha declare by this Affidavit No. 510, dtd. 17/06/2025 I have changed my minor son's name from Ashish Kumar Sahu To Aaish Kumar Sahu for all future purposes.

AFFIDAVIT
I, Rajendra Kumar Swain, aged about 38 years, S/o- Surendra Swain, resident of At- Mousudha, PO- Mousudha Bazar, Via- Motto, Ps- Bansada, Dist- Bhadrak, PIN- 756132, Odisha declared by this affidavit No. 509, dtd- 17/06/2025 that now onwards I shall be known as RAJENDRA SWAIN for all future purposes.

ସକାଳ THE SAKALA



www.sakalaepaper.com

## ଚାଟରାଚକଡ଼ା ପଞ୍ଚାୟତରେ ବିକାଶ ରଥ ପରିକ୍ରମା



ଡେରାବିଶ, ୨୦।୬(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତରେ ଆଜି ବିକାଶ ରଥ ପରିକ୍ରମା କରିଛି। ଏହି ରଥ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ପଞ୍ଚାୟତର ସମସ୍ତ ୱାଡର୍ ସଭ୍ୟସଭ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହି ସ୍ୱାଗତ କରିଥିଲେ। ବିଡିଓ ନମିତା ବାରିକ, ତହସିଲଦାର ସରୋଜ ନାୟକ, ଡବ୍ଲୁଇଓ ରଶ୍ମି ଦେବୀ, ଏମ୍ଆଇ ସ୍ୱରୂପ ଦାସ ଉପସ୍ଥିତ ରହି ୨ ଜଣଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ, ୭ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା, ୪ ଜଣଙ୍କୁ ନୂତନ ରାସନ କାଡର୍ ଓ ଜବକାଡର୍ ଆଦି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପିଇଓ ଶୁଭ୍ରଜ୍ୟୋତି ମଲିକ, ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ବିପିଏମ ଅମୀୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ପରେ ଏହି ରଥ ବ୍ଲକ୍ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତ ଓ ଗୋଲରାହାଟ ପଞ୍ଚାୟତକୁ ଯାଇଥିଲା।

### ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ

# ମେଡିସିନ୍ କିଟ୍, ଖେଳନା ବଦଳରେ ବ୍ଲୁଟୁଥ୍, ରାକ୍ ଦେଇ ଭଣ୍ଡିଲେ

ରାଜକନିକା,୨୦।୬(ସମିସ):

ସବୁବେଳେ ଚର୍ଚ୍ଚାରେ ରହିଆସୁଥିବା ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଆଉଏକ ବିବାଦରେ ଛନ୍ଦି ହୋଇପଡ଼ିଛି। ବିଭାଗୀୟ ବିଧି ମୁତାବକ ପ୍ରତିବର୍ଷ ଅଙ୍ଗନବାଡି ଶିଶୁଙ୍କୁ ଦିଆଯାଉଥିବା ପ୍ରି-ସ୍କୁଲ ଓ ମେଡିସିନ୍ କିଟ୍ ବଦଳରେ ଶସ୍ତା ରାକ୍ ଓ ବ୍ଲୁ ଟୁଥ୍ ଦେଇ ବ୍ୟାପକ ଅର୍ଥ ହେରଫେର ହେବା ନେଇ ଅଭିଯୋଗ ହୋଇଛି। କାହା ପରାମର୍ଶରେ କାର୍ଯ୍ୟାଳୟର ବ୍ୟବସ୍ଥାକୁ ବଦଳାଯାଇଛି,ସେନେଇ ପ୍ରଶ୍ନ ଉଠିଛି।

ସୂଚନା ମୁତାବକ, ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ଲକ୍‌ର ୨୧୫ଟି ଅଙ୍ଗନବାଡି କେନ୍ଦ୍ରକୁ ପିଲାଙ୍କ ଖେଳନା ଓ ମେଡିସିନ୍ କିଟ୍ ପାଇଁ ଯଥାକ୍ରମେ ୧୫ ଶହ ଓ ୧୯ ଶହ ଟଙ୍କା ସିଧାସଳଖ ଅଙ୍ଗନବାଡି କେନ୍ଦ୍ର କର୍ମୀ ବ୍ୟାଙ୍କ୍ ଖାତାକୁ ଆସିଛି। ପିଲାଙ୍କ ପାଇଁ ଉପରୋକ୍ତ ସାମଗ୍ରୀ ବଜାରରୁ କିଣିପାରିବେ। ଫଳରେ ଖେଳନା କୁନି ପିଲାଙ୍କ ବୌଦ୍ଧିକ ବିକାଶରେ ସହାୟକ ହେବା ସହିତ ମେଡିସିନ୍ କିଟ୍ ବି ଆବଶ୍ୟକ ଅନୁସାରେ କାର୍ଯ୍ୟରେ ଲାଗିବ। ତେବେ ବିଭାଗର ଏଭଳି ମାର୍ଗଦର୍ଶିକାକୁ କିନ୍ତୁ ବଦଳାଯାଇଛି। କାର୍ଯ୍ୟାଳୟର କିଛି ଅସାଧୁ ସୁପରଭାଇଜର ଜଣେ ସପ୍ଲାୟରଙ୍କୁ

**ସିଡିପିଓଙ୍କୁ ଜଣାନାହିଁ, ବିଭାଗୀୟ ମାର୍ଗଦର୍ଶିକା ମାନିଲେନି**

ଆଣି ସମସ୍ତ କେନ୍ଦ୍ରକୁ ବ୍ଲୁ ଟୁଥ୍ ଓ ରାକ ଦେବା ନିମନ୍ତେ ଚୁକ୍ତି କରିଥିଲେ। ଜିନିଷଗୁଡିକ ଇତିମଧ୍ୟରେ ସବୁ କେନ୍ଦ୍ରକୁ ଦିଆସରିଛି। କେତେକ ସେକ୍ଟରରେ ଶତପ୍ରତିଶତ ଟଙ୍କା ଅଙ୍ଗନବାଡି କର୍ମୀଙ୍କଠାରୁ ଆଦାୟ ହୋଇଛି। ଏମିତିକି ନିର୍ଦ୍ଦିଷ୍ଟ ସପ୍ଲାୟରଙ୍କ ଫୋନ-ପେ ନମ୍ବରରେ ୩୪ ଶହ ଟଙ୍କା ପଠାଇବାକୁ ଲିଖିତ ମେସେଜରେ ସବୁ ଅଙ୍ଗନବାଡି କର୍ମୀଙ୍କୁ ସିଡିପିଓଙ୍କ ନିର୍ଦ୍ଦେଶ ବୋଲି ଉଲ୍ଲେଖ ରହିଛି। ତରବରିଆ ଭାବେ କେତେଜଣ ସୁପରଭାଇଜର କେମିତି ଟଙ୍କା ଆଦାୟ କରାଯିବ, ସେଥିପାଇଁ ଲାଗିପଡ଼ିଛନ୍ତି। କେତେଜଣ ଆଗ ଧାଡ଼ିର ଅଙ୍ଗନବାଡି କର୍ମୀ ଗ୍ରୁପ୍ ଲିଡର ସାଜି ପ୍ରତ୍ୟେକ ସେକ୍ଟରରେ ଟଙ୍କା ଆଦାୟ ନିମନ୍ତେ କର୍ମୀଙ୍କ ଉପରେ ଚାପ ପକାଇଛନ୍ତି। ନାମ ଗୋପନ ରଖି କେତେକ କର୍ମୀ ଏତାଦୃଶ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏସବୁ ନେଣଦେଣ ଭିତରେ ସପ୍ଲାୟର, ସୁପରଭାଇଜର ପ୍ରତ୍ୟେକ ସେକ୍ଟରର ଗ୍ରୁପ ଲିଡର ଓ କାର୍ଯ୍ୟାଳୟର ସହଭାଗିତାରେ ବ୍ୟାପକ ଅର୍ଥ ତୋଷରପାତର ହେଉଛି ବୋଲି ଚର୍ଚ୍ଚା ହେଉଛି। ଚକିତ କଲା ଭଳି କଥା ହେଉଛି ନିଜ ବ୍ୟାଙ୍କ ବହିରୁ ଟଙ୍କା ଉଠାଇ ସପ୍ଲାୟରଙ୍କୁ ଟେକି ଦେଉଥିବା ଅର୍ଥର ସାମାନ୍ୟତମ ଲାଭ ପାଉ ନ ଥିବା କର୍ମୀ କାନମୁଣ୍ଡ ଆଉଁସି ରହିଛନ୍ତି। ଏ ସମ୍ପର୍କରେ ସିଡିପିଓ ରଞ୍ଜୁବାଳା ଦାଶ କିଛି ଜାଣି ନ ଥିବା କହିଛନ୍ତି। ବିଭାଗୀୟ ବ୍ୟବସ୍ଥା ଭିତରେ କିଭଳି ଏମିତି ଅନିୟମିତତା ହୋଇଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ସିଡିପିଓ ଏ ସମ୍ପର୍କରେ କିଛି ନ ଜାଣିବା ଆଉ ସୁପରଭାଇଜରଙ୍କ ଭିନ୍ନ ଭିନ୍ନ ମତ ଯେ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି କରୁଛି, ତାହା ଜଳ ଜଳ ଦିଶୁଛି। ଆଗରୁ ଏହି କାର୍ଯ୍ୟାଳୟର ଏମିତି ବହୁ ଅନିୟମିତତା ଯୋଗୁଁ ବିବାଦ ଘେରକୁ ଆସି ସମଗ୍ର ଜିଲ୍ଲାରେ କାର୍ଯ୍ୟାଳୟର ଭାବମୂର୍ତ୍ତି ମଳିନ ହୋଇଥିବାବେଳେ ପୁଣି ନୂଆ ଏକ ବିବାଦରେ ଛନ୍ଦି ହୋଇ କାର୍ଯ୍ୟାଳୟର ପାରିବାପଣିଆକୁ ପଦାରେ ପକାଇଛି। ଯଦି କାର୍ଯ୍ୟାଳୟର ଏଭଳି ଧାରା ଲାଗି ରହେ, ତେବେ ଶିଶୁଙ୍କ ବିକାଶ ଯେ କେତେ ଫଳପ୍ରଦ ହେବ, ତାହା ଜଳ ଜଳ ଦିଶିଲାଣି। ତେଣୁ ବିଭାଗୀୟ ଜିଲ୍ଲା ଉଚ୍ଚ ପଦାଧିକାରୀ ତଦନ୍ତ କରି ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଯଦୁପୁରରେ ଆମ ଗାଁରେ ତହସିଲ କାର୍ଯ୍ୟକ୍ରମ



ମହାକାଳପଡ଼ା,୨୦।୬(ସମିସ):କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଓ ମହାକାଳପଡ଼ା ତହସିଲ ଆନୁକୂଲ୍ୟରେ "ଆମ ଗାଁ ରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଯଦୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଂଯୁକ୍ତା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଶିବପ୍ରସାଦ ମଲ୍ଲିକ ଉପସ୍ଥିତ ରହି ସାଧାରଣ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହିତ ତାହାର ଆଶୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାସସ୍ଥାନ, ଆୟ, ଜାତି, ଉତ୍ତରାଧିକାରୀ ପ୍ରମାଣ ପତ୍ର, ଜମି ଚିହ୍ନଟ, ଜମିପଟ୍ଟା ସମ୍ବନ୍ଧୀୟ ସହାୟତା ତ୍ୱରିତ ଯୋଗାଣ ଉପରେ ଶିବିରରେ ପ୍ରାଥମିକତା ଦିଆଯାଇଥିଲା। ସତ୍ୟରଞ୍ଜନ ନାୟକ, ରଶ୍ମିତା ରାଉତ, ବୁଟନ ପରିଡା, ବାସନ୍ତୀ ମାରାଣ୍ଡି ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ହିତାଧିକାରୀ ନିଜ ନିଜର ଅଭିଯୋଗ ପଞ୍ଜୀକରଣ କରିଥିବାବେଳେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ଓ ସମାଜସେବୀ ମଣ୍ଟୁ ବେହେରା ସହଯୋଗ କରିଥିଲେ।

## 'ପୁନର୍ବାସ ସମାଚାର'ର ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପିତ

କେନ୍ଦ୍ରାପଡ଼ା,୨୦।୬(ସମିସ): ବିଶ୍ୱ ସିକିଲ୍ ସେଲ୍ ଦିବସ ପାଳନ ଅବସରରେ ପୁନର୍ବାସ ପରିସରରେ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଭିନ୍ନକ୍ଷମତା ସମ୍ପର୍କିତ ଦ୍ୱିମାସିକ ଦ୍ୱିଭାଷିକ ପତ୍ରିକା ପୁନର୍ବାସ ସମାଚାରର "ରକ୍ତଜନିତ ଭିନ୍ନକ୍ଷମତା' ସମ୍ପର୍କିତ ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ବ୍ଲଡ ବ୍ୟାଙ୍କ୍‌ର ନିର୍ବାହୀ ଅଧିକାରୀ ଡାକ୍ତର ମାନସ କୁମାର ଜେନା, ଏଏନଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ଭାରତୀ ସ୍ୱାଇଁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ପ୍ରମୁଖ ଯୋଗଦେଇ ରକ୍ତଜନିତ ଭିନ୍ନକ୍ଷମତାର ଗୁରୁତରତା ଓ ସଚେତନତା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ୧୯ ଜୁନରେ ପ୍ରତିବର୍ଷ ପାଳନ କରାଯାଉଥିବା ବିଶ୍ୱ ସିକିଲ ସେଲ୍ ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ପ୍ରତି ରକ୍ତହୀନ ରୋଗୀଙ୍କ ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି ପାଉଥିବାରୁ ଚିନ୍ତା ପ୍ରକଟ କରିଥିଲେ। ବ୍ଲଡ୍



ବ୍ୟାଙ୍କରେ ସମପରିମାଣରେ ରକ୍ତ ନାହିଁ। ଏଣୁ ଏଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ଓ ବର୍ଷକୁ ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ଦୁଇଥର ରକ୍ତ ଦାନ କରିବାକୁ ପରାମର୍ଶ ଦେଇଥିଲେ। ଲୋକାର୍ପିତ ପତ୍ରିକାଟି ଅତ୍ୟନ୍ତ ସମୟପଯୋଗୀ ଓ ତଥ୍ୟଭିତ୍ତିକ ହୋଇଛି ବୋଲି ମତପ୍ରକାଶ କରିଥିଲେ। ସହସମ୍ପାଦକ ବଂଶୀଧର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ପ୍ରଶିକ୍ଷିକା ଅନୀତା ପାତ୍ର, ପ୍ରଣତୀ ଜେନା, ଅନନ୍ତ ପାତ୍ର, ଅନୁଜା ନାୟକ, ସୁଶ୍ରୀ ସଙ୍ଗୀତା ବିଶ୍ୱାଳ, ସ୍ୱରସୁଧା ଦାସ, ନିବେଦିତା ମହାନ୍ତି, ପୂଜା ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ, ଥେରାପିଷ୍ଟ ରଚିତା ଜେନା, ଗୁଞ୍ଜନସ୍ମିତା ବେହେରା, ସଞ୍ଜୀବ କୁମାର ଜେନା, ମିହିର ବାରିକ ଓ ଗାୟତ୍ରୀ ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପତ୍ରିକା ସମ୍ପାଦନା ମଣ୍ଡଳୀ ସଦସ୍ୟ ପ୍ରାଧ୍ୟାପକ ଡଃ ଯତିନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଉଦ୍ଧାର

ରାଜନଗର,୨୦।୬(ସମିସ): ରାଜନଗର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚଳିତ ମାସରେ ୫ ଜଣ ନାବାଳିକାକୁ ଉଦ୍ଧାର କରିଛି। ଆଜି ଏହି ଥାନା ଅନ୍ତର୍ଗତ ବଗପାଟିଆ ଅଞ୍ଚଳରୁ ଜଣେ ନାବାଳିକାକୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଛି। ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁଙ୍କ ସୂଚନା ମୁତାବକ ସାତଭାୟା ଅଞ୍ଚଳରୁ ଗତ ମାର୍ଚ୍ଚ ମାସରେ ଜଣେ ନାବାଳିକା ଅପହରଣ ହୋଇଥିବା ନେଇ ରାଜନଗର ଥାନାରେ ନାବାଳିକାର ମାଆ ଅଭିଯୋଗ କରିଥିଲେ। ରାଜନଗର ଥାନାରେ ୭୩ /୨୦୨୫ରେ ମାମଲା ରୁଜୁ ହୋଇଥିଲା। ଆଜି ନାବାଳିକାକୁ ପୁଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ନାବାଳିକାର ବୟାନ ମୁତାବକ ମାଆ ମୋବାଇଲ ନ ଦେବାରୁ ରାଗି ତାମିଲନାଡୁ ଚାଲି ଯାଇଥିଲେ। ମାଆ ଜାଣି ନ ପାରି ଅପହରଣ ହୋଇଥିବା ନେଇ ଅଭିଯୋଗ କରିଥିଲେ ବୋଲି ପୁଲିସ ଆଗରେ କହିଥିବା ଆଇଆଇସି ସୂଚନା ଦେଇଛନ୍ତି।

## ମଦନପୁର କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ପଟ୍ଟାମୁଣ୍ଡାଇ,୨୦।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ୟୁକେ ମହାବୀର କଲେଜର ନୂତନ ଅଧ୍ୟକ୍ଷ ଭାବେ ବାଳକାଟୀ କଲେଜର ଅଧ୍ୟକ୍ଷ ପ୍ରଫେସର ଶ୍ରୀମନ୍ତ ଉପାଧ୍ୟାୟ ଯୋଗଦେଇ ବିଦାୟୀ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ତ୍ରିପାଠୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷଙ୍କ ଯୋଗଦାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ଶାଖା ବୈଠକ

ଡେରାବିଶ,୨୦।୬(ସମିସ): ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ୍ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଗବାନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନେ ସେମାନଙ୍କର ଝିଅ ବିଭାଘର ସହାୟତା ନିମନ୍ତେ ଦୀର୍ଘବର୍ଷ ହେବ ଆବେଦନ କରିଥିଲେ ମଧ୍ୟ ଶ୍ରମ କାର୍ଯ୍ୟାଳୟ କର୍ଣ୍ଣପାତ କରୁନାହିଁ। ଏଥିସହିତ ମହିଳା ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ, ବର୍ଷ ବର୍ଷ ଧରି ପଡ଼ିରହିଥିବା ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ପ୍ରଦାନ ପ୍ରତି ଶ୍ରମ ବିଭାଗ କର୍ଣ୍ଣପାତ କରୁ ନ ଥିବା ଶ୍ରୀ ତ୍ରିପାଠୀ କହିଥିଲେ।



ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଦୀର୍ଘଦିନ ଧରି ସମାଧାନ ହୋଇପାରୁ ନ ଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ନିର୍ମାଣ ଶ୍ରମିକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ଧଳ, ହରି ମାହାଳି, ଧିରେନ ସାହୁ, ଅଭିରାମ ସାହୁ, ଧିରେନ ଜେନା, ଅନିରୁଦ୍ଧ ପୃଷ୍ଟି, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। ଶେଷରେ ଚିତ୍ତରଞ୍ଜନ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨୦।୬(ସମିସ): ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର ପଞ୍ଚାୟତର ଯୁବ ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀଙ୍କ ଏକାଦଶାହରେ ଧ୍ରୁବ ଅନ୍ନପୂର୍ଣ୍ଣା ସେବା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ଡଃ ସିପ୍ରା ମଲ୍ଲିକ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ପ୍ରାକ୍ତନ ଅଧ୍ୟକ୍ଷା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ବିଜେଡି ନେତା ମାନସ ପରିଡା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, କେନ୍ଦ୍ରାପଡ଼ା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସୁଶାନ୍ତ ଦାସ,୧୫ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଦିହୁଡ଼ିପୁର ସରପଞ୍ଚ ନରେଶ ମଲିକ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ମଲିକ, ଚନ୍ଦନନଗର ସମିତିସଭ୍ୟ ମାନସ ମଲିକ, ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ ପାତ୍ର, ଚନ୍ଦନପୁର ସରପଞ୍ଚ ଉମାକାନ୍ତ ମଲିକ, ଜିଲ୍ଲା ସରପଞ୍ଚ ସଂଘ ଉପସଭାପତି ଅଶ୍ୱିନୀ ପାତ୍ର, ବିଜେପି ଯୁବନେତା ଶଶୀକାନ୍ତ ସ୍ୱାଇଁ ବିକାଶ ପରିଷଦ ସମ୍ପାଦକ ଗୋପିନାଥ ତ୍ରିପାଠୀ, ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ, ସମବାୟବିତ୍ ଚିତ୍ତରଞ୍ଜନ ମଲ୍ଲିକ, ପୂର୍ବତନ ସରପଞ୍ଚ କ୍ଷମାନିଧି ସାମଲ, ସିପିଏମ ନେତା ଶ୍ରୀକାନ୍ତ ଲେଙ୍କା, ଶାନ୍ତନୁ ପରିଡା, ସନ୍ତୋଷ ଖଣ୍ଡାୟୀ ଯୋଗଦେଇ ଜ୍ଞାନରଞ୍ଜନଙ୍କ କର୍ମମୟ ଜୀବନ ଓ ନୀଳକଣ୍ଠପୁର ପଞ୍ଚାୟତ ବିକାଶରେ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ପତ୍ନୀ ମୋନାଲିସା ଖଣ୍ଡାୟୀ ଧନ୍ୟବାଦ ଦେଇଥିଲେ। ଧ୍ରୁବ ଅନ୍ନପୂର୍ଣ୍ଣା କଳା ପରିଷଦ କଳାକାର ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରମୋଦ ଖଣ୍ଡାୟୀ, ପ୍ରବୋଧ ଖଣ୍ଡାୟୀ, ରଶ୍ମିରଞ୍ଜନ ଖଣ୍ଡାୟୀ ଓ ରବି ରଞ୍ଜନ ଖଣ୍ଡାୟୀ ପ୍ରମୁଖ ପରିଚାଳନା କରିଥିଲେ।



■ ପ୍ରତିଶ୍ରୁତି ପାଳନ କରିବାରେ ସରକାର ବିଫଳ

## ଜନଶକ୍ତି ପାର୍ଟି ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ଜଗତସିଂହପୁର,୨୦।୬(ସମିସ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବେ ବର୍ଷପୂର୍ତ୍ତି ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନରେ ସରକାର ବିଫଳ ହୋଇଥିବା ଅଭିଯୋଗ କରିଛି ଜନଶକ୍ତି ପାର୍ଟି। ସରକାରଙ୍କ ବିଭିନ୍ନ ବିଫଳତା ସଂପର୍କରେ ୧୨ ଦଫା ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ ଦାଶ ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କୁ ପ୍ରଦାନ କରିଛନ୍ତି। ପ୍ରଦୀପଙ୍କ ଅଭିଯୋଗ ଅନୁସାରେ କୃଷକଙ୍କୁ ପର୍ଯ୍ୟାପ୍ତ ପରିମାଣରେ ବିହନ ମିଳୁ ନ ଥିବାବେଳେ ଏବେ ଆଳୁ,ପିଆଜ ଓ କଦଳୀ ବାହାର ରାଜ୍ୟରୁ ଆମଦାନି କରାଯାଉଛି। ଶୀତଳଭଣ୍ଡାର ନ ଥିବାରୁ ଦରଦାମ ନିୟନ୍ତ୍ରଣରେ ରହୁନାହିଁ। ବେକାରୀ ସମସ୍ୟା ଚରମସୀମାରେ ପହଞ୍ଚିଥିବାବେଳେ ଯୁବକ/ଯୁବତୀ କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଉଛନ୍ତି। ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଦେଖିବାକୁ ମିଳୁଥିବାବେଳେ ହଇଜା ଏବେ ମହାମାରୀ ରୂପ ନେବାକୁ ବସିଲାଣି ବୋଲି ଅଭିଯୋଗ କରିଛି ଜନଶକ୍ତି ପାର୍ଟି। ସେହିପରି ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡୁଥିବାବେଳେ ଗୋଟିଏ ବର୍ଷ ପରେ ମଧ୍ୟ ସରକାରୀ ଓକିଲ ନିଯୁକ୍ତି ଓ ବିଭିନ୍ନ ନିଗମରେ ଅଧ୍ୟକ୍ଷ ନିଯୁକ୍ତି ସମ୍ଭବ ହୋଇନାହିଁ। ୬ ମନ୍ତ୍ରୀ ପଦ ଖାଲିଥିବାବେଳେ ମହିଳା କମିଶନ, ଲୋକାୟୁକ୍ତ ପ୍ରଭୃତି ଗଠନ ହୋଇପାରୁନାହିଁ। ଚିଟଫଣ୍ଡ ଅର୍ଥ ଫେରାଇବାକୁ ଦେଇଥିବା ପ୍ରତିଶୃତି ସରକାର ଭୁଲିଗଲେଣି କି ବୋଲି ଜନଶକ୍ତି ପାର୍ଟି ପ୍ରଶ୍ନ କରିଛି। ସୁଭଦ୍ରା ଟଙ୍କା ନେଇ କେଉଁ ପ୍ରକଳ୍ପ ହିତାଧିକାରୀ ଲକ୍ଷପତି ଦିଦି ହୋଇଛନ୍ତି ସେ ସମ୍ପର୍କରେ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ପାର୍ଟି ଦାବି ଜଣାଇଛି। ବହୁ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିଥିବାବେଳେ ଛାତ୍ର ସଂସଦ ନିର୍ବାଚନ ସଂପର୍କରେ ସରକାରଙ୍କ ନିରବତା କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଶ୍ରୀ ଦାଶ। ଏସବୁ ଦାବି ଉପରେ ବିଚାରକରି ରାଷ୍ଟ୍ରପତି ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ଦାଶ ନିବେଦନ କରିଛନ୍ତି।



### ତାଳଦଣ୍ଡା କେନାଲରେ ପଡୁଛି ବର୍ଜ୍ୟବସ୍ତୁ

# ଦୂଷିତ ହେଉଛି ପାଣି, ସାଧାରଣରେ ଅସନ୍ତୋଷ

କୁଜଙ୍ଗ,୨୦।୬(ସମିସ):

ଦେଶର ପ୍ରମୁଖ କେନାଲ ତାଳଦଣ୍ଡା କେନାଲ ଏବେ ଦୂଷିତ ହେବାରେ ଲାଗିଛି। କେନାଲର ଉପରିଭାଗରେ ମରାମତି ହେଉଥିବାବେଳେ ନିମ୍ନଭାଗରେ ଏହି କେନାଲରେ କଟକ-ପାରାଦୀପ ରାସ୍ତାର ଅଗପାଳ ପଞ୍ଚାୟତ ବଡ଼ପାଳ ସନ୍ନିକଟ ମହାନଦୀ ନିକଟରୁ ପାରାଦୀପ ବନ୍ଦରକୁ ବଡବଡ ପମ୍ପ ଯୋଗେ ପାରାଦୀପ ବନ୍ଦରକୁ ପାଣି ଯୋଗାଣ କରାଯାଉଛି। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ପାରାଦୀପ ବନ୍ଦର କିମ୍ବା ପୂର୍ବ ଉପକୂଳର ଲାଇଫ୍‌ଲାଇନ କୁହାଯାଉଥିବା ତାଳଦଣ୍ଡା କେନାଲ ଏବେ ଅଳିଆ ଆବର୍ଜନାରେ ପ୍ରଦୂଷିତ ହୋଇପଡ଼ିଲାଣି। ମହାନଦୀରେ ଯୋବ୍ରା ଆନିକଟ ନିକଟରୁ ପାରାଦୀପ ପର୍ଯ୍ୟନ୍ତ ଲମ୍ବିଥିବା ଉକ୍ତ କେନାଲରେ ସ୍ଥାନୀୟ ହାଟବଜାର ବର୍ଜ୍ୟବସ୍ତୁ, ମାଛ, ମାଂସ ପରିତ୍ୟକ୍ତ ସାମଗ୍ରୀ, ହୋଟେଲର ପଚାସଢା ପାଣି ଓ ଅଇଁଠା ଖାଦ୍ୟ ସାଙ୍ଗକୁ ଉଠା ଦୋକାନୀଙ୍କ ସୋଲ ଠୋଲା, ଶୁଖିଲା କଦଳିପତ୍ର,



ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସମେତ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ବୁଲା ଗାଈଗୋରୁ, କୁକୁର ପକାଯାଉଥିବା ଦେଖିବାକୁ ମିଳୁଛି ।ଏହାଦ୍ୱାରା ତାଳଦଣ୍ଡା କେନାଲ ପାଣି ପ୍ରଦୂଷିତ ହୋଇପଡିଲାଣି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ରାହାମା, କୁଜଙ୍ଗ, ଭୂତମୁଣ୍ଡାଇ, ପାରାଦୀପଗଡର ହାଟ ବଜାରରୁ ଦୈନିକ ଟ୍ରାକ୍ଟର ଟ୍ରାକ୍ଟର ପନିପରିବା, କୋବି ପତ୍ର, କଦଳିକାନ୍ଧି, ଥର୍ମୋକୁଲ ଠୋଲା, ଜୈବ ଅବକ୍ଷୟ ଅଯୋଗ୍ୟ ପ୍ଲାଷ୍ଟିକ୍ ତାଳଦଣ୍ଡା କେନାଲରେ ପକାଯିବା ଦ୍ୱାରା ପାଣିରେ ପୋକ ସାଲୁବାଲୁ ହେବା ସାଙ୍ଗକୁ ପାଣି ଦୂଷିତ ହେବାରେ ଲାଗିଛି। ପ୍ରତିବର୍ଷ ଜଳସମ୍ପଦ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ପଟୁମାଟି ଓ ଦଳ ସଫା ନାଁରେ କେବଳ ଠିକାଦାର ପୋଷା ଚାଲିଛି। ତେବେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ଦେଖିବାକୁ ମିଳୁଛି। ଯଦ୍ୱାରା କେନାଲ କୂଳବର୍ତ୍ତୀ ଲୋକ ଶୌଚ କିମ୍ବା ପାଣି ବ୍ୟବହାର କରିବାକୁ ଉଚିତ ମଣୁନାହାନ୍ତି। ଏଣୁ ଜିଲ୍ଲାପାଳ ତାଳଦଣ୍ଡା କେନାଲକୁ ପ୍ରଦୂଷିତ କରୁଥିବା ବ୍ୟକ୍ତିଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଦବ ନେତା ତଥା କୁଜଙ୍ଗ ଓକିଲ ସଂଘ ସଭାପତି ଏନ୍‌ଡି ଯାଦବ, ଶିକ୍ଷାବିତ୍ ଅଶୋକ ମହାନ୍ତି କରିଛନ୍ତି। ଅନ୍ୟପକ୍ଷରେ ତାଳଦଣ୍ଡା କେନାଲକୁ ସଫା କରି ଏଥିରେ ବାହାର ଅଞ୍ଚଳରୁ ଆସୁଥିବା ଜୈବ ଅବକ୍ଷୟ ଅଯୋଗ୍ୟ ବର୍ଜ୍ୟକୁ ଅଲଗା କରି କୁଜଙ୍ଗରେ ଇକୋ ଟୁରିଜିମ୍ ହୋଇପାରିବ ବୋଲି କହିଛନ୍ତି ବରିଷ୍ଠ ନାଗରିକ ରଜନୀକାନ୍ତ ଦାସ। ଡଙ୍ଗା ସହ କେନାଲ ପାର୍ଶ୍ୱରେ ପାର୍କ ତିଆରି କରି ଏହି ସୁବିଧା କରାଇଲେ ପରିବେଶ ସଫା ରହିବ ଓ ପଞ୍ଚାୟତର ରୋଜଗାର ଉତ୍ସ ହୋଇପାରିବ ବୋଲି କହିଛନ୍ତି।

## କଳାକାର ନିତ୍ୟାନନ୍ଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୨୦।୬(ସମିସ): କୋରୋ ଗ୍ରାମ କୁମ୍ଭାର ସାହିରେ ବିଶିଷ୍ଟ କଳାକାର, ସ୍ଥପତି, ସମାଜସେବୀ ଓ ଆଦର୍ଶ ଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଓ ଭାବପୂର୍ଣ୍ଣ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ନିତ୍ୟାନନ୍ଦଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ବଳିଷ୍ଠ ସଂଯୋଜନାରେ କଣ୍ଠଶିଳ୍ପୀ ଉପେନ୍ଦ୍ର କୁମାର ପାଢୀ, ନିରୁପମା, ବଳରାମ ମଲିକ, ରଞ୍ଜନ ବରାଳ, ଅଜୟ ଜେନା, କୈଳାସ ପରିଡା, ତୋଫାନ ମଲିକ ପ୍ରମୁଖ ଭଜନ ପରିବେଷଣ କରି ସ୍ୱର୍ଗତ ଦାସଙ୍କୁ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁତ୍ର ଅଶୋକ ଦାସ, ସୁଶାନ୍ତ ଦାସ, କମଳାକାନ୍ତ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ ଗୁରୁଚରଣ ଷଡ଼ଙ୍ଗୀ, ଅଭିରାମ ବେହେରା, ବସନ୍ତ ଜେନା, ଗଣେଶ ଚନ୍ଦ୍ର ରାଉତ, ମାଧବ ମଲିକ, କୋରୋ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ ପ୍ରସାଦ ଜେନା, ସୁରେନ୍ଦ୍ର ରାଉତ, ଚୈତନ୍ୟ ରାଉତ, ଗଣେଶ ଦାସ, ଚକ୍ରଧର ବେହେରା, ବେଣୁଧର ବେହେରା, ଦାମୋଦର ମଲିକ, ଦେବରାଜ ଷଡ଼ଙ୍ଗୀ, ରଞ୍ଜନ ନାୟକ, ଶିକ୍ଷକ କମଳାକାନ୍ତ ସାମନ୍ତରାୟ, ମମତା ମଲିକ, ରଶ୍ମିରଞ୍ଜନ ଷଡ଼ଙ୍ଗୀ, ସତୀର୍ଥର ସମ୍ପାଦକ କବି ମନ୍ମଥ ନାଥ ବରାଳ, ଅପର୍ତ୍ତି ବିଶ୍ୱାଳ, ମହେଶ୍ୱର ନାୟକ, ମୋ ଗାଁ ମୋ ସ୍ୱାଭିମାନର ବିନୋଦ ଦାସ, ମେଘନାଦ ମଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସ୍ମୃତିଚାରଣ କରିଥିଲେ। ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ପାର୍ଶ୍ୱରେ ବିପଦସଙ୍କୁଳ ଶୁଖିଲା ଗଛ

ପରଜଙ୍ଗ, ୨୦।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଥାନା, ତହସିଲ କାର୍ଯ୍ୟାଳୟ ସମ୍ମୁଖ ଦେଇ ଭାଲୁମୁଣ୍ଡା ଛକ ଆଡ଼କୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ୨ଟି ସ୍ଥାନରେ ବିପଦସଙ୍କୁଳ ଭାବେ ବଡ଼ ବଡ଼ ଶୁଖିଲା ଗଛ ରହିଛି। ଗୋଟିଏ ଗଛ ପରଜଙ୍ଗ ବଜାର ନିକଟ ଥାନା ପାଚେରି ପାଖରେ ଥିବାବେଳେ ଅନ୍ୟଟି ବଡ଼ଜୋରା ଆଶ୍ରମ ନିକଟରେ ରହିଛି। ଏହି ଦୁଇ ଶୁଖିଲା ଗଛ ପଥଚାରୀଙ୍କ ପାଇଁ କୌଣସି ମୁହୂର୍ତ୍ତରେ ବିପଦ ଆଣିଦେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବହୁ ଲୋକ ତଥା ଯାନବାହାନ ଚଳାଚଳ କରୁଥିବାରୁ କୌଣସି ମୁହୂର୍ତ୍ତରେ ବିପଦ ସୃଷ୍ଟି କରିପାରେ। ଥାନା ପାଚେରି ନିକଟରେ ରହିଥିବା ଶୁଖିଲା ଗଛ ପାଖରେ ପ୍ରାଥମିକ ବିଦ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରହିଥିବା ବେଳେ କେତେକ ସରକାରୀ କାର୍ଯ୍ୟାଳୟ ସହ ପରଜଙ୍ଗ ବଜାର ଲାଗି ରହିଛି। ଦୀର୍ଘଦିନ ଧରି ରାସ୍ତା ପାର୍ଶ୍ୱରେ ରହିଥିବା ୨ଟି ଯାକ ଶୁଖିଲା ଗଛରୁ ଧୀରେ ଧୀରେ ଶାଖା ପ୍ରଶାଖା ଭାଙ୍ଗି ତଳେ ପଡୁଥିବା ଦେଖିବାକୁ ମିଳୁଛି। ତେବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତୁରନ୍ତ ଏହି ବିପଦପୂର୍ଣ୍ଣ ଶୁଖିଲା ଗଛ ୨ଟିକୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି।

● ସହିଦ କଳସଯାତ୍ରାକୁ ସମ୍ବର୍ଦ୍ଧନା

## ସହରରେ ବିଶାଳ ବାଇକ୍ ଶୋଭାଯାତ୍ରା

ଢେଙ୍କାନାଳ, ୨୦।୬(ସମିସ): ଢେଙ୍କାନାଳ ଜିଲ୍ଲା ଯାଦବ ମହାସଙ୍ଘ ତରଫରୁ ରେଜାଙ୍ଗଲା ସହିଦ କଳସ ଯାତ୍ରାକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୧୯୬୨ ଭାରତ-ଚୀନ ରେଜାଙ୍ଗଲା ଯୁଦ୍ଧରେ ୧୧୪ ବୀର ଯାଦବ ସହିଦ ହୋଇଥିଲେ। ସେମାନଙ୍କ ସ୍ମୃତିରେ ଭାରତୀୟ ସେନା ବାହିନୀରେ ଅହିର ଯାଦବ ରେଜିମେଣ୍ଟ ଗଠନ ଦାବିରେ ଦେଶବ୍ୟାପୀ କଳସ ଯାତ୍ରା କରାଯାଇଛି। ରେଜାଙ୍ଗଲା ସହିଦ କଳସ ଯାତ୍ରା ଦେଶବ୍ୟାପୀ ପରିଭ୍ରମଣ କରିବା ଅବସରରେ ଏହାକୁ ଯାଦବ ମହାସଭା ତରଫରୁ ସ୍ଥାନୀୟ ବାଜିରୌତ ଛକରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଶାଳ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରି କଳସକୁ ଜୁବୁଲି ଟାଉନସ୍ଥିତ ଯଦୁପତି ବିହାର ମନ୍ଦିରକୁ ନିଆଯାଇଥିଲା। ଢେଙ୍କାନାଳ ଯାଦବ ମହାସଭାର ଶତାଧିକ ସଦସ୍ୟ ଲଉଡ଼ି ଖେଳ ସହ ଶଙ୍ଖ ବଜାଇ ଓ ହରିବୋଲ ପକାଇ କଳସ ରଥକୁ ପାଛୋଟି ନେବା ସହ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି କଳସ ଯାତ୍ରା ବିହାର ଚାପ୍ରାରୁ ଗତ ଏପ୍ରିଲ ୧୩ରେ ବାହାରି ସମଗ୍ର ଦେଶ ପରିକ୍ରମା କରୁଛି। ନଭେମ୍ବର ୧୮ ରେ ନୂଆଦିଲ୍ଲୀରେ ପହଞ୍ଚିବ। ଶୋଭାଯାତ୍ରାରେ ଢେଙ୍କାନାଳ ଯାଦବ ମହାସଭା ସଭାପତି ପ୍ରମୋଦ କୁମାର ବେହେରା, ସମ୍ପାଦକ ସଚିନ ଦାସ, ରାଷ୍ଟ୍ରୀୟ ସଂଯୋଜକ କିରଣ ଯାଦବ, ଅର୍ଜୁନ ଯାଦବ, ଅଜୟ ଯାଦବ, ଅଶ୍ୱିନୀ ଯାଦବ, ଉତ୍କଳ ଯାଦବ ମହାସଭାର ମିଡିଆ ସଂଯୋଜକ ଲିପୁନ ପରିଡ଼ା, ପିଙ୍କୁ ଯାଦବ, ତରୁଣ ବେହେରା, ରଞ୍ଜିତ ପ୍ରଧାନ ଓ ଦେବୀପ୍ରସାଦ ଭୁତିଆ, ଅକ୍ଷୟ କୁମାର ଭୋଇ, ଶିଶିର ବେହେରା, ସନାତନ ବେହେରା, ଗଙ୍ଗାଧର ରାଉତ, ସୁବ୍ରତ ବେହେରା, ଦେବାଶିଷ ବେହେରା, ସବ୍ୟସାଚୀ ମାହକୁଳ, ଜ୍ଞାନରଞ୍ଜନ ଯାଦବ, ବିଷ୍ଣୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ୯୧ ବର୍ଷୀୟ ବୃଦ୍ଧ

ଖଜୁରିଆକଟା, ୨୦।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଅସରଡ଼ା ପଞ୍ଚାୟତ ବାର୍ସିଙ୍ଗା ଗ୍ରାମର ଜଣେ ୯୧ ବର୍ଷିୟ ବୃଦ୍ଧଙ୍କୁ ଭତ୍ତା ମିଳୁ ନ ଥିବା ବେଳେ ଏହା ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ବାର୍ସିଙ୍ଗା ଗ୍ରାମର ନୃସିଂହ ସାହୁଙ୍କୁ ୯୧ ବର୍ଷ ହେଲାଣି ମାତ୍ର ସେ ସରକାରଙ୍କ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ନୃସିଂହ ବହୁବାର ଆବେଦନ କରି ଆସିଥିଲେ ହେଁ ପଞ୍ଚାୟତ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବାବୁଲି ରାଉତଙ୍କୁ ପଚାରିବାରୁ କହିଲେ, ନୃସିଂହଙ୍କ ବର୍ଦ୍ଧିତ ଭତ୍ତା ସମ୍ପର୍କିତ ସମସ୍ତ କାଗଜପତ୍ର ବ୍ଲକ କାର୍ଯ୍ୟାଳୟରେ ଦିଆଯାଇଛି। ମାତ୍ର ଏପର୍ଯ୍ୟନ୍ତ ଭତ୍ତା ମିଳିପାରି ନାହିଁ ବୋଲି ସେ କହିଛନ୍ତି।

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଯୋଡ଼ିହେଲା ଭୁବନର ନୀଳକଣ୍ଠପୁର



ଢେଙ୍କାନାଳ, ୨୦।୬ (ସମିସ): ଭୁବନେଶ୍ୱର ଜନତା ମଇଦାନରୁ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ହେବା ନେଇ ଘୋଷଣା କରି ଏହି ଯୋଜନର ଶୁଭାରମ୍ଭ କରିଛନ୍ତି। ଏହି ଗ୍ରାମରେ ସର୍ବକନିଷ୍ଠ ସହିଦ ଓ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତ ଜନ୍ମଗ୍ରହଣ କରିଥିଲେ। ସେ ମାତ୍ର ୧୨ ବର୍ଷ ବୟସରେ ଇଂରେଜ ସୈନିକଙ୍କ ଗୁଳିରେ ସହିଦ ହେଇଥିଲେ। ତାଙ୍କ ସ୍ମୃତି ଓ ବଳିଦାନ ପାଇଁ ଏହି ଗ୍ରାମକୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଭୁବନେଶ୍ୱର ବିଡିଓ ଆୟୁଷୀ ମହାପାତ୍ର, ନୀଳକଣ୍ଠପୁର ଗ୍ରାମବାସୀ, ସ୍ଥାନୀୟ ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

ଭୁବନରେ ମାଡୁଛି ଝାଡ଼ାବାନ୍ତି

# ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ଉ, ୯୦ କେଜି ବାସିଖାଦ୍ୟ ନଷ୍ଟ









ଭୁବନ, ୨୦।୬(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ଏନଏସିରେ ଝାଡ଼ାବାନ୍ତି ବ୍ୟାପିବାର ଲାଗିଛି। ପ୍ରଶାସନର ତାଗିତ ସତ୍ତ୍ୱେ ବିଭିନ୍ନ ଜଳଖିଆ ଦୋକାନ, ହୋଟେଲ ଏବଂ ଫାଷ୍ଟଫୁଡ୍ ଦୋକାନରେ ବାସି ତଥା ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଖାଦ୍ୟ ସୁରକ୍ଷା ଅଧିକାରୀ ଚଢ଼ଉ କରି ୯୦ କେଜି ବାସିଖାଦ୍ୟ ନଷ୍ଟ କରିଛନ୍ତି।

ଖାଦ୍ୟ ସୁରକ୍ଷା ଅଧିକାରୀ ଲୋପାମୁଦ୍ରା ନାୟକ ବିଭିନ୍ନ ଦୋକାନରେ ଚଢ଼ଉ କରି ଖାଦ୍ୟର ମାନ ଯାଞ୍ଚ କରିଥିଲେ। ୪ଟି ଦୋକାନରେ ବାସି ଖାଦ୍ୟ ମହଜୁଦ ଥିବା ଯାଞ୍ଚରୁ ଜଣାପଡ଼ିଥିଲା। ଉକ୍ତ ୪ ଦୋକାନକୁ ସିଲ୍ କରିବା ସହ ମହଜୁଦ ଥିବା ୯୦ କେଜି ବାସିଖାଦ୍ୟ ନଷ୍ଟ କରିଥିଲେ। ଏଥିସହ ସମ୍ପୃକ୍ତ ଦୋକାନରୁ ୧୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୨ଟି ସ୍ଥାନରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।



## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ମକଡ୍ରିଲ



ଗଁଦିଆ, ୨୦।୬(ସମିସ): ଗଁଦିଆ ବ୍ଲକ କାଶୀପୁର ପଞ୍ଚାୟତର ଲହଡ଼ା ବହୁମୁଖୀ ଆଶ୍ରୟସ୍ଥଳୀ ଓ ଖଣ୍ଡବନ୍ଧ ପଞ୍ଚାୟତରେ ଥିବା ଆଶ୍ରୟସ୍ଥଳୀରେ ଆଶ୍ରୟସ୍ଥଳୀସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖଣ୍ଡବନ୍ଧ ଆଶ୍ରୟସ୍ଥଳୀରେ ଗଁଦିଆ ଅଗ୍ନିଶମ ବାହିନୀର ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ସୁରେଶ କୁମାର ଜେନାଙ୍କ ନେତୃତ୍ୱରେ ହାବିଲଦାର ସନ୍ତୋଷ କୁମାର ଷେଣ୍ଠ, ଆଗ୍ନିକ ଶିବବ୍ରତ ମହାନ୍ତି, ରାକେଶ ରଞ୍ଜନ ପରିଜା, ରାଜକିଶୋର ମହାନ୍ତି, ସିଭିଲ ଡିଫେନ୍ସର ଜ୍ୟୋତିପ୍ରକାଶ ଓଝା, ମାନସ ଭୋଇ, ଜଗନ୍ନାଥ ବାରିକ ଯୋଗଦେଇଥିଲେ। ଲୋକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଲହଡ଼ା ଆଶ୍ରୟସ୍ଥଳୀରେ ଢେଙ୍କାନାଳ ଅଗ୍ନିଶମ ବାହିନୀର ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଜଗମୋହନ ସିଂଙ୍କ ନେତୃତ୍ୱରେ ଆଗ୍ନିକ ନରେଶ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ରଣା, ବିନାୟକ ମାଝୀ, ରତ୍ନାକର ପ୍ରଧାନ ଓ ସିଭିଲ ଡିଫେନ୍ସ ଟ୍ରେନର ବିଭୂତି ପରିଡ଼ା, ସୂର୍ଯ୍ୟକାନ୍ତ ଲେଙ୍କା, ବଳରାମ ବାରିକ ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ତାଲିମ ଦେଇଥିଲେ। ମୁଖ୍ୟଅତିଥି ଭାବେ ଗଁଦିଆ ବିଡିଓ ପ୍ରବିତ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସହକାରୀ ଯନ୍ତ୍ରୀ ସଦାନନ୍ଦ ମାଦେଳି, ଜିପିଟିଓ ଶୁଭଶ୍ରୀ ଶୁଭଦର୍ଶିନୀ ଓ ମନ୍ଦାର ଆରଆଇ ପ୍ରଣତି ଭୋଇ ପ୍ରମୁଖ ଯୋଗଦେଇଥିଲେ। ଉଭୟ ପଞ୍ଚାୟତର ସରପଞ୍ଚ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ। ଜିଲ୍ଲାର ଏଡିଓ ଆଶିଷ ରଞ୍ଜନ ସାହୁ ମକଡ୍ରିଲ ଅନୁଧ୍ୟାନ କରିଥିଲେ।

## ଦିବ୍ୟାଙ୍ଗ ସଶକ୍ତୀକରଣ ପାଇଁ ପର୍ପଲ ମେଳା

ଢେଙ୍କାନାଳ, ୨୦।୬(ସମିସ): ଢେଙ୍କାନାଳ ସହରସ୍ଥିତ ପୁରୁଣା ଜିଲ୍ଲାପରିଷଦ ହଲରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପର୍ପଲ ମେଳା ୨୦୨୫ ଆୟୋଜିତ ହୋଇଛି। ସଚେତନତା ଏବଂ ସାମୁଦାୟିକ ସମ୍ପୃକ୍ତି ମାଧ୍ୟମରେ ଭିନ୍ନକ୍ଷମମାନଙ୍କୁ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଅବସରରେ ନୃତ୍ୟକଳା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା, ହ୍ୱିଲଚେୟାର କ୍ରୀଡ଼ା, ସମ୍ବେଦନଶୀଳତା ଖେଳ ଏବଂ ଭାରତୀୟ ସାଙ୍କେତିକ ଭାଷା ଉପରେ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବୟସ, ଗୋଷ୍ଠୀ ଏବଂ ପୃଷ୍ଠଭୂମିର ବ୍ୟକ୍ତି ଅଂଶଗ୍ରହଣ କରିଥିଲେ, ଯାହା ବିବିଧତାରେ ଏକତାର ଉଦାହରଣ ସୃଷ୍ଟି କରିଛି। ଏହି ଅବସରରେ ଭିନ୍ନକ୍ଷମମାନଙ୍କ ଦ୍ୱାରା ସହାୟକ ଉପକରଣ, ସୁଗମ ଉପକରଣ ଏବଂ ହସ୍ତନିର୍ମିତ ବୃତ୍ତିଗତ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନ ଅଧିବେଶନରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଭି ନିରତାରର ନିର୍ଦ୍ଦେଶକ ଡ. ପିପି ମହାନ୍ତି, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ସଞ୍ଜୟ ମହାପାତ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ରଞ୍ଜନ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ପରେ ଦିବ୍ୟାଙ୍ଗ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ମିତାଲୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ପଦଯାତ୍ରାରେ ପୁରୀ ୩୧ ବର୍ଷରେ

ଭୁବନ, ୨୦।୬ (ସମିସ): ଲାଗିଛି ଡୋରି, ଚାଲିଲୁ ପୁରୀ। ପଦଯାତ୍ରାରେ ବାହାରିଲେ ଭୁବନର ଶତାଧିକା ଶ୍ରଦ୍ଧାଳୁ। ରଥଯାତ୍ରାର ୮ ଦିନ ପୂର୍ବରୁ ଏହି ଶ୍ରଦ୍ଧାଳୁମାନେ ଭୁବନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା କରି ପୁରୀ ବାହାରିଛନ୍ତି। ଦୀର୍ଘ ୩୧ ବର୍ଷ ହେଲା ଏହି ଯାତ୍ରା ଚାଲୁ ରହିଛି। ଭୁବନର ସଂକୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରାଙ୍କ ନେତୃତ୍ୱରେ ଶ୍ରଦ୍ଧାଳୁମାନେ ଚାଲି ଚାଲି ଯାଉଛନ୍ତି। ପ୍ରଥମ ଦିନ ପାଳଗାଣ୍ଡୁଆ, ଦ୍ୱିତୀୟ ଦିନ ହରିପୁର, ତୃତୀୟ ଦିନ ଚୌଦ୍ୱାର, ଚତୁର୍ଥ ଦିନ ନନ୍ଦନକାନ, ପଞ୍ଚମ ଦିନ ଉତ୍ତରା, ଷଷ୍ଠ ଦିନ ସାକ୍ଷୀଗୋପାଳ, ସପ୍ତମ ଦିନ ଚନ୍ଦନପୁରରେ ରହଣି କରି ଶ୍ରୀଗୁଣ୍ଡିଚା ଦିନ ପୁରୀ ପହଞ୍ଚିବା କାର୍ଯ୍ୟକ୍ରମ। ସମସ୍ତ ରହଣିସ୍ଥଳରେ ସ୍ଥାନୀୟ ଭକ୍ତମାନେ ପ୍ରସାଦ ବ୍ୟବସ୍ଥା କରିଥାନ୍ତି ବୋଲି କହିଛନ୍ତି ସଂକୀର୍ତ୍ତନ ଗୁରୁ ବେହେରା।



## ଓଏଭିର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କାମାକ୍ଷାନଗର, ୨୦।୬(ସମିସ): କାମାକ୍ଷାନଗର ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜନ୍ତାରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବୋତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।



ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଦଶମ ଶ୍ରେଣୀ ଛାତ୍ର ପ୍ରଜ୍ଞାନ ପ୍ରୟାସ ୯୭.୨ ପ୍ରତିଶତ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ରାଜଶ୍ରୀ ପରିଡ଼ା ୯୨.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଉଭୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମହୁମାଛି ଆକ୍ରମଣରେ ଇଞ୍ଜିନିୟର ଗୁରୁତର



ଗଁଦିଆ, ୨୦।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମନ୍ଦାରଠାରେ ମେଗା ପାନୀୟ ଜଳ ପ୍ରକଳ୍ପରେ କାମ କରୁଥିବା ସମୟରେ ଯନ୍ତ୍ରୀ ସୁମିତ କୁମାର ବେହେରା ମହୁମାଛି ଆକ୍ରମଣର ଶିକାର ହେଇଛନ୍ତି। ତାଙ୍କୁ ପ୍ରଥମେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

## ରାମିଆଳ ନଦୀରୁ ଶବ ଉଦ୍ଧାର



କାମାକ୍ଷାନଗର, ୨୦।୬(ସମିସ): କାମାକ୍ଷାନଗର ଥାନା ବଡ଼ବିଲା ସାହି ନିକଟ ରାମିଆଳ ନଦୀଘାଟରୁ ଶୁକ୍ରବାର ଏକ ମୃତଦେହ ଉଦ୍ଧାର କରିଛି କାମାକ୍ଷାନଗର ଅଗ୍ନିଶମ ବାହିନୀ। ଏହି ମୃତଦେହ ବାଉଁଶପାଳ ଶବରସାହିର ଶରତ ଦେହୁରୀଙ୍କର ବୋଲି ଜଣାପଡ଼ିଛି। ଗୁରୁବାର ଶରତ ନଦୀ ପାର୍ ହୋଇ ଘରକୁ ଫେରୁଥିବା ବେଳେ ପ୍ରଖର ସୁଅରେ ଭାସିଯାଇଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କ ମୃତଦେହ ନଦୀକୂଳରେ ଥିବା ଏକ ଗଛରେ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀ ସହାୟତାରେ ନଦୀରୁ ମୃତଦେହ ଉଦ୍ଧାର କରାଯାଇଛି। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

ମେଗା ପାନୀୟଜଳ ପ୍ରକଳ୍ପରେ ଅନିୟମିତତା

# ରାସ୍ତାପାର୍ଶ୍ୱ ଖୋଳିଦେଇ ଠିକାଦାର ପାର୍

ଖଜୁରିଆକଟା, ୨୦।୬(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଠିକାଦାର ରାସ୍ତାପାର୍ଶ୍ୱକୁ ଖୋଳି ଚାଲିଯାଉଛନ୍ତି। ଖୋଳାଯାଇଥିବା ରାସ୍ତା ପାର୍ଶ୍ୱରେ ଠିକ ଭାବେ ମାଟି ଫିଲିଂ କରାଯାଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ଏବଂ ହିନ୍ଦୋଳ ବ୍ଲକକୁ ପାନୀୟ ଜଳଯୋଗାଣ ପାଇଁ ତତ୍କାଳୀନ ବିଜେଡି ସରକାର ୬ ଶହ କୋଟି ଟଙ୍କାର ମେଗା ପ୍ରକଳ୍ପ କାମ ଆରମ୍ଭ କରିଥିଲେ। ସେହିଦିନଠାରୁ କାର୍ଯ୍ୟ ମଧ୍ୟ ଚାଲୁ ରହିଛି। ବ୍ରାହ୍ମଣୀ ନଦୀର ମେନ୍ ଷ୍ଟ୍ରକ୍‌ଚରରୁ ଭାୟା ଗୌଡ଼କାଟେଣୀ ଦେଇ ଗୁଡ଼ିଆକାଟେଣୀ, ହିନ୍ଦୋଳ ସଦର ଓ ରସୋଳ ଅଞ୍ଚଳ ମୁଖ୍ୟରାସ୍ତା ଦେଇ ରାସ୍ତାପାର୍ଶ୍ୱ ଖୋଳାଯାଇ ପାଇପ ଲାଇନ ବିଛାଯାଉଛି। ସାତମାଇଲ ଛକ ନିକଟରେ ପାଣି ଷ୍ଟୋରେଜ ପାଇଁ ୧ ଲକ୍ଷ ନିୟୁତ ମିଲିଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣାଧୀନ ଅଛି। ପିଡବ୍ଲ୍ୟୁଡି ରାସ୍ତା ପାର୍ଶ୍ୱ ଖୋଳିଦେଇ ଠିକ୍ ଭାବେ ଏହା ମାଟି ଫିଲିଂ କରି କଂକ୍ରିଟକରଣ କରାଯାଉନାହିଁ। କେତେକ ସ୍ଥାନରେ ଉପରେ ଉପରେ ମଧ୍ୟ ପାଇପ ବିଛାଇ ଦିଆଯାଉଛି। ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେବାସହ ବିପଦପୂର୍ଣ୍ଣ ଭାବେ ଛାଡ଼ିଦେଇ ଠିକାଦାର ପଳାଉଛନ୍ତି।

ସାତମାଇଲ ନିକଟରେ ହେଉଥିବା ପାଣିଟାଙ୍କି କାର୍ଯ୍ୟ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଉପଯୁକ୍ତ ପରିମାଣରେ ବାଲି, ସିମେଣ୍ଟ, ଚିପ୍ସ, ରଡ୍ ଇତ୍ୟାଦି ବ୍ୟବହାର କରାଯାଇ ନାହିଁ। ସେହିପରି ପୂର୍ବ ସରକାର ଅମଳରେ ୩୯ କୋଟି ଟଙ୍କା ମଞ୍ଜୁରୀ ହୋଇ ୨ ବର୍ଷ ପୂର୍ବରୁ ଆରମ୍ଭ ହୋଇ ନିକଟରେ ମରାମତି ସରିଥିବା ହିନ୍ଦୋଳ-ଗୁଡ଼ିଆକାଟେଣୀ ମୁଖ୍ୟରାସ୍ତାର ପାର୍ଶ୍ୱ ଖରାପ ହୋଇଯାଇଛି। ଫଳରେ ଏହି ରାସ୍ତାରେ ଯାଉଥିବା ପଥଚାରୀ, ଛୋଟବଡ଼ ଗାଡ଼ି, ଛାତ୍ରଛାତ୍ରୀ ଓ ପଶୁଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି। ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଠିକାଦାରଙ୍କ ମୁଣ୍ଡରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଥିବା ଓ ମୋଟା ଅଙ୍କରେ ପିସି ନେଇ ପକେଟ ଗରମ ହେଉଥିବାରୁ ଆଗକୁ ଏହିସବୁ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀମାନେ ଏ ସବୁ ଦେଖି ମଧ୍ୟ ନ ଦେଖିବା ଭଳି ଆଖି ବୁଜିଦେବା ଲୋକଙ୍କ ମନରେ ସନ୍ଦେହ ଦ୍ୱିଗୁଣିତ କରିଛି। ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ବ୍ୟାପୁଛି ଝାଡ଼ାବାନ୍ତି

## ହୋଟେଲ, ଢାବାରେ ଅସୁରକ୍ଷିତ ଖାଦ୍ୟ

ଢେଙ୍କାନାଳ, ୨୦।୬(ସମିସ): ଢେଙ୍କାନାଳ ଜିଲ୍ଲାରେ ମାଡ଼ି ଚାଲିଛି ଝାଡ଼ାବାନ୍ତି। ପ୍ରଶସନ ତରପରୁ ବାରମ୍ବାର ସଚେତନତା ସତ୍ତ୍ୱେ ବିଭିନ୍ନ ହୋଟେଲ ଢାବା, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ଦୋକାନରେ ନିମ୍ନମାନର ଖାଦ୍ୟ ସହ ବାସିଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଛି।

ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଜଳଖିଆ ଦୋକାନ। ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଦୋକାନରେ ଚାଲିଛି ପ୍ରଚୁର ବ୍ୟବସାୟ। ହୋଟେଲ ଏବଂ ଫାଷ୍ଟ ଫୁଡ ଦୋକାନ ବ୍ୟବସାୟୀଙ୍କ ପାଇଁ ଲାଭଜନକ ବ୍ୟବସାୟରେ ପରିଣତ ହୋଇଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି କରୁଛି ଘୋର ବିପଦ। ହୋଟେଲ ଓ ଢାବାଗୁଡ଼ିକରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତି ଓ ବିକ୍ରି ଧରାବନ୍ଧା ନିୟମରେ ପରିଣତ ହୋଇଛି। କେତେକ ନାମୀଦାମୀ ହୋଟେଲକୁ ବାଦ୍ ଦେଲେ ଅନ୍ୟ ସବୁ ଦୋକାନରେ ନିମ୍ନମାନର ଖାଦ୍ୟ ପରଷାଯାଉଛି। ନିମ୍ନମାନର ବିରି, ଚାଉଳ, ଶସ୍ତା ତେଲ, ରିଫାଇନ ତେଲ, ବାରମ୍ବାର ବ୍ୟବହୃତ ହୋଇଥିବା ପୋଡ଼ାତେଲ, ନଷ୍ଟ ହୋଇଥିବା ପରିବା ଏବଂ ବଜାରରେ କେହି କ୍ରୟ କରୁ ନ ଥିବା ପଚାସଢ଼ା ଦ୍ରବ୍ୟ ବ୍ୟବହାର କରାଯାଇ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସେହିପରି ମାଛ, ମାଂସ ଏବଂ ଚିକେନରେ କୌଣସି ମାନଦଣ୍ଡ ନାହିଁ। ଯେଉଁଠି ଶସ୍ତାରେ ମିଳିଲା ତାକୁ ନେଇ ଚାଲିଛି ବ୍ୟବସାୟ। ଏଥିସହ ଖାଦ୍ୟରେ ରାସାୟନିକ ରଙ୍ଗ ଏବଂ ହାନିକାରକ ମସଲା ପକାଇ ସ୍ୱାଦିଷ୍ଟ ଖାଦ୍ୟ ବିକ୍ରି କରାଯାଉଛି। ଖାଉଟିମାନେ ଏହି ଖାଦ୍ୟ ଖାଇ ବିଭିନ୍ନ ପେଟ ରୋଗ, ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ବଜାରରେ ଖାଦ୍ୟ ନାଁରେ ବିକ୍ରି ହେଉଥିବା ଏହି ବିଷ ଏହାର ମୁଖ୍ୟ କାରଣ ପାଲଟିଛି। ଗ୍ରାହକମାନେ ଉଚିତ୍ ମୂଲ୍ୟ ପ୍ରଦାନ କରୁଥିବାବେଳେ ଖାଉଟିଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅତ୍ୟଧିକ ଲାଭ ଲୋଭରେ ନିମ୍ନମାନର ଖାଦ୍ୟ ବିକ୍ରି କରୁଛନ୍ତି ବ୍ୟବସାୟୀ। ଖାଇବା ସୋଡ଼ା ଏବଂ ପାନ ମସଲା ପକାଇ ମାଂସ ସିଝାଯାଉଥିବା ବେଳେ ଭାତରେ ୟୁରିଆ ପ୍ରୟୋଗ କରି ଜାଳେଣି ଖର୍ଚ୍ଚ କାଟ କରାଯାଉଛି। ଖାଦ୍ୟ ପ୍ରସ୍ତୁତି ପାଇଁ ବ୍ୟବହୃତ ସରଞ୍ଜାମ, କଡ଼େଇ, ଡେକଚି ସହ ରେଷ୍ଟୁରାଣ୍ଟର ପରିବେଶ ଅତ୍ୟନ୍ତ ଦୁର୍ଗନ୍ଧମୟ ହୋଇଥିବା ବେଳେ ସେଠାରେ ଖାଦ୍ୟ ପ୍ରସ୍ତୁତ ହେଉଛି। ଖାଉଟିଙ୍କୁ ଦିଆଯାଉଥିବା ପିଇବା ପାଣି ମଧ୍ୟ ପାନୀୟଯୋଗ୍ୟ ନୁହେଁ। ବର୍ତ୍ତମାନ ଜିଲ୍ଲାରେ ଡାଇରିଆ ବ୍ୟାପିଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୦୮
- ୟୁରୋ ୯୯.୩୭ ● ୟେନ୍ ୦.୫୯



**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୬୬୦ (ନୂଆଦିଲ୍ଲୀ)
- ରୁପା : ୧,୧୨,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୪୦୮.୦୦
- ନିଫ୍ଟି ୨୫,୧୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଇରାନ୍ କ୍ରିପ୍ଟୋ ଏକ୍ସଚେଞ୍ଜରେ ଇସ୍ରାଏଲ୍‌ର ସାଇବର ଆକ୍ରମଣ

# ଗୋଟିଏ ଝଟ୍‌କାରେ ୭୮୧ କୋଟି ଗାଏବ୍

ନୂଆଦିଲ୍ଲୀ, ୨୦।୬ (ଏଜେନ୍ସି)

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା କମିବାର ନାମ ନେଉନାହିଁ। ଦୁଇ ଦେଶ ମଧ୍ୟରେ ଦ୍ରୁତ ଆକ୍ରମଣ ଜାରି ରହିଛି। ଏହି ସମୟରେ ଇସ୍ରାଏଲ ଇରାନକୁ ଏପରି ଏକ ଝଟ୍‌କା ଦେଇଛି, ଯାହାର କଳ୍ପନା ମଧ୍ୟ କରିପାରିବନାହିଁ। ଏଥିରେ ଇରାନର ପ୍ରାୟ ୭୮୧ କୋଟି ଟଙ୍କା ଗୋଟିଏ ମୁହୂର୍ତ୍ତରେ ଗାଏବ ହୋଇଯାଇଛି।




ବାସ୍ତବରେ ଇସ୍ରାଏଲର ହ୍ୟାକରମାନଙ୍କର ଏକ ଗୋଷ୍ଠୀ ଇରାନର କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜରୁ ୯ କୋଟି ଡଲାର ବା ପ୍ରାୟ ୭୮୧ କୋଟି ଟଙ୍କା ଉଡାଇ ନେଇଛନ୍ତି। ବ୍ଲକଚେନ୍ ବିଶ୍ଳେଷକ ସଂସ୍ଥାଗୁଡ଼ିକ କହିଛନ୍ତି ଯେ ଇସ୍ରାଏଲ ସହିତ ଜଡିତ ଜଣେ ହ୍ୟାକର ଇରାନର ସବୁଠାରୁ ବଡ଼ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ 'ନୋବିଟେକ୍ସ'ରୁ ୯ କୋଟି ଡଲାରରୁ ଅଧିକ ଅର୍ଥ ଚୋରି କରିନେଇଛି। ହ୍ୟାକିଂ ଘଟଣାକୁ ସ୍ୱୀକାର କରିଥିବା ଏକ ଗୋଷ୍ଠୀ ଗୁରୁବାର ନୋବିଟେକ୍ସର ସମ୍ପୂର୍ଣ୍ଣ ସୋର୍ସ କୋଡ୍ ପ୍ରକାଶ କରିଛି। ଗୋଷ୍ଠୀ ତାର ଟେଲିଗ୍ରାମ ଆକାଉଣ୍ଟରେ ଲେଖିଛି, ନୋବିଟେକ୍ସରେ ଥିବା ସମ୍ପତ୍ତି ଏବେ ସମ୍ପୂର୍ଣ୍ଣ ସାର୍ବଜନୀନ। ଗତ ସପ୍ତାହରୁ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷ ମଧ୍ୟରେ ଏହି ସାଇବର ଆକ୍ରମଣ ହୋଇଛି। ବ୍ଲକଚେନ୍ ବିଶ୍ଳେଷକ ଫାର୍ମ ଏଲିପ୍ଟିକ୍ ଏକ ବ୍ଲଗରେ କହିଛି ଯେ ନୋବିଟେକ୍ସରୁ ଚୋରି ହୋଇଥିବା ଟଙ୍କା ଇରାନର ରିଭଲ୍ୟୁସନରୀ ଗାର୍ଡକୁ ସମାଲୋଚନା କରୁଥିବା ମେସେଜ୍ ସହିତ ଜଡିତ ଠିକଣାଗୁଡ଼ିକୁ ପଠାଯାଇଥିଲା।

ଏଲିପ୍ଟିକ୍ କହିଛି ଯେ ଏହି ସାଇବର ଆକ୍ରମଣ ସମ୍ଭବତଃ ଆର୍ଥିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ ବରଂ ଏକ ରାଜନୈତିକ ବାର୍ତ୍ତା ପଠାଇବାର ପ୍ରୟାସ ଥିଲା। ପ୍ରକୃତରେ, ହ୍ୟାକର୍ସମାନେ ଯେଉଁ ଆକାଉଣ୍ଟଗୁଡ଼ିକୁ ଟଙ୍କା ପଠାଇଥିଲେ ସେମାନେ ନୋବିଟେକ୍ସକୁ ଏକ ରାଜନୈତିକ ମେସେଜ୍ ପଠାଇବା ପାଇଁ ଏହି କ୍ରିପ୍ଟୋକରେନ୍ସିକୁ ସମ୍ପୂର୍ଣ୍ଣ ଭାବରେ ପ୍ରଚଳନରୁ ହଟାଇ ଦେଇଛନ୍ତି। ହ୍ୟାକର ଗୋଷ୍ଠୀ 'ଗୋଞ୍ଜେସ୍କେ ଦାରାଣ୍ଡେ' ଏକ୍ସ'ରେ ଏକ ପୋଷ୍ଟରେ ଏହି ଆକ୍ରମଣ ନେଇ ଦାବି କରିଛି। ଏକ ସୋସିଆଲ ମିଡିଆ ପୋଷ୍ଟରେ କୁହାଯାଇଛି ଯେ, ଏହାର ଆପ୍ ଏବଂ ୱେବସାଇଟ୍ କାମ କରୁନାହିଁ କାରଣ ଏହା ଏହାର ସିଷ୍ଟମରେ ଅନଧିକୃତ ପ୍ରବେଶ ହୋଇଛି। ଚୈନାଲିସିସ୍ ଫାର୍ମର ଜାତୀୟ ସୁରକ୍ଷା ଗୁପ୍ତଚର ମୁଖ୍ୟ ଆଣ୍ଡ୍ରୁ ଫର୍ମାନ୍ କହିଛନ୍ତି ଯେ ନୋବିଟେକ୍ସ ଏକ୍ସଚେଞ୍ଜରେ ଥିବା ବିଟ୍ କଏନ୍, ଇଥେରିୟମ୍, ଡୋଗେକଏନ୍ ଏବଂ ଅନ୍ୟାନ୍ୟ ଅନେକ କ୍ରିପ୍ଟୋକରେନ୍ସି ଏହି ସାଇବର ଆକ୍ରମଣର ଶିକାର ହୋଇଛି। ସେ କହିଛନ୍ତି ଯେ ଇରାନର କ୍ରିପ୍ଟୋକରେନ୍ସି ବଜାରର ତୁଳନାତ୍ମକ ଭାବରେ ଛୋଟ ଆକାରକୁ ଦୃଷ୍ଟିରେ ରଖି ଏହି ଉଲ୍ଲଂଘନ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ, ଏଲିପ୍ଟିକ୍ ଦାବି କରିଛି ଯେ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନିଙ୍କ ସମ୍ପର୍କୀୟମାନେ ଏହି କ୍ରିପ୍ଟୋ ଏକ୍ସଚେଞ୍ଜ ସହିତ ଜଡିତ ଥିଲେ ଏବଂ ନିଷିଦ୍ଧ ରିଭୋଲ୍ୟୁସନାରୀ ଗାର୍ଡର ଲୋକମାନେ ମଧ୍ୟ ନୋବିଟେକ୍ସ ବ୍ୟବହାର କରିଥିଲେ।

### ■ ଅହମଦାବାଦ ବିମାନ ଦୁର୍ଘଟଣା ପରେ

## ଏୟାର ଇଣ୍ଡିଆ ଟିକଟ ବୁକିଂ ୨୦% ହ୍ରାସ

ମୁମ୍ବଇ,୨୦।୬ (ଏଜେନ୍ସି): ଗୁଜରାଟର ଅହମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ପରେ ଏୟାରଲାଇନ୍ସ ପ୍ରତି ଯାତ୍ରୀଙ୍କ ଆସ୍ଥା ତୁଟିଯାଇଛି। ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଘରୋଇ ଓ ଅନ୍ତର୍ଜାତୀୟ ଉଡାଣ ବୁକିଂରେ ୨୦% ହ୍ରାସ ଘଟିଛି। ଇଣ୍ଡିଆନ ଆସୋସିଏସନ ଅଫ ଟୁର ଅପରେଟର୍ସ (ଆଇଏଟିଓ) ପକ୍ଷରୁ ଏହା କୁହାଯାଇଛି। ଏମିତିକି




ଏହି ଘଟଣା ପରେ ଅନ୍ତର୍ଜାତୀୟ ରୁଟରେ ୧୮-୨୨% ଓ ଘରୋଇ ମାର୍ଗରେ ୧୦-୧୨% କମ୍ପାନୀର ବୁକିଂ ହ୍ରାସ ପାଇଛି। ଏହି ହ୍ରାସ ସ୍ୱଳ୍ପ କାଳୀନ ଓ ମନୋବୈଜ୍ଞାନିକ କାରଣରୁ ବୋଲି ଅନୁମାନ କରାଯାଉଛି। ତେବେ ଏହାର ପ୍ରଭାବ ଏୟାରଲାଇନ୍ସର ଛବି ଓ ରାଜସ୍ୱ ଉପରେ ପଡୁଛି।

ଟିକଟ ବୁକିଂରେ ଏପରି ହ୍ରାସ ଦେଖି ଏୟାର ଇଣ୍ଡିଆ ଏହାର ମୁଖ୍ୟ ରୁଟ୍‌ଗୁଡିକରେ ଭଡ଼ା ହ୍ରାସ କରିଛି। ଆଇଏଟିଓ ଅନୁସାରେ ଘରୋଇ ରୁଟ୍‌ରେ ହାରାହାରି ୮-୧୨% ଓ ଦକ୍ଷିଣ-ପୂର୍ବ ଏସିଆ ଭଳି ଅନ୍ତର୍ଜାତୀୟ ରୁଟ୍ ନିମନ୍ତେ ୧୦-୧୫% ପର୍ଯ୍ୟନ୍ତ ଭଡ଼ା ହ୍ରାସ କରାଯାଇଛି। ଘରୋଇ କ୍ଷେତ୍ରରେ ଏୟାର ଇଣ୍ଡିଆର ବ୍ୟବସାୟିକ ପ୍ରତିଯୋଗିତା ଇଣ୍ଡିଗୋ ଓ ଆକାସା ଏୟାର ଲାଇନ୍ସ ଭଳି ଶସ୍ତା ବିମାନ କମ୍ପାନୀଙ୍କ ସହ ରହିଛି। ଏଣୁ ଭଡ଼ା ହ୍ରାସକୁ ଯାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ବୋଲି ଅନୁମାନ କରାଯାଉଛି। ତେବେ ଏୟାର ଇଣ୍ଡିଆର କେବଳ ଟିକେଟ ବୁକିଂ ହ୍ରାସ ହୋଇ ନାହିଁ, ଟିକେଟ୍ ନେବା ପରେ ଲୋକେ ରଦ୍ଦ କରିବା ମଧ୍ୟ ବଢାଇ ଦେଇଛନ୍ତି। ବିଶେଷ କରି କର୍ପୋରେଟ ଯାତ୍ରୀ ଓ ପ୍ରିମିୟମ ସେଗମେଣ୍ଟ ଯାତ୍ରୀ ବିକଳ୍ପ ଏୟାରଲାଇନ ବାଛୁଛନ୍ତି। ଆଇଏଟିଓ ଅନୁସାରେ ଅନ୍ତର୍ଜାତୀୟ ଟିକେଟ୍ ରଦ୍ଦ ହେବା ମାମଲା ୧୫-୧୮% ବୃଦ୍ଧି ହୋଇଛି।

## ମାଲାବାର ଗୋଲ୍ଡରେ 'ଆର୍ଟିଷ୍ଟ୍ରୀ ସୋ'ର ଶୁଭାରମ୍ଭ




ସମ୍ବଲପୁର,୨୦।୬ (ସମିସ): ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ସମ୍ବଲପୁରରେ ଶୁକ୍ରବାର 'ଆର୍ଟିଷ୍ଟ୍ରୀ ସୋ'ର ଶୁଭାରମ୍ଭ କରାଯାଇଛି। ସମ୍ବଲପୁର ଶୋ'ରୁମ୍‌ରେ ଚଳିତମାସ ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ବିଭିନ୍ନ ଡିଜାଇନର କଳା ପ୍ରଦର୍ଶିତ ହେବ। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପାରମ୍ପରିକ ଏବଂ ସମସାମୟିକ ଡିଜାଇନର ଏକ ବ୍ୟାପକ ପରିସର ସହିତ ହସ୍ତଶିଳ୍ପ ଅଳଙ୍କାରକୁ ଅଧିକ ଗୁରୁତ୍ୱ ଦିଆଯିବ। ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର ସରୋଜିନୀ ପ୍ରସନ କୁଲ୍ଲୁ ଏବଂ ଶାଖାର କର୍ମଚାରୀଙ୍କ ଦ୍ୱାରା ପ୍ରଦର୍ଶନୀ ଶୁଭାରମ୍ଭ ହୋଇଥିଲା। ଏହି 'ଆର୍ଟିଷ୍ଟ୍ରୀ ସୋ'ରେ ଏରା ଅନକଟ୍ ହୀରା, ଜେମ୍‌ସ ଷ୍ଟୋନ ଅଳଙ୍କାର, ଏଥ୍‌ନିକ୍ସ ହ୍ୟାଣ୍ଡିକ୍ରାଫ୍ଟ ଅଳଙ୍କାର, ଭିରାଜ ରୟାଲ୍ ପୋଲ୍‌କି ଅଳଙ୍କାର ଇତ୍ୟାଦି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏଥିରେ ଗ୍ରାହକଙ୍କ ସର୍ବୋଚ୍ଚ ଗୁଣବତ୍ତା, ପବିତ୍ରତା ଏବଂ ଉଚିତ ମୂଲ୍ୟର ନିଶ୍ଚିତତା ଉପରେ ଗୁରୁତ୍ୱ ଦିଆଯାଉଥିବା ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି। ମାଲାବାର ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପାଇଁ ପ୍ରସିଦ୍ଧ।

## ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୦।୬ (ଏଜେନ୍ସି)

**୨୦୨୬ରୁ ହେବ ଲାଗୁ**




ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏହି ଅନୁଯାୟୀ, ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ଜାନୁଆରୀରୁ ଦେଶରେ ସବୁ ନବ ନିର୍ମିତ ଟୁ-ହ୍ୱିଲର ପାଇଁ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ (ଏବିଏସ୍)କୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ସ୍କୁଟର, ମୋଟରସାଇକେଲ ଓ ବାଇକ୍ ସାମିଲ ହେବ। ଏହାବ୍ୟତୀତ, ମନ୍ତ୍ରଣାଳୟ ଏକ ନିୟମ ଲାଗୁ କରିବାକୁ ପ୍ରସ୍ତୁତି କରୁଛି, ଯାହା ଅନୁସାରେ ସବୁ ଟୁ-ହ୍ୱିଲର ନିର୍ମାତା ଓ ଡିଲରସିପ୍‌କୁ ପ୍ରତି ନୂଆ ଗାଡ଼ି ସହ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ) ଦ୍ୱାରା ପ୍ରମାଣିତ ଦୁଇ ହେଲମେଟ୍ ଉପଲବ୍ଧ କରାଇବାକୁ ହେବ।

ସରକାରୀ ଅଧିକାରୀଙ୍କ କହିବାନୁସାରେ, ଏହି ପ୍ରୟାସ ଭାରତରେ ସଡ଼କ ଦୁର୍ଘଟଣା ଗୁଡ଼ିକରେ ହେବାକୁ ଥିବା ମୃତ୍ୟୁ ସଂଖ୍ୟାକୁ କମ୍ କରିବାରେ ମହତ୍ୱପୂର୍ଣ୍ଣ ହେବ। ନ୍ୟୁଜ୍ ୱେବସାଇଟ୍ ବିଜନେସ୍ ଟୁଡେରେ ପ୍ରକାଶିତ ଏକ ଖବର ଅନୁସାରେ, ଟୁ-ହ୍ୱିଲର ଚାଳକଙ୍କ ସଡ଼କ ଦୁର୍ଘଟଣାରେ ହେବାକୁ ଥିବା ମୃତ୍ୟୁରେ ପାଖାପାଖି ୪୪ ପ୍ରତିଶତ ପାର୍ଟନରସିପ୍ ରହିଛି। ଏଥିରୁ ଅଧିକାଂଶ ମୃତ୍ୟୁ ମୁଣ୍ଡର ସୁରକ୍ଷାର ଅଭାବରେ ହେବାକୁ ଥିବା ଗୁରୁତର ଆଘାତ ସହ ଜଡ଼ିତ। ପରିବହନ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ତ୍ତମାନ ଏବିଏସ କେବଳ ୧୨୫ ସିସିରୁ ଉପରେ ବାଇକ୍‌ରେ ବାଧ୍ୟତାମୂଳକ ହେବ। ଏଥିରୁ ଅଧିକାଂଶ ଯାନ ୭୦ କି.ମି / ଘଣ୍ଟାରୁ ଅଧିକ ଗତିରେ ଯାତ୍ରା କରି ପାରିବେ, ଏହା ସୁନିଶ୍ଚିତ କରିବା ମହତ୍ୱପୂର୍ଣ୍ଣ ଯେ, ସ୍କିଡିଂ ଓ ଦୁର୍ଘଟଣାକୁ ରୋକିବା ପାଇଁ ଭଲ ବ୍ରେକିଂ ସିଷ୍ଟମ ରହିଥିବ। ଏବିଏସକୁ ଜରୁରିକାଳୀନ ବ୍ରେକିଂ ସ୍ଥିତି ବେଳେ ହ୍ୱିଲ୍ ଲକ୍-ଅପ୍‌କୁ ରୋକିବା ପାଇଁ ଡିଜାଇନ କରାଯାଇଛି। ବିଶେଷକରି ଓଦା ବା ଅସମାନ ରାସ୍ତାରେ ଏହାର ମହତ୍ତ୍ୱ ଖୁବ୍ ବଢାଯାଏ। ଅନେକ ଅଧ୍ୟୟନରୁ ସଙ୍କେତ ମିଳିଥାଏ ଯେ, ଏବିଏସ ଦୁର୍ଘଟଣାର ବିପଦକୁ ୩୫-୪୫ ପ୍ରତିଶତ ଯାଏ ହ୍ରାସ କରି ପାରେ। ନୂଆ ନିୟମକୁ ଆଗାମୀ ଦିନରେ ସୂଚିତ କରାଯିବାର ଆଶା ରହିଛି।

## ବଜାଜ୍ ଆଲିଆଞ୍ଜର ନୂଆ ସ୍ୱାସ୍ଥ୍ୟ ବୀମା 'ଆପଣଙ୍କ ପାଇଁ'ର ଶୁଭାରମ୍ଭ

ମୁମ୍ବଇ,୨୦।୬: ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ ଆପଣଙ୍କ ପାଇଁ ନାମକ ଏକ ନୂଆ ହେଲ୍ଥ ଇନସ୍ୟୁରାନ୍ସ ପ୍ରୋଡକ୍ଟ ପ୍ରସ୍ତୁତ କରିଛି। ଏହା ଓଡ଼ିଶାର ଲୋକମାନଙ୍କ ପାଇଁ ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ଆହ୍ୱାନ, ଖର୍ଚ୍ଚ ଏବଂ ଚିକିତ୍ସାର ଉପଲବ୍ଧତା ବିଭିନ୍ନ କ୍ଷେତ୍ରରେ ପୃଥକ୍ ହୋଇଥାଏ, ଏହି ବିଷୟକୁ ବୁଝି ବଜାଜ୍ ଆଲିଆଞ୍ଜ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ପ୍ରକାରର ପ୍ଲାନ୍ ବଦଳରେ ପର୍ସନାଲାଇଜଡ୍ କଭରେଜ୍ ପ୍ରଦାନ କରିବା ନିମନ୍ତେ ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି। ଏହି ପ୍ଲାନ୍ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଡାକ୍ତରଖାନାର ଭିତିଭୂମି ଓ ସୁଲଭତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ସୁଲଭତା ଏବଂ ଆକ୍ସେସିବିଲିଟିକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ଆପଣଙ୍କ ପାଇଁ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବିଶେଷ ଭାବରେ କଷ୍ଟମାଇଜ୍ ହୋଇଥିବା ପ୍ରିମିୟମ ସହିତ ବ୍ୟାପକ କଭରେଜ୍ ପ୍ରଦାନ କରିଥାଏ। ଏହି ପଲିସି ଉଭୟ ବ୍ୟକ୍ତିଗତ ଏବଂ ଫ୍ଲୋଟର ପ୍ରକାରରେ ଉପଲବ୍ଧ ରହିଛି, ଯାହା ଏହାକୁ ବ୍ୟକ୍ତିଗତ ବ୍ୟବହାର ଓ ପରିବାର ପାଇଁ ଏକ ଆଦର୍ଶ ସମାଧାନ କରିଥାଏ। ଏଥିରେ ୫ ଲକ୍ଷ ଟଙ୍କାରୁ ଆରମ୍ଭ କରି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ ଚୟନ କରିବାର ବିକଳ୍ପ ରହିଛି, ଯାହାଫଳରେ ଯୁବ ପ୍ରୋଫେସନାଲଙ୍କ ଠାରୁ ଆରମ୍ଭ କରି ବୟସ୍କ ନାଗରିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଆବଶ୍ୟକତା ଅନୁଯାୟୀ ହେଲ୍ଥ କଭର୍ ପ୍ରାପ୍ତ କରିପାରିବେ।




### ● ବିଶ୍ୱ ସଙ୍ଗୀତ ଦିବସ

## ଆମାଜନ୍‌ର ଆକର୍ଷଣୀୟ ଅଫର


ନୂଆଦିଲ୍ଲୀ,୨୦।୬

ଚଳିତ ବିଶ୍ୱ ସଙ୍ଗୀତ ଦିବସରେ ସଙ୍ଗୀତପ୍ରେମୀଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫର ନେଇ ଆସିଛି ଆମାଜନ। ଏହି ଅଫର ସମୟରେ ଗ୍ରାହକମାନେ ଆମାଜନ.ଇନରେ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସରେ ଶ୍ରେଷ୍ଠ ଡିଲ୍‌ର ଲାଭ ଉଠାଇପାରିବେ। ଗ୍ରାହକମାନେ ବୋଟ୍, ଜେବିଏଲ୍, ନଏଜ୍ ଏବଂ ଅନ୍ୟାନ୍ୟ ଲୋକପ୍ରିୟ ବ୍ରାଣ୍ଡର ହେଡଫୋନ୍, ସ୍ପିକର, ସାଉଣ୍ଡବାର୍ ଏବଂ ସଙ୍ଗୀତ ଉପକରଣ ସମେତ ବିଭିନ୍ନ ଉତ୍ପାଦ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଏହା ସହିତ ଗ୍ରାହକମାନେ ଏସବିଆଇ କ୍ରେଡିଟ୍ କାର୍ଡ ଇଏମଆଇ କାରବାରରେ ସର୍ବାଧିକ ୧,୨୫୦ ଟଙ୍କା ସଂଚୟ ସହିତ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ (ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ)। ଏହି ଅଫରଗୁଡ଼ିକ ୨୧ ଜୁନ୍ ୨୦୨୫ରୁ ଆରମ୍ଭ ହେଉଛି।

## ଏସିଆନ୍ ପେଣ୍ଟସ୍‌ର 'ରୋୟାଲ୍ ଗ୍ଲିଟ୍ସ – ଟ୍ରିବ୍ୟୁଟ୍ ଟୁ ଓଡିଶା' ସ୍ପେସିଆଲ୍ ଏଡିସନ୍ ପ୍ୟାକ୍

ଭୁବନେଶ୍ୱର,୨୦।୬ (ଏଜେନ୍ସି): ଓଡିଶାରେ ପାରମ୍ପରିକତା କେବଳ ସଂରକ୍ଷିତ ହୋଇନଥାଏ, ସେହିଟି ଲୋକଙ୍କ ଦୈନନ୍ଦିନ ଜୀବନ, ପାର୍ବଣ, ଓ ଅଭିବ୍ୟକ୍ତିର ଅଂଶ ଅତୁଟ ଭାବରେ ରହିଛି। ଘୁମୁରା ନୃତ୍ୟର ଗାମ୍ଭୀର୍ଯ୍ୟପୂର୍ଣ୍ଣ ପଦକ୍ଷେପରୁ ଆରମ୍ଭ କରି ପୁରାତନ ମନ୍ଦିରଗୁଡ଼ିକର ଅଦ୍ଭୁତ ସୌନ୍ଦର୍ଯ୍ୟ ଓ ଓଲିଭ୍ ରିଡ୍ଲି କଚ୍ଛପମାନଙ୍କର ସମୁଦ୍ରତଟୀୟ ଆକର୍ଷଣ—ଓଡିଶା ଏପରି ଅନେକ ପ୍ରେରଣାଦାୟକ କଥାରେ ଭରିଛି। ଏହି ବିଶେଷ ସଂସ୍କୃତିକୁ ସମ୍ମାନ ଜଣେଇବା ପାଇଁ, ଭାରତର ଅଗ୍ରଣୀ ପେଣ୍ଟ ଏବଂ ଡେକର୍ ବ୍ରାଣ୍ଡ ଏସିଆନ୍ ପେଣ୍ଟସ୍ ତାଙ୍କର ରୋୟାଲ୍ ଗ୍ଲିଟ୍ସ ଲକ୍ସୁରୀ ରେଞ୍ଜରେ 'ଟ୍ରିବ୍ୟୁଟ୍ ଟୁ ଓଡିଶା' ନାମକ ଏକ ଆକର୍ଷଣୀୟ ନୂଆ ବିଶେଷ ଏଡିସନ୍ ଉନ୍ମୋଚନ କରିଛି। ଏହି ପ୍ୟାକ୍ ତାହାର ଡିଜାଇନ୍ ଓ କାହାଣୀ ମାଧ୍ୟମରେ ଓଡିଶାର ସମୃଦ୍ଧ ସଂସ୍କୃତିକୁ ପ୍ରଦର୍ଶିତ କରେ। ଏହି ବିଶେଷ ପ୍ୟାକ୍‌ର ଡିଜାଇନ୍ ଗୁଡିକ ପଟ୍ଟଚିତ୍ରରୁ ପ୍ରେରିତ—ଏହା ଭାରତର ସବୁଠାରୁ ପୁରୁଣା ଓ ଉତ୍ତମ କଳାରୂପ ଗୁଡ଼ିକ ମଧ୍ୟରୁ ଗୋଟିଏ। ଏହାର ଚିତ୍ରକଳା ଓଡିଶାର ଅସଲ ଆତ୍ମାକୁ ପ୍ରତିବିମ୍ବିତ କରେ। ଏହି ପ୍ୟାକ୍‌ରେ ଶାଳୀନ ଓଡିଶୀ ନୃତ୍ୟ, ଶକ୍ତିଶାଳୀ ହୀରାକୁଦ୍ ବନ୍ଧ ଓ ପ୍ରସିଦ୍ଧ କୋଣାର୍କ ଚକ୍ର ପରି ଅନେକ ଉଲ୍ଲେଖନୀୟ ଅଂଶ ସାମିଲ୍ ଅଛି। ପ୍ରତ୍ୟେକ ପ୍ରତୀକ ଓଡିଶାର ଓ ଅବିନାଶୀ ଆତ୍ମା ପାଇଁ ଏକ ଅର୍ଥପୂର୍ଣ୍ଣ ସମ୍ମାନ। ଏହି ଲଞ୍ଚ ଏସିୟାନ୍ ପେଣ୍ଟସ୍‌ର ସେଇ ଚେଷ୍ଟାର ଅଂଶ ଯାହା ଭାରତର ପ୍ରତ୍ୟେକ ଅଞ୍ଚଳର ସଂସ୍କୃତିକୁ ଉତ୍ସବରେ ପରିଣତ କରିବା ଓ ଗ୍ରାହକଙ୍କ ସହିତ ଭାବନାଗତ ସମ୍ପର୍କ ଗଢ଼ିବାର ଉଦ୍ଦେଶ୍ୟ ରଖେ। ଓଡିଶା ଏହି ଉଦ୍ୟମ ପାଇଁ ସର୍ବୋତ୍ତମ ପସନ୍ଦ, କାରଣ ଏଠାରେ ସମୃଦ୍ଧ ପାରମ୍ପରିକତା, ଆଧୁନିକ ଚିନ୍ତାଧାରା ଓ ଲକ୍ଷ୍ୟଣୀୟ ଭାବେ ବୃଦ୍ଧି ପାଉଥିବା ଆଲଙ୍କାରିକ ଡିଜାଇନ୍ ପ୍ରତି ଆଗ୍ରହ ଅଛି। "ଏସିୟାନ୍ ପେଣ୍ଟସ୍ ରେ ଆମେ ଏହି ବିଶ୍ୱାସ କରୁଛୁ ଯେ ପ୍ରତ୍ୟେକ ରାଜ୍ୟ କେବଳ ଏକ ବଜାର ନୁହେଁ, ଏହା ଏକ ଜୀବନ୍ତ କାହାଣୀ। ଆମର 'ରୋୟାଲ୍ ଗ୍ଲିଟ୍ସ - ଟ୍ରିବ୍ୟୁଟ୍ ଟୁ ଓଡିଶା' ପ୍ୟାକ୍ ହେଉଛି ଓଡିଶାର କଳା, ଆଧ୍ୟାତ୍ମିକ ଶକ୍ତି ଓ ସଂସ୍କୃତିର ଏକ ଉତ୍ସବ।

## ବିକାଶରେ ଅଧ୍ୟାପକ ବିକାଶ କର୍ମଶାଳା 'ଏଡୁକନ୍-୨୦୨୫' ଉଦ୍‌ଯାପିତ




ବରଗଡ଼,୨୦।୬ (ସମିସ)

ବିକାଶ ହାୟର୍ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସରେ ଦୁଇଦିନ ବ୍ୟାପି ଚାଲିଥିବା ଫ୍ୟାକଲ୍ଟି ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ 'ଏଡୁକନ୍ ୨୦୨୫' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଲକ୍ଷ୍ମୀ ବିକାଶ ଗ୍ରୁପ ଭବାନୀପାଟଣା, ବିଦ୍ୟା ବିକାଶ ଗ୍ରୁପ୍ ସମ୍ବଲପୁର ଏବଂ ବିକାଶ ହାୟର ଏଜୁକେସନାଲ ଇନ୍‌ଷ୍ଟିଚ୍ୟୁସନ୍ସ, ବରଗଡ଼ର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ପାଇଁ ଅଧ୍ୟାପକ ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାର ଲକ୍ଷ୍ୟ ଉଚ୍ଚ ଶିକ୍ଷା ବିଭାଗରେ ଛାତ୍ରଛାତ୍ରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାଦାନକୁ ତ୍ୱରାନ୍ୱିତ କରିବା ପାଇଁ ଅଧ୍ୟାପକ-ଅଧ୍ୟାପିକାଙ୍କ ପାଇଁ ଅଭିନବ କୌଶଳ ଏବଂ ଶିକ୍ଷାଶୈଳୀ ଉପରେ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରିବା। ବିକାଶ ବରଗଡ଼, ଭବାନୀପାଟଣା ଏବଂ ସମ୍ବଲପୁର କ୍ୟାମ୍ପସ୍‌ରୁ ୧୫୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ-ଅଧ୍ୟାପିକା ଅଂଶଗ୍ରହଣ କରିଥିବା ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ର. ଡ. ମଧୁମିତା ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ପ୍ର. ଡ. ଭିକାରୀ ଚରଣ ଗୁରୁ ଏବଂ ଏ.ଆଇ. ପି.ଏଚ୍ ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ର. ଡ. ଜ୍ୟୋତିର୍ମୟ ମହାପାତ୍ର ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜାତୀୟ ଶିକ୍ଷାନୀତି, ଗୁରୁ-ଶିଷ୍ୟ-ଅଭିଭାବକଙ୍କ ତ୍ରୈକୋଣୀୟ ମାନବୀୟ ସମ୍ବନ୍ଧ, ଅଭିନବ ଶିକ୍ଷା ପଦ୍ଧତି ତଥା ଗୁଣାତ୍ମକ ଉଚ୍ଚଶିକ୍ଷା କିପରି ବିକାଶୋନ୍ମୁଖୀ ହୋଇପାରିବ ତାହା ଏଡୁକନ୍-୨୦୨୫ ପ୍ରଥମ ଦିବସର ବିଷୟବସ୍ତୁ ଥିଲା। ଉଦ୍‌ଯାପନୀ ଉତ୍ସବରେ ଲକ୍ଷ୍ମୀ ବିକାଶ ଗ୍ରୁପର ଅଧ୍ୟକ୍ଷ ଡି. ନାଗେଶ୍ୱରରାଓ, ବିଦ୍ୟା ବିକାଶ ଗ୍ରୁପ୍‌ର ସିଏମ୍‌ଡି ଜି. ଭାସ୍କରରାଓ, ଲକ୍ଷ୍ମୀ ବିକାଶ ଭବାନୀପାଟଣା ଡାଇରେକ୍ଟର ଦାସରୀ ଶ୍ୟାମ, ଦାସରୀରାମ, ଦାସରୀ ପଦ୍ମିନୀ ବିକାଶ କର୍ତ୍ତୃପକ୍ଷ ଭାବେ ଉପସ୍ଥିତ ଥିଲେ। ବିକାଶ ହାୟର୍ ଏଜୁକେସ୍ନାଲ ଇନ୍‌ଷ୍ଟିଚ୍ୟୁସନ୍ସ ସିଇଓ ଇଂ ଅଜୟ ମହାପାତ୍ର ସାଗତ ଭାଷଣ ଦେଇଥିବାବେଳେ ଶ୍ରୀରାଓ ଏବଂ ଡି.ରାମ ଏଡୁକନ୍‌ର ଲକ୍ଷ୍ୟ ଉପରେ ମତ ରଖିଥିଲେ। ବିକାଶ ଇଂଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀର ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ, ପ୍ର. ସତ୍ୟବ୍ରତ ମିଶ୍ର ଏବଂ ଡ. ଆଦିତ୍ୟ ପଟ୍ଟନାୟକ ପ୍ରଥମ ଦିବସରେ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ■ ସେୟାର ବଜାରକୁ ଫେରିଲା ଉତ୍ସାହ

## ଦିନକରେ ୧୦୦୦ ପଏଣ୍ଟ ଉଠିଲା ସେନ୍‌ସେକ୍ସ

ମୁମ୍ବଇ,୨୦।୬ (ଏଜେନ୍ସି)

କେତେକ ବୈଶ୍ୱିକ କାରଣ ଯୋଗୁ ମାନ୍ଦାବସ୍ଥାର କଳା ବାଦଲ ଘୋଟିଯାଇଥିବା ଘରୋଇ ସେୟାର ବଜାରରେ ଆଜି ଉତ୍ସାହ ଫେରିଆସିଛି। ଫଳସ୍ୱରୂପ ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୦୦୦ ପଏଣ୍ଟରୁ ଅଧିକ ବୃଦ୍ଧି ଘଟିଛି। ଇରାନ୍-ଇସ୍ରାଏଲ୍ ଯୁଦ୍ଧ ମଧ୍ୟରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ସହ କେତେକ ଘରୋଇ କାରଣ ଯୋଗୁ ସେନ୍‌ସେକ୍ସରେ ଏଭଳି ହ୍ରାସ ଦେଖିବାକୁ ମିଳିଛି।



ଶୁକ୍ରବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧୦୪୬ (୧୦୪୬.୩୦) ପଏଣ୍ଟ ବା ୧.୨୯ ପ୍ରତିଶତ ବୃଦ୍ଧି ଘଟି ୮୨,୪୦୮.୧୭ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୩୧୯ (୩୧୯.୧୫) ପଏଣ୍ଟ ବା ୧.୨୯ ପ୍ରତିଶତ ବୃଦ୍ଧି ଘଟି ୨୫,୧୧୨.୪୦ ପଏଣ୍ଟରେ କାରବାର ଶେଷ ହୋଇ ୨୫,୧୦୦ ପଏଣ୍ଟ ଉପରକୁ ଉଠି ରେକର୍ଡ କରିଛି। ଇରାନ୍-ଇସ୍ରାଏଲ୍ ଯୁଦ୍ଧରେ ଆମେରିକା ସପ୍ରତ୍ୟେକ୍ଷ ଭାବେ ସାମିଲ ହେବେ କି ନାହିଁ ସେଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଇ ସପ୍ତାହ ସମୟ ନେବା ସମ୍ପର୍କିତ ଖବର ନିବେଶକମାନଙ୍କୁ ଆଶ୍ୱସ୍ତ କରିଥିଲା। ଶୁକ୍ରବାର କାରବାରରେ ବ୍ୟାଙ୍କିଙ୍ଗ୍, ରିଅଲ୍ଟି, ମେଟାଲ ଏବଂ ଆର୍ଥିକ ସେବା ଆଦି କ୍ଷେତ୍ରର ସେୟାର ମୂଲ୍ୟରେ ଅଧିକ ବୃଦ୍ଧି ପରିଲକ୍ଷିତ ହୋଇଥିଲା।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୪୯-ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ସ୍ଥାପନା କରାଗଲା।
- ୧୯୭୫- ୱେଷ୍ଟଇଣ୍ଡିଜ୍ ପ୍ରଥମ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।
- ୧୯୯୧-ପି.ଭି ନରସିଂହ ରାଓ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୨- ୟୁରୋପୀୟ ୟୁନିଅନ୍‌ର ୧୫ଜଣ ରାଷ୍ଟ୍ରାଧ୍ୟକ୍ଷଙ୍କୁ ନେଇ ସ୍ପେନ୍‌ରେ ବୈଠକ ଆରମ୍ଭ ହେଲା।
- ୨୦୦୯ - ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ୍ 'ସୁପର୍ ସିରିଜ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ' ଜିତିଲେ।



# ସଙ୍ଗୀତକୁ ସମର୍ପିତ ଦିନଟିଏ

ମଣିଷ ଜୀବନ ପାଇଁ ସଙ୍ଗୀତ ଈଶ୍ୱରଙ୍କ ପ୍ରଦତ୍ତ ଏକ ସୁନ୍ଦର ଉପହାର। ଏହା ମଣିଷର ସୁଖଦୁଃଖର ଚିରସହଚର। ସଙ୍ଗୀତ ହେଉଛି ଜୀବନ ଆଉ ସାଧନ। ସେଥିପାଇଁ କୁହାଯାଏ, ସାତ ସୂରେ ବନ୍ଧା ଏ ଜୀବନ। ସଙ୍ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହଁ ବରଂ ମଣିଷର ସୃଜନୀ ଶକ୍ତିର ବିକାଶ ସହ ସମାଜରେ ଶାନ୍ତି ଓ ମୈତ୍ରୀ ଚେତନାର ପ୍ରସାର ଦିଗରେ ଅନେକ ଭାବରେ ସହଯୋଗ କରେ। ବିଭିନ୍ନ କାଳ୍ପନିକ କଥା ତଥା ଭାବନାକୁ ଶବ୍ଦରେ ପରିଣତ କରି ପରିବେଷଣ କରାଯାଉଥିବା ସଙ୍ଗୀତ ସବୁ ସମୟରେ ମନକୁ ଆନନ୍ଦ ଦିଏ। ସଙ୍ଗୀତର ଗୁରୁତ୍ୱ ବାବଦରେ ଲୋକଙ୍କୁ ଅବଗତ କରାଇବା ତଥା ସଙ୍ଗୀତଜ୍ଞଙ୍କୁ ଉତ୍ସାହିତ କରିବା ଲାଗି ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ 'ବିଶ୍ୱ ସଙ୍ଗୀତ ଦିବସ' ଭାବେ ପାଳନ କରାଯାଏ। ସେହିପରି ମ୍ୟୁଜିକ୍ ଥେରାପି ମନୁଷ୍ୟର ମାନସିକ ଦୁଃଶ୍ଚିନ୍ତା, ଅବସାଦ ତଥା ସୁସ୍ଥ ଶରୀର ଲାଗି ଖୁବ୍ ଉପଯୋଗୀ। ସଙ୍ଗୀତ ଦିବସର ପ୍ରାରମ୍ଭ ୧୯୮୨ରେ ଫ୍ରାନ୍ସରେ ହୋଇଥିଲା। ଆଉ ଏହାର ଶ୍ରେୟ ସେଠାକାର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଜ୍ୟାକ୍ ଲେଙ୍ଗ୍‌କୁ ଦିଆଯାଏ। ଅନ୍ୟପଟେ ଏହି ଦିବସ 'ଫେଟେ ଡି ଲା ମ୍ୟୁଜିକ୍' ବା 'ମେକ୍ ମ୍ୟୁଜିକ୍ ଡେ' ନାଁରେ ମଧ୍ୟ ପରିଚିତ। ପ୍ରଥମ ସଙ୍ଗୀତ ଦିବସ ପାଳନ ଅବସରରେ ଫ୍ରାନ୍ସ ସମେତ ୩୨ରୁ ଅଧିକ ଦେଶ ସାମିଲ ହୋଇଥିଲେ। ଏବେ ଏହି ଦିବସକୁ ଭାରତ, ଇଟାଲୀ, ଗ୍ରୀସ୍, ରୁଷ, ଅଷ୍ଟ୍ରେଲିଆ, ପେରୁ, ବ୍ରାଜିଲ, ଇକ୍ୱାଡୋର୍, ମେକ୍ସିକୋ, କାନାଡ଼ା, ଆମେରିକା, ବ୍ରିଟେନ, ଜାପାନ, ଚୀନ୍, ମଲେସିଆ ସମେତ ଆହୁରି ଅନେକ ଦେଶ ପାଳନ କରୁଛନ୍ତି। ଏହି ଅବସରରେ ସଙ୍ଗୀତପ୍ରେମୀମାନେ ବିଭିନ୍ନ ସ୍ଥାନରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଏହାବାଦ୍ ଏହି ଅବସରରେ ସଙ୍ଗୀତକାର ତଥା କଣ୍ଠଶିଳ୍ପୀଙ୍କୁ ସମ୍ମାନିତ କରାଯାଏ।

# ଯୋଗ: ଏଚ୍‌ଆଇଭି ଯୋଦ୍ଧାମାନଙ୍କ ପାଇଁ ଦୈନିକ ସୁସ୍ଥ ରହିବାର ସଞ୍ଜୀବନୀ ସ୍ପର୍ଶ

**ସ୍ମୃତି ସାଗରିକା କାନୁନଗୋ**

**ଆଜି ଅନ୍ତର୍ଜାତୀୟ ଯୋଗ ଦିବସ**

ଜୁନ୍ ୨୧ ତାରିଖ ଆନ୍ତର୍ଜାତୀୟ ଯୋଗ ଦିବସ, କେବଳ ୫୦୦୦ ବର୍ଷ ପୁରୁଣା ପରମ୍ପରାର ଏକ ଉତ୍ସବ ନୁହେଁ - ଏହା ଆଜିର ଦ୍ରୁତ ଗତିଶୀଳ ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟର ଗୁରୁତ୍ୱର ଏକ ସମୟୋଚିତ ସ୍ମରଣକାରୀ ମୁହୂର୍ତ୍ତ। ଆଧୁନିକ ଜୀବନର ଚାପ, ଜୀବନଶୈଳୀ ଜନିତ ରୋଗ ଏବଂ ଭାବପ୍ରବଣତା ଅଶାନ୍ତି ବୃଦ୍ଧିର ପ୍ରମୁଖ କାରଣ ହୋଇଥିବାରୁ, ଯୋଗ ଶାରୀରିକ ଜୀବନଶକ୍ତି, ମାନସିକ ଶାନ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି। ଯୋଗ ସାର୍ବଜନୀନ ସୁସ୍ଥତା ପାଇଁ ମଧ୍ୟ ଏକ ଧାରାବାହିକ ଅଭ୍ୟାସ। ଯୋଗର ଜନ୍ମଭୂମି ଭାରତ। ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ବରଂ ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏହା ଶାରୀରିକ ଆସନ (ଆସନ), ଶ୍ୱାସକୌଶଳ (ପ୍ରାଣାୟମ) ଏବଂ ଧ୍ୟାନ(ଧ୍ୟାନ)ର ମିଶ୍ରଣ ମାଧ୍ୟମରେ ଶରୀର, ମନ ଏବଂ ଆତ୍ମାକୁ ସମନ୍ୱିତ କରେ। ନିୟମିତ ଯୋଗାଭ୍ୟାସ ଶ୍ୱାସକ୍ରିୟା ଏବଂ ହୃଦ୍‌ରୋଗ ସ୍ୱାସ୍ଥ୍ୟରେ ଉନ୍ନତି, ଚାପ, ଚିନ୍ତା ଏବଂ ଅବସାଦ ହ୍ରାସ, ସୁନିଦ୍ରା ଏବଂ ସାମଗ୍ରିକ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ। ସୁସ୍ଥ ସମାଜ ଗଠନ ପାଇଁ ଯୋଗ ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ ଏଚ୍‌ଆଇଭି ଏଡ୍‌ସ(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ - ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ। କିଛି ଯୌଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି କରେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ନିୟମିତ ଯୋଗାଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ,ଅବସାଦର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସାହାଯ୍ୟ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏହା ବୟସ, ଲିଙ୍ଗ, ଧର୍ମ, ଆର୍ଥିକ ସ୍ଥିତି ସମସ୍ତଙ୍କ ପାଇଁ ଯୋଗର ବାର୍ତ୍ତା ସାର୍ବଜନୀନ। ଏଚ୍‌ଆଇଭି/ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ, ଏହା ମର୍ଯ୍ୟାଦା, ସଶକ୍ତିକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଚଳିତବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଆମକୁ ମନେ ପକାଇ ଦେଉଛି ଯେ,ସ୍ୱାସ୍ଥ୍ୟ ପାଇଁ ଯୋଗ ଏକ ସାମୂହିକ ଯାତ୍ରା। ଆବାଳବୃଦ୍ଧବନିତା ହୁଅନ୍ତୁ ବା ଦୀର୍ଘକାଳୀନ ରୋଗରେ ପୀଡ଼ିତ ବ୍ୟକ୍ତି ଯୋଗ ଶରୀରକୁ ସୁସ୍ଥତା ପ୍ରଦାନ ପାଇଁ ରହିଛି। ଆସନ୍ତୁ ଆମେ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ଏକ ରୀତି ଭାବରେ ନୁହେଁ, ବରଂ ନିଜ ପାଇଁ ଏବଂ ଆମର ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା।



# ହାଇଦ୍ରାବାଦରେ ବନାରସ ସେଟ୍

ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳି ଏବେ 'ଏସ୍‌ଏସ୍‌ଏମ୍‌ବି୨୯' ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ମହେଶ ବାବୁ, ପୃଥ୍ୱୀରାଜ ସୁକୁମାରନ୍, ପ୍ରିୟଙ୍କା ଚୋପ୍ରା ଜୋନାସ ଲିଡ୍ ରୋଲରେ ନଜର ଆସିବେ। ବନାରସ ସହରକୁ ଏହି ଫିଲ୍ମରେ ଦର୍ଶାଯିବ। ରାଜମୌଳି ବନାରସରେ ଫିଲ୍ମର ସୁଟିଂ ନ କରି ହାଇଦ୍ରାବାଦର ରାମୋଜି ଫିଲ୍ମ ସିଟିରେ ଏହାକୁ ରିକ୍ରିଏଟ୍ କରିଛନ୍ତି। ଏହି ସେଟ୍ ତିଆରି ପାଇଁ ପାଖାପାଖି ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଥିବା କୁହାଯାଉଛି। ତେବେ ଏହି ସେଟ୍‌ରେ ମହେଶବାବୁଙ୍କର କିଛି ଜବରଦସ୍ତ ଆକ୍ସନ୍ ସିନ୍ ସୁଟ୍ ହେବ। ସେହିଭଳି ଆସନ୍ତା ଜୁଲାଇ ମାସରୁ ପ୍ରିୟଙ୍କା ଓ ମହେଶ ବାବୁ କେନିଆରେ ସୁଟିଂ ଆରମ୍ଭ କରିବେ। ଏହି ଫିଲ୍ମ ମାଧ୍ୟମରେ ପ୍ରିୟଙ୍କା ଦୀର୍ଘ ଛଅ ବର୍ଷର ଅନ୍ତରାଳ ପରେ ଭାରତୀୟ ସିନେମାକୁ ଫେରୁଛନ୍ତି। ପ୍ରିୟଙ୍କା ଶେଷ ଥର ପାଇଁ 'ଦ ସ୍କାଏ ଇଜ୍ ପିଙ୍କ୍' ଫିଲ୍ମରେ ଦେଖାଯାଇଥିଲେ।

# ସୁମନ

## ସକାଳ ଶିଶୁ କୁଇଜ୍-୧୬୯

(୧) ଇଣ୍ଡୋନେସିଆର ରାଜଧାନୀର ନାମ କ'ଣ?
ଉତ୍ତର: ____________

(୨) ସୌରମଣ୍ଡଳର ସବୁଠୁ ଉତ୍ତପ୍ତ ଗ୍ରହର ନାମ କ'ଣ?
ଉତ୍ତର: ____________

(୩) ଓଡ଼ିଶାର କେଉଁ ସ୍ଥାନରେ ଦେବୀ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣନ୍ତି?
ଉତ୍ତର: ____________

(୪) ପ୍ରଧାନପାଟ ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର: ____________

(୫) ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀଙ୍କ ନାମ କ'ଣ?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ପର୍ଶୁରାମ ମଲ୍ଲିକ୍, ନିମାପଡ଼ା
- ସୋମ୍ୟା ସୁଚରିତା ସାହୁ, କପ୍ତିପଦା, ମୟୂରଭଞ୍ଜ
- ରଜତ କୁମାର ନାୟକ, ଆଠଗଡ଼, କଟକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
**ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍**
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯



## ରଥଯାତ୍ରା

ରଥ ଯାଆ ଗଡ଼ି ଯା, ଚକ ଗଡ଼ି ଯାରେ
ଆଷାଢ଼େ ଗୁଣ୍ଡିଚା ଯାତ, ବୁଲିଯିବେ ପ୍ରଭୁ ଜଗନ୍ନାଥ
ସଜ ହୋଇଲାଣି ନନ୍ଦିଘୋଷ, ଆସ ପ୍ରଭୁ ବେଗେ ଆସ
ଶରଧା ବାଲିରେ ଗଡ଼ି, ରଥ ଯିବ ଆମ ଗଡ଼ି
ରଥ ଯା, ଗଡ଼ି ଯା...
ଆଗେ ବଳରାମ ଭାଇ, ମଝିରେ ହଳଦୀ ମୁହିଁ
ମାଉସୀ ବସିଛି ଚାହିଁ, ପୋଡ଼ପିଠା ଦେବ ଖୋଇ
ଭକତ ତୋ ଆଗେ ପଛେ, ଜୟ ଜଗନ୍ନାଥ କହି
ରଥ ଯା ଗଡ଼ି ଯା...
ଜନମ ବେଦୀରେ ଚାହିଁ ବସିଛି, ତୋହରି ଗୁଣ୍ଡିଚା ମାଆ
ଖୁଆଇ ଦେବ ସର ଲବଣୀ, ବେଗି ବେଗି ତୁ ଆ
ରଥ ଯା ଗଡ଼ି ଯା..
ନଅ ଦିନ ଯାଏ ମାଆ କୋଳେ ବସି ଖାଇବୁ ବଗଡ଼ା ଅନ୍ନ
ଭକତ ଭିଡ଼ରେ ଖୁସି ହେଉଥିବୁ, ଭକତ ଜୀବ ଜୀବନ
ରଥ ଯା ଗଡ଼ି ଯା ....





**ପୁଷ୍ପଲତା ସାହୁ**
ଝାରସୁଗୁଡ଼ା
ମୋ- ୬୩୭୨୧୪୫୨୪୧




# ବାଘର ମାଉସୀ ବିଲେଇ




**ସୁଧାଂଶୁ ଶେଖର ଦ୍ୱିବେଦୀ**

ବିଲେଇଟିଏ ଥିଲା। ବୁଲାବୁଲି କରିବାରେ ତା'ର ଭାରି ସଉକ। ଦିନ ଆରମ୍ଭ ହେବାମାତ୍ରେ ବୁଲିବାକୁ ବାହାରି ପଡ଼େ। ପୂରା ଦିନ ଖାଲି ବୁଲିବ। ଥରେ ବୁଲୁବୁଲୁ ସେ ଘୋର ଜଙ୍ଗଲ ମଧ୍ୟରେ ପହଞ୍ଚିଗଲା। ରାସ୍ତା ମଝିରେ ବେଧଡ଼କ ଚାଲିଥାଏ। ହଠାତ୍ ତାକୁ ଗୋଟେ ଠେକୁଆ ବାଟ ଓଗାଳି କହିଲା- ଆରେ ତୁ କିଏ ? ତୋତେ ତ ଏ ଜଙ୍ଗଲରେ କେବେ ଦେଖିନାହିଁ। ତୁ ଯିଏ ବି ହେଇଥା ହେଲେ ମଝି ରାସ୍ତାରୁ ହଟିଯା। ଏବେ ଜଙ୍ଗଲର ରାଜା ମହାବଳ ବାଘ ଭ୍ରମଣ କରିବାକୁ ବାହାରିବେ। ସେ ତୋତେ ରାସ୍ତା ମଝିରେ ଚାଲୁଥିବା ଦେଖିଲେ କଞ୍ଚା ଚୋବେଇଦେବେ। ବିଲେଇ କିନ୍ତୁ ଛାଡ଼ିବା ଜନ୍ତୁ ନୁହେଁ। ଅତି ନିର୍ଭୟରେ କହିଲା- ହେ, ମୁଁ ସେ ବାଘ-ଫାଘ କାହାକୁ ଡରେ ନାହିଁ। ଏହା କହିବା ସହିତ ସେ ଆଗକୁ ବଢ଼ିଲା। କିଛି ଦୂର ସେ ଯାଇଛି ଦୁଇ ଶୃଗାଳ ସୈନିକ କୁଦାମାରି ତା' ପାଖରେ ପହଞ୍ଚି କହିଲେ- ତୋର ତ ବହୁତ ସାହସ ! ତୁ କିଏ ରେ ? ରାଜା ଏବେ ଭ୍ରମଣ ନିମନ୍ତେ ବାହାରିଛନ୍ତି। ତୋତେ ମଝି ରାସ୍ତାରେ ଦେଖିଲେ ଶୂନ୍ୟ ହେଇଯିବୁ। ଶୀଘ୍ର ପଳା। ବିଲେଇ ମୁଣ୍ଡ ଟେକି ନିଶକୁ ଫୁଲେଇ କହିଲା-ବାଘ ରାଜା ହୋଇଥିବ ତୁମର। ମୁଁ ତାକୁ ଡରେନି କି ଖାତିର୍ କରେନି। ଠିକ୍ ସେତିକିବେଳେ ବାଘ ହେଣ୍ଟାଳ ରଡ଼ି ଛାଡ଼ି ସେଠି ପହଞ୍ଚିଲା। ଦୁଇ ସୈନିକ ଶୃଗାଳ ଭୟରେ ଥରୁଥାନ୍ତି। ବିଲେଇ କିନ୍ତୁ ପୂର୍ବପରି ନିର୍ଭୀକ ଭାବେ ଛିଡ଼ା ହୋଇ ରହିଲା। ବାଘ ଗର୍ଜନ କରି ପଚାରିଲା- ତୁ କିଏରେ? ଦୁଇ ଶୃଗାଳ ସୈନିକ କହିଲେ- ମହାରାଜ ! ଇଏ କହୁଛି ଆପଣଙ୍କୁ ଡରେ ନାହିଁ କି ଖାତିର୍ କରେନାହିଁ। ବାଘର ମଗଜ ଗରମ ହେଇଗଲା। ଡେମା ଡେମା ଆଖି ବାହାର କରି କହିଲା- ତୁ କ'ଣ ମୋତେ ଭୟ କରୁନାହୁଁ। ଜାଣୁ ମୁଁ ଏ ଜଙ୍ଗଲର ରାଜା। ବିଲେଇ ନିଶକୁ ସାଉଁଳି କହିଲା-ତୁ ରାଜା ହେଲେ ହେଇଥା ! ମୁଁ କୋଉ ଏ ଜଙ୍ଗଲରେ ରହୁଛି ଯେ ତୋତେ ରାଜା ବୋଲି ଖାତିର୍ କରିବି। ତୁ ଭୁଲିଯାଇଛୁ ମୁଁ ତୋ ପରିବାର ସଦସ୍ୟ। ମୋ ପରିବାର ସଦସ୍ୟ ! ବାଘ ଆଶ୍ଚର୍ଯ୍ୟ ହୋଇ ପଚାରିଲା। ବିଲେଇ ମୁହଁ ହଲେଇ କହିଲା-ଆରେ ତୋତେ ଏତିକି ଜଣାନାହିଁ ତୋ ମା' ଆଉ ମୁଁ ଦୁଇ ଭଉଣୀ। ବାଘ ଚକିତ ହୋଇ ବିଲେଇର ମୁହଁକୁ କିଛି କ୍ଷଣ ଦେଖି କହିଲା-ତୁ ମିଛ କହୁଛୁ। ମୋ ଠାରୁ ଜୀବନ ବଞ୍ଚେଇବାକୁ ବାହାନା କରୁଛୁ। କାହିଁ ମୋ ଶକ୍ତିଶାଳୀ ମା' କାହିଁ ତୋ ଭଳି ଗୋଟେ ଛୋଟିଆ ଜୀବ ! ତୁ ଯାହା କହୁଛୁ ଠିକ୍ ହେଲେ ଆମେ ଦୁହେଁ ଦୁଇ ଭଉଣୀ। ତୋ ମା'ର ଶରୀର ଶକ୍ତିଶାଳୀ ହେବାରେ ଗୋଟେ କାହାଣୀ ଅଛି। ବିଲେଇ କଥା ଶୁଣି ବାଘ ଉତ୍କଣ୍ଠାରେ ପଚାରିଲା-କୋଉ କାହାଣୀ? ବିଲେଇ ମନଗଢ଼ା କାହାଣୀ ଶୁଣେଇଲା- ମୁଁ ଓ ତୋ ମା' ଗୋଟେ ମା'ର ପିଲା। ତୋ ମା' ବଡ଼ ମୁଁ ସାନ। ତୋ ମା' ବଡ଼ ହେବାପରେ ଜଙ୍ଗଲକୁ ଚାଲିଗଲା। ଗୁମ୍ଫାରେ ରହିଲା। ଜଙ୍ଗଲର ନିରୀହ ପଶୁଙ୍କୁ ଶିକାର କରି ଖାଇଲା। ଧୀରେ ଧୀରେ ତା' ଶରୀର ବଢିବାକୁ ଲାଗିଲା। ସେତେବେଳେ ମୁଁ କୁନି ଛୁଆଟେ ଥିଲି। ତୋ ମା'କୁ ଖୋଜିବା ଲାଗି ଜଙ୍ଗଲ ଭିତରକୁ ଯିବାବେଳେ ରାସ୍ତା ଭୁଲିଗଲି। ସେଇଠୁ ଗୋଟେ ଗାଁରେ ଯାଇ ପହଞ୍ଚିଲି। ତୋ ମା'କୁ ନ ପାଇ ପୁଣି ରାସ୍ତା ଭୁଲି କାନ୍ଦିବାକୁ ଲାଗିଲି। ସେ ଗାଁର ଜଣେ ଲୋକ ଆସି ମୋ ଲୁହ ପୋଛି ଆଉଁଶି ଦେଲା। ତା' ଘରକୁ ନେଇ ରଖିଲା। ସେ ଯାହା ଖାଏ ମୋତେ ବି ଖାଇବାକୁ ଦିଏ। ଘର ଖାଦ୍ୟ ଖାଇ ମୋ ଶରୀର ବଳିଷ୍ଠ ହେଲା ନାହିଁ। ସେଇଦିନରୁ ମୁଁ ଛୋଟ ହୋଇ ରହିଗଲି। ବାଘ ରାଜା ଓ ଦୁଇ ଶୃଗାଳ ସୈନିକ ବିଲେଇର କାହାଣୀକୁ ସତ ଭାବିଲେ। ବାଘ ଖୁସିରେ ଉଲ୍ଲସିତ ହୋଇ ବିଲେଇକୁ କହିଲା-ମୋ ମା' ତ ଆଉ ଦୁନିଆରେ ନାହିଁ। ତୁ ମୋ ମାଉସୀ। ଏବେଠୁ ତୁ ଏ ଜଙ୍ଗଲରେ ରହିବୁ। ବିଲେଇ ମୁହଁ ଛିଞ୍ଚାଡ଼ି କହିଲା-ନା ବାବା ନା-ମୋ ବିନା ମୋ ମାଲିକ ରହିପାରିବ ନାହିଁ। ସେ ମୋତେ ଚାରିଆଡ଼େ ଖୋଜୁଥିବ। ମୁଁ ଗାଁକୁ ଯାଉଛି। ବାଘ ତା' ପଞ୍ଝାରେ ବିଲେଇ ମୁଣ୍ଡକୁ ଆଉଁସି କହିଲା-ହଉ ତୋ ଇଚ୍ଛା। ଯାହା କରୁଛୁ କର। ହେଲେ ଯେବେବି ତୋର ମନ ହେବ ଜଙ୍ଗଲକୁ ବୁଲାବୁଲି କରିବାକୁ ଆସିବୁ। ବିଲେଇ ଗାଁ ପଟକୁ ଗୋଡ଼ ବଢ଼ାଇଲା। ରାସ୍ତାସାରା ସେ ମନ ଖୁସିରେ ଡିଆଁମାରି କହି ହେଉ ଥାଏ- ମୁଁ ତ ବାଘର ମାଉସୀ...ମୁଁ ତ ବାଘର ମାଉସୀ...।

ବିସି-୭୪,ସଲ୍ଟ ଲେକ୍,କୋଲକାତା
ମୋ- ୯୬୮୧୩୭୩୫୧୨





**ଗୌରବ ଦାସ**
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା







**ସାଇ ଆଦିତ୍ୟ ପ୍ରଧାନ**
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ସତ୍ୟବାଦୀ






**ପ୍ରତୀକ ଅଦାବର**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ବୀରମହାରାଜପୁର, ସୁବର୍ଣ୍ଣପୁର





**ବିଭାବରୀ ଦତ୍ତ**
ତୃତୀୟ ଶ୍ରେଣୀ
କୋହେନ ଇଣ୍ଟର ନ୍ୟାସନାଲ ସ୍କୁଲ
ଭୁବନେଶ୍ୱର



- ବର୍ଷରେ ଥରୁଟେ ଏହି ଯାତରା
ହୁରି ପଡ଼ୁଥାଏ ଦୁନିଆଁ ସାରା
ଦେଶ ବିଦେଶରୁ ଆସନ୍ତି ଧାଇଁ
ପ୍ରଭୁ ଦରଶନ କରିବା ପାଇଁ
ମନ୍ଦିର ଛାଡ଼ି ପ୍ରଭୁ ବାହାର ଆସି
ଭକ୍ତଙ୍କ ମେଳରେ ହୁଅନ୍ତି ଖୁସି
ବୁଲୁଥାନ୍ତି ପ୍ରଭୁ ରଥରେ ଚଢ଼ି
ଆନନ୍ଦରେ ଭକ୍ତ ନିଅନ୍ତି ଭିଡ଼ି
ଆଷାଢ଼ ମାସରେ ଯାତରା ହୁଏ
ନାମଟି ତାହାର କହିବ କିଏ ?
ଉ-ରଥଯାତରା

- କରିବା ପାଇଁକି ପ୍ରଭୁ ଭ୍ରମଣ
ନୂତନ କାଠରେ ହୁଏ ନିର୍ମାଣ
ବର୍ଷରେ ଥରୁଟେ ପ୍ରସ୍ତୁତି ତାର
ଯିବାପାଇଁ ପ୍ରଭୁ ମାଉସୀ ଘର
ପ୍ରଭୁଙ୍କର ଏକ ବାହନ ସିଏ
ନାମଟି ତାହାର କହିବ କିଏ ?
ଉ-ରଥ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ- ୮୩୧୦୩୨୮୩୪୫

### ଦମ୍‌ଦାର ଖେଳରୁ ଭାରତର ଇଂଲଣ୍ଡ ଟୁର୍ ଆରମ୍ଭ

# ପ୍ରଥମ ଦିନରେ ଗିଲ୍, ଜୟସ୍ୱାଲଙ୍କ ଶତକ

ଲିଡ୍ସ,୨୦।୬ (ଏଜେନ୍ସି)

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ର ପ୍ରଥମ ଦିନରେ ଦମ୍ ଦେଖାଇଛନ୍ତି ଭାରତୀୟ ବ୍ୟାଟର। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ (୧୦୧) ଓ ଯୁବ ଅଧିନାୟକ ଶୁବମନ ଗିଲ୍ (୧୭୫ ବଲ୍‌ରେ ୧୨୭*ରନ୍) ଶତକ ହାସଲ କରିଛନ୍ତି। ଏମାନଙ୍କ ଶତକ ବଳରେ ଭାରତ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୩୫୯ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଗିଲ ୧୨୭ ଓ ପନ୍ତ ୬୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଆଉଟ ହୋଇଥିବା ଅନ୍ୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ ୪୨ ଓ ଟେଷ୍ଟ ପଦାର୍ପଣ କରିଥିବା ସାଇ ସୁଦର୍ଶନ ଖାତା ଖୋଲିବାରେ ସମର୍ଥ ହୋଇ ପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ୨ଜଣ ଓ ବ୍ରାଇଡନ କାର୍ସ ଜଣେ ଲେଖାଏଁ ଭାରତୀୟ ଖେଳାଳିଙ୍କୁ ପାଭିଲିୟନ ପଠାଇବାରେ ସଫଳ ହୋଇଥିଲେ। ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ଭାରତର ୩୭ତମ ତଥା ପଞ୍ଜାବ ରାଜ୍ୟର ପ୍ରଥମ ଟେଷ୍ଟ ଅଧିନାୟକ ଭାବେ ପଦାର୍ପଣ କରିଛନ୍ତି।

ଏହି ଟେଷ୍ଟରେ ଭାରତ ଲାଗି ପ୍ରଥମଥର ନେତୃତ୍ୱ ନେଇଥିବା ଶୁବମନ ଗିଲ୍ ପ୍ରଥମ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲେ। ଏଠିକାର ସୁଇଂ ନେଉଥିବା ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା କଷ୍ଟକର ହୋଇଥାଏ। କିନ୍ତୁ ଦୁଇ ଓପନର ଅଭିଜ୍ଞ ରାହୁଲ ଓ ପ୍ରତିଭାବାନ ଜୟସ୍ୱାଲ ଅତ୍ୟନ୍ତ ଧୈର୍ଯ୍ୟ, ସଂଯମ ଓ ଏକାଗ୍ରତାର ସହ ଘରୋଇ ଫାଷ୍ଟ ବୋଲରଙ୍କୁ ମୁକାବିଲା କରିଥିଲେ। ଯାହା ଫଳରେ ଏମାନେ ଆଉଟ ହେବାର ଗୋଟିଏ ହେଲେ ସୁଯୋଗ ଦେଇ ନ ଥିଲେ।






ଏହା ଛଡ଼ା ପ୍ରଥମ ଦିନରେ ୩ଟି ପାର୍ଟନରସିପ୍ ଭାରତକୁ ଫାଇଦାରେ ରଖିଥିଲା। ପ୍ରଥମେ ଜୟସ୍ୱାଲ ପ୍ରଥମ ୱିକେଟରେ ଲୋକେଶ ରାହୁଲଙ୍କ ସହ ୧୫୧ ବଲ୍‌ରୁ ୯୧ ରନ୍, ତୃତୀୟ ୱିକେଟରେ ଜୟସ୍ୱାଲ ଓ ଗିଲ୍ ୧୬୪ ବଲ୍‌ରୁ ୧୨୯ ରନ୍ ଏବଂ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରେ ଗିଲ୍ ଓ ପନ୍ତ୍ ୧୯୮ ବଲ୍‌ରୁ ୧୩୮ ରନ୍ ଉଠାଇ ଖେଳକୁ ନିଜ କବ୍‌ଜାରେ ରଖିଥିଲେ। ଲଞ୍ଚ୍ ପୂର୍ବରୁ ରାହୁଲ ୪୨ ଓ ସୁଦର୍ଶନ ଖାତା ଖୋଲିବା ପୂର୍ବରୁ ଆଉଟ ହେବା ସମୟ କେବଳ ଇଂଲଣ୍ଡ ନିୟନ୍ତ୍ରଣରେ ରହିଥିଲା।

ଟେଷ୍ଟ କ୍ୟାରିୟରର ୫ମ ଶତକ ହାସଲ କରିଥିବା ଜୟସ୍ୱାଲ ୧୫୯ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହ ୧୦୧ ରନ୍ କରିଥିଲେ। ଗିଲ ୧୭୫ ବଲ୍‌ରୁ ୧୬ ଚୌକା ଓ ୧ ଛକା ସହ ୧୨୭ ଓ ପନ୍ତ୍ ୧୦୨ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୬୫ ରନ୍‌ରେ ଅପରାଜିତ ରହିଥିଲେ। ପ୍ରଥମ ଦିନ ଲଞ୍ଚ୍ ବେଳକୁ ଭାରତ ୨ ୱିକେଟରେ ୯୨, ଚା' ପାନ ବିରତି ବେଳକୁ ୨ ୱିକେଟରେ ୨୧୫ ରନ୍ କରିଥିଲା। ଦ୍ୱିତୀୟ ସେସନରେ ଭାରତ ଆଦୌ ୱିକେଟ ହରାଇ ନ ଥିଲା। ତୃତୀୟ ସେସନରେ କେବଳ ଜୟସ୍ୱାଲ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ : ୩୫୯/୩, ୮୫ ଓଭର (ଶୁବମନ ଗିଲ୍-୧୨୭*, ଋଷଭ ପନ୍ତ୍-୬୫*, ଯଶସ୍ୱୀ ଜୟସ୍ୱାଲ-୧୦୧, ଲୋକେଶ ରାହୁଲ-୪୨, ବେନ୍ ଷ୍ଟୋକ୍ସ-୨/୪୩, ବ୍ରାଉଡନ କାର୍ସ- ୧/୭୦)।

## ଲିଡ୍ସରେ ପ୍ରଥମ ଦିନ ରେକର୍ଡ

- ଏଠାରେ ଓପନର ଯଶସ୍ୱୀ ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୫ମ ତଥା ଇଂଲଣ୍ଡ ମାଟିରେ ପ୍ରଥମ ଶତକ ହାସଲ କରିଛନ୍ତି।
- ଜୟସ୍ୱାଲ ୫ଟି ବିଭିନ୍ନ ଦେଶରେ ଖେଳିଥିବା ପ୍ରଥମ ଟେଷ୍ଟରେ ୪ଟି ଦେଶରେ ୫୦ କିମ୍ବା ତା'ଠାରୁ ଅଧିକ ରନ୍ କରିଛନ୍ତି।
- ଏହା ମଧ୍ୟରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୭୧, ଅଷ୍ଟ୍ରେଲିଆ ବିପକ୍ଷରେ ୧୬୧ ଓ ଇଂଲଣ୍ଡ ବିପକ୍ଷରେ ୧୦୧ ରନ୍ କରିଛନ୍ତି।
- ଇଂଲଣ୍ଡରେ ଖେଳିଥିବା ପ୍ରଥମ ଇନିଂସରେ ଶତକ ହାସଲ କରିବାରେ ବିଜୟ ମଞ୍ଜରେକର, ସନ୍ଦୀପ ପାଟିଲ, ସୌରଭ ଗାଙ୍ଗୁଲି, ମୁରଲୀ ବିଜୟଙ୍କ ପରେ ୫ମ ବ୍ୟାଟର।
- ଜୟସ୍ୱାଲ ଓ ରାହୁଲ ଏଠାରେ ପ୍ରଥମ ୱିକେଟରୁ ୯୧ ରନ୍ ଉଠାଇଛନ୍ତି। ୨୦୧୨ ପରେ ଏଠାରେ ଓପନିଂ ୱିକେଟରେ ଏହା ହେଉଛି ଦ୍ୱିତୀୟ ଅର୍ଦ୍ଧଶତକୀୟ ଭାଗୀଦାରି।
- ଏହି ଟେଷ୍ଟରେ ଅଧିନାୟକ ଭାବେ ପଦାର୍ପଣ କରିଥିବା ଶୁବମନ ଗିଲ୍ ଶତକ ହାସଲ କରିଛନ୍ତି।
- ଏହି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ୨୩ତମ ତଥା ଭାରତର ୫ମ ଖେଳାଳି।
- ଗିଲ୍‌ଙ୍କ ପୂର୍ବରୁ ବିଜୟ ହଜାରେ, ସୁନିଲ ଗାଭାସ୍କର, ବିରାଟ କୋହଲି, ଦିଲୀପ ଭେଙ୍ଗସରକାର ଅଧିନାୟକ ଭାବେ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରିଥିଲେ।
- ଟେଷ୍ଟ କ୍ୟାରିୟରରେ ଏହା ଜୟସ୍ୱାଲଙ୍କ ୫ମ ଓ ଗିଲ୍‌ଙ୍କର ୬ଷ୍ଠ ଶତକ।
- ଅର୍ଦ୍ଧଶତକ ସହ ଉପଅଧିନାୟକ ପନ୍ତ୍ ଟେଷ୍ଟ କ୍ରିକେଟରେ ୩,୦୦୦ ରନ୍ ପୂରଣ କରିଛନ୍ତି।
- ବିଦେଶରେ ତୃତୀୟଥର ସକାଶେ ଭାରତର ୨ଜଣ ବ୍ୟାଟର ଗୋଟିଏ ଦିନରେ ଶତକ ହାସଲ କରିଛନ୍ତି।
- ବିଦେଶ ଟୁର୍‌ର ପ୍ରଥମ ଦିନରେ ଭାରତ ସଂଗ୍ରହ କରିଥିବା ୩ ୱିକେଟରେ ୩୫୯ ରନ୍ ତୃତୀୟ ସର୍ବାଧିକ।

## ୮ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଲେ ନାୟାର

ଲିଡ୍ସ,୨୦।୬ (ଏଜେନ୍ସି): ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ଚୂଡାନ୍ତ ଏକାଦଶରେ ଖେଳିବାର ସ୍ଥାନ ପାଇଛନ୍ତି କରୁଣ ନାୟାର।



ଏଠାରେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟ ଖେଳି ଦ୍ୱିଶତକ (୨୦୪) ହାସଲ କରିବା ପରେ କରୁଣଙ୍କୁ ପ୍ରଥମ ଟେଷ୍ଟ ଖେଳିବା ସୁଯୋଗ ମିଳିଛି। ଏହା ଫଳରେ ସେ ଦୀର୍ଘ ୮ ବର୍ଷ ପରେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ସୁଯୋଗ ପାଇଛନ୍ତି। ୨୦୧୬ରେ ସେ ଇଂଲଣ୍ଡ ବିପକ୍ଷରେ ଖେଳି ଭାରତର ଦ୍ୱିତୀୟ ଖେଳାଳିଭାବେ ଟେଷ୍ଟରେ ତ୍ରିଶତକ କରିଥିଲେ। ଏହା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏବେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ୮ ବର୍ଷ ପରେ ଜାତୀୟ ଦଳକୁ ଫେରିଛନ୍ତି।

## ଡେବ୍ୟୁରେ ସୁଦର୍ଶନ 'ଶୂନ'

ଲିଡ୍ସ,୨୦।୬ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସର୍ବାଧିକ ରନ୍ କରି ସମସ୍ତଙ୍କ ନଜରକୁ ଆସିଥିବା ଗୁଜରାଟ ଟାଇଟାନ୍ସ ତଥା ତାମିଲନାଡୁ ବ୍ୟାଟର ସାଇ ସୁଦର୍ଶନ ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳି ଟେଷ୍ଟ ଡେବ୍ୟୁ କରିଛନ୍ତି। ଭାରତର ପ୍ରସିଦ୍ଧ ବ୍ୟାଟର ଚେତେଶ୍ୱର ପୂଜାରା ତାଙ୍କୁ ଟସ୍ ପୂର୍ବରୁ ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ। ଜଣେ ପ୍ରତିଭାବାନ ଖେଳାଳି ଭାବେ ୩ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଏହା ଫଳରେ ସେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଡେବ୍ୟୁରେ ସେ ୪ଟି ବଲ୍‌ର ସାମ୍ନା କରିଥିଲେ ମଧ ଖାତା ଖୋଲିବାରେ ସମର୍ଥ ହୋଇପାରି ନ ଥିଲେ। ସୁଦର୍ଶନ ଡେବ୍ୟୁ କରିବା ଅର୍ଥ ଗତ ୮ ବର୍ଷ ଧରି ଟେଷ୍ଟ ଖେଳିବାକୁ ଅପେକ୍ଷା କରିଥିବା ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନ ନିରାଶ ହୋଇଛନ୍ତି। ଅଭିମନ୍ୟୁ ୧୦୦ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବା ସହ ଗତ ୨ ବର୍ଷ ଧରି ଭାରତ-ଏ'ର ନେତୃତ୍ୱ ନେଇଆସୁଛନ୍ତି। ସୁଦର୍ଶନ ଏହିପରି ପ୍ରଦର୍ଶନ କଲେ ତୃତୀୟ କିମ୍ବା ଚତୁର୍ଥ ଟେଷ୍ଟରେ ଅଭିମନ୍ୟୁ ଡେବ୍ୟୁ କରିବାର ସମ୍ଭାବନା ସୃଷ୍ଟି ହୋଇପାରେ।

### ● ଘରୋଇ କ୍ରିକେଟରେ ବୟସ ଜାଲିଆତି

## ଦ୍ୱିତୀୟ ବୋନ୍ ଟେଷ୍ଟ ଲାଗି ବିସିସିଆଇର ଅନୁମତି

ନୂଆଦିଲ୍ଲୀ,୨୦।୬ (ଏଜେନ୍ସି): ଭାରତର ଘରୋଇ କ୍ରିକେଟରେ ବୟସ ଜାଲିଆତି ବନ୍ଦ କରିବା ଲାଗି ଅନେକ ପ୍ରକାର ପଦକ୍ଷେପ ନିଆଯାଉଛି। ଏହା ଫଳରେ ଅଧିକ ବୟସର ଖେଳାଳିମାନେ ଯେପରି କମ ବୟସ ଗ୍ରୁପ୍‌ରେ ଖେଳି ନ ପାରିବେ, ସେଥିଲାଗି ଦେଶର ସର୍ବୋଚ୍ଚ କ୍ରିକେଟ ସଂସ୍ଥା ବିସିସିଆଇ ନିକଟରେ ଖେଳାଳିମାନଙ୍କର ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦେଇଛି। ଏହା ଫଳରେ ବୟସ ଜାଲିଆତି କରୁଥିବା ଯୁବ ଖେଳାଳିମାନେ ଧରାପଡ଼ିବେ। ଏବେ ବିସିସିଆଇ ପକ୍ଷରୁ କରାଯାଉଥିବା ବୋନ୍ ଟେଷ୍ଟରେ ଯେତିକି ବୟସ ଜଣାଯିବ, ସେଥିରେ ବିସିସିଆଇ ଗୋଟିଏ ବର୍ଷ ଅଧିକ ଯୋଡି ଏହାକୁ ଚୂଡାନ୍ତ କରୁଥିଲା। ଫଳରେ ଅନେକ ଖେଳାଳି କ୍ଷତିଗ୍ରସ୍ତ ହେଉଥିଲେ। ଏବେ ଦ୍ୱିତୀୟ ବୋନ୍ ଟେଷ୍ଟ କରିବାକୁ ଅନୁମତି ଦିଆଯିବା ପରେ ଏଭଳି ସ୍ଥିତି ଆଉ ଉପୁଜିବ ନାହିଁ ବୋଲି କୁହାଯାଉଛି।

### ନଇମ୍, ହାସନଙ୍କ ଚମତ୍କାର ବୋଲିଂ

# ଶ୍ରୀଲଙ୍କା ବିପକ୍ଷରେ ବାଂଲା ପ୍ରଥମ ଇନିଂସ ଅଗ୍ରଣୀ

ଗଲ୍, ୨୦।୬ (ଏଜେନ୍ସି): ଅଫ୍ ସ୍ପିନର ନଇମ୍ ହସନ ଓ ଫାଷ୍ଟ ବୋଲର ହାସନ ମାମୁଦଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ପ୍ରଥମ ଇନିଂସରେ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ୍ ନିଶାଙ୍କାଙ୍କ ୧୮୭ ଓ କାମିନ୍ଦୁ ମେଣ୍ଡିସ୍‌ଙ୍କ ୮୭ ରନ୍ ସତ୍ତ୍ୱେ ଘରୋଇ ଦଳ ୪୮୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ନଇମ୍ ହସନ ୫ଟି ଓ ହାସନ ମାମୁଦ ୩ଟି ୱିକେଟ ନେଇ ବାଂଲାଦେଶକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ୧୦ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିବା ପରେ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୩ ୱିକେଟରେ ୧୭୭ ରନ୍ କରିଛି। ଏହା ଫଳରେ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଭ୍ରମଣକାରୀ ବାଂଲାଦେଶ ହାତରେ ୭ ୱିକେଟ ବାକି ରଖି ମୋଟ ୧୮୭ ରନ୍‌ରେ ଆଗୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ୫୬ ଓ ମୁସ୍‌ଫିକର ରହିମ ୨୨ ରନ୍‌ରେ ବ୍ୟାଟିଂ କରୁଥିଲେ। କିନ୍ତୁ ଓପନର ସଦ୍‌ମାନ ଇସ୍‌ଲାମ ୭୬ ରନ୍ କରି



ବାଂଲାକୁ ବିପଦରୁ ଉଦ୍ଧାର କରିଥିଲେ। ପୂର୍ବରୁ ଦଳ ୬୦ ରନ୍‌ରେ ୨ଟି ଓ ୧୨୮ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ସାଣ୍ଟୋ ଓ ମୁସ୍‌ଫିକର ଅବିଭକ୍ତ ଚତୁର୍ଥ ୱିକେଟରେ ପୁଣିଥରେ ଦମ୍‌ଦାର ବ୍ୟାଟିଂ କରି ୪୯ ରନ୍ ଉଠାଇଥିଲେ।

## ଏକା ଲଢ଼ିଲେ କାମିନ୍ଦୁ

ଗତକାଲି ଶ୍ରୀଲଙ୍କା ଦଳର ଅସମାପ୍ତ ପ୍ରଥମ ଇନିଂସ ୪ ୱିକେଟରେ ୩୬୮ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦଳ ନିକଟରେ ଦୁଇ ଶ୍ରେଷ୍ଠ ବ୍ୟାଟର କାମିନ୍ଦୁ ମେଣ୍ଡିସ୍ ଓ ଧନଞ୍ଜୟ ଡି ସିଲଭା କ୍ରିଜ୍‌ରେ ଉପସ୍ଥିତ ଥିଲେ। ଏହା ସତ୍ତ୍ୱେ ଦଳ ବାକିଥିବା ୬ ୱିକେଟ ବିନିମୟରେ ଆଉ ୧୧୭ ରନ୍ କରିପାରି ଥିଲା। ଏମାନଙ୍କ ମଧ୍ୟରେ କେବଳ କାମିନ୍ଦୁ ମେଣ୍ଡିସ୍ ୮୭ ରନ୍




କରି ବାଂଲା ବୋଲରଙ୍କୁ ଉଚିତ ମୁକାବିଲା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲନ ପ୍ରିୟନାଥ ରତନାୟକେ ୩୯ ଓ ଧନଞ୍ଜୟ ୧୯ ରନ୍ କରିବାକୁ ସମର୍ଥ ହୋଇଥିଲେ। ବାଂଲା ପକ୍ଷରୁ ଅଫ୍ ସ୍ପିନର ନଇମ୍ ହାସନ ସର୍ବାଧିକ ୫ଟି ୱିକେଟ ନେଇ ବାଂଲାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଫାଷ୍ଟ ବୋଲର ହାସନ ମାମୁଦ ୩ଜଣ ଖେଳାଳିଙ୍କୁ ଆଉଟ କରି ଉପଯୁକ୍ତ ସହାୟତା ଦେଇଥିଲେ। ପୂର୍ବରୁ ଘରୋଇ ମାଟିରେ ପ୍ରଥମ ଶତକ ହାସଲ କରିଥିବା ଶ୍ରୀଲଙ୍କା ଓପନର ପାଥୁମ ନିଶାଙ୍କା ୧୮୭ ରନ୍‌ର ମାରାଥନ ପାଳି ଖେଳିଥିଲେ।

### ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

# ସେମିରେ କଟକ-ଭୁବନେଶ୍ୱର ମୁକାବିଲା

କଟକ,୨୦।୬(ସମିସ)

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦୁଇଟି ଯାକ ସେମି ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ବାରବାଟୀ ଷ୍ଟାଡିୟମରେ ପ୍ରଥମ ସେମି ମୁକାବିଲାରେ ଭୁବନେଶ୍ୱର-ଏ ଓ ସୁନ୍ଦରଗଡ ଏବଂ ରେଭେନ୍ସା ଗ୍ରାଉଣ୍ଡ-୨ରେ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର-ବି ଏବଂ କଟକ-ଏ ସାମ୍ନାସାମ୍ନି ହେବେ। ଭୁବନେଶ୍ୱରର ଉଭୟ ଦଳ ସେମି ଫାଇନାଲରେ ପ୍ରବେଶ କରିଥିବା ବେଳେ ବରିଷ୍ଠ ବର୍ଗରେ ପ୍ରଥମ ଥର ଟାଇଟଲ ଜିତିଥିବା ସୁନ୍ଦରଗଡର କନିଷ୍ଠ ଦଳ ମଧ୍ୟ ଫାଇନାଲ ଦୌଡ଼ରେ ରହିଛି।

ଆଜି ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର-ଏ ୧୦ ୱିକେଟରେ ଝାରସୁଗୁଡାକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡା ୫୮ ରନରେ ଅଲଆଉଟ ହୋଇଥିଲା। ଭୁବନେଶ୍ୱର-ଏର ପ୍ରଜ୍ଞା କୁମାର ପତ୍ରୀ ଏବଂ ଚନ୍ଦ୍ରାଂଶୁ ବାଘେଲ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଦୁଇ ଓପନର ଆୟୁଷ ଚାନ୍ଦ(୩୨ରନ) ଏବଂ ଶ୍ରେୟାଂଶୁ ପଟ୍ଟନାୟକ(୨୩ରନ) ୧୪.୫ ଓଭରରେ ଦଳକୁ ଜିତାଇଥିଲେ। ଚନ୍ଦ୍ରାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବିଡାନାସୀ ଗ୍ରାଉଣ୍ଡରେ


ଚନ୍ଦ୍ରାଂଶୁ ବାଘେଲ


ପ୍ରିୟାଂଶୁ ମହାନ୍ତି


ଶୁଭାଶିଷ ମଲ୍ଲିକ


କିଶାନ ଆହିର

ଭୁବନେଶ୍ୱର-ବି ୪ ୱିକେଟରେ କଟକ-ବିକୁ ହରାଇ ଦ୍ୱିତୀୟ ଦଳ ଭାବେ ସେମି ରାଉଣ୍ଡରେ ପ୍ରବେଶ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଟକ-ବି ୯ ୱିକେଟ ହରାଇ ୨୬୯ରନ ସଂଗ୍ରହ କରିଥିଲା। ବାଦଲ ମଲ୍ଲିକ ସର୍ବାଧିକ ୭୨ରନ କରିଥିଲେ। ଭୁବନେଶ୍ୱର-ବି ତରଫରୁ ଶୁଭ୍ରକାନ୍ତ ପରିଡ଼ା ୪ଟି ୱିକେଟ ଦଖଲ କରିଥିଲେ। ଶୁଭାଶିଷ ମଲ୍ଲିକଙ୍କ ୧୨୭ରନ ସହାୟତାରେ ଭୁବନେଶ୍ୱର-ବି ବିଜୟ ହାସଲ କରିଥିଲା। ଶତକୀୟ ପାଳି ଖେଳିଥିବା ଶୁଭାଶିଷ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୩ୟ କ୍ୱାର୍ଟର ଫାଇନାଲରେ କଟକ-ଏ ୭ ୱିକେଟରେ ଖୋର୍ଦ୍ଧାକୁ ହରାଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ୪୫ରନ ସତ୍ତ୍ୱେ ଖୋର୍ଦ୍ଧାର ଇନିଂସ ୬୮ରନରେ ସୀମିତ ରହିଥିଲା। କଟକ-ଏର ପ୍ରିୟାଂଶୁ ମହାନ୍ତିଙ୍କୁ ୩ଟି ୱିକେଟ ମିଳିଥିଲା। ୧୬.୩ ଓଭରରେ କଟକ-ଏ ବିଜୟୀ ହୋଇଥିବା ବେଳେ ଅବଦୁଲ ଲତିଫ ଅପରାଜିତ ୩୬ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ପ୍ରିୟାଂଶୁଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖୋର୍ଦ୍ଧାର ବିଜେବି ମିନି ଷ୍ଟାଡିୟମରେ ସୁନ୍ଦରଗଡ ଏବଂ କେନ୍ଦ୍ରାପଡା ଭିତରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। କିଶାନ ଆହିରଙ୍କ ଅପରାଜିତ ୬୩ରନ ବଳରେ ସୁନ୍ଦରଗଡ ୮ ୱିକେଟ ବିନିମୟରେ ୧୭୮ରନ କରିଥିଲା। କେନ୍ଦ୍ରାପଡାର କୁବେର ସାହୁ ଏବଂ ଇଶାନ ପାତ୍ର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧୭୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କେନ୍ଦ୍ରାପଡା ୮୬ରନରେ ଅଲଆଉଟ ହୋଇଥିଲା। କିଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ବିଶ୍ୱ ପାରା ଆଥ୍‌ଲେଟିକ୍ ଚାମ୍ପିଅନସିପ୍

## ମାସ୍କଟ, ଲୋଗୋ ଉନ୍ମୋଚିତ



ଭୁବନେଶ୍ୱର,୨୦।୬ (ସମିସ): ଆଜିଠାରୁ ଠିକ୍ ୧୦୦ ଦିନ ପରେ ନୂଆଦିଲ୍ଲୀରେ ଆରମ୍ଭ ହେବ ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିଅନସିପ୍। ଏଥିଲାଗି ଆୟୋଜକ ପାରାଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀରେ ଆଜି ଲୋଗୋ ଓ ମାସ୍କଟ ଉନ୍ମୋଚନ ହୋଇଯାଇଛି। ଏହି ମାସ୍କଟର ନାମ ରଖାଯାଇଛି ବିରାଟ। ଏକ ଛୋଟିଆ ହାତୀ ଛୁଅରୁ ମାସ୍କଟ ଭାବେ ଗ୍ରହଣ କରାଯାଇଛି। ଏହା ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କ ବଳ ଓ ଦକ୍ଷତାକୁ ଦର୍ଶାଇଛି। ସେହିପରି ଭାରତର




ସଂସ୍କୃତି ଓ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଛି ଲୋଗୋ। ଲୋଗୋ ଓ ମାସ୍କଟ ଉନ୍ମୋଚନ ଉତ୍ସବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ବିଶ୍ୱ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଓ ସାଂସଦ କଙ୍ଗନା ରାଣାୱତ, ବିଶ୍ୱ ପାରାଆଥଲେଟିକ୍‌ସର ସଭାପତି ପଲ୍ ଫିଜଗେରାଲ୍ଡ ଓ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝଝରିଆ ପ୍ରମୁଖ ଉପସ୍ଥିତ ଥିଲେ।

### ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ସୁବ୍ରତଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କଲେ ରାକେଶ

ଭୁବନେଶ୍ୱର,୨୦।୬ (ସମିସ): ରାଜ୍ୟର ଏକ ନମ୍ବର ତଥା ବରିଷ୍ଠ ଖେଳାଳି ସୁବ୍ରତ ଦାସଙ୍କୁ ହରାଇ ଯୁବ ଖେଳାଳି ରାକେଶ ମହାନ୍ତି ଏଠାରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ରାକେଶ ଏତିକିରେ ସନ୍ତୁଷ୍ଟ ନ ହୋଇ ଦ୍ୱିତୀୟ ରାଉଣ୍ଡରେ ଅନ୍ୟତମ ପୁରୁଖା ଖେଳାଳି ଜିତେନ ଷଡଙ୍ଗୀଙ୍କୁ ପରାସ୍ତ କରିଛନ୍ତି। ରାକେଶ ଗୋଟିଏ ଦିନରେ ଦୁଇ ଜଣ ବଡ଼ ଖେଳାଳିଙ୍କୁ ହରାଇ ତାଙ୍କ ପ୍ରତିଭାର



ପରିଚୟ ଦେଇଛନ୍ତି। କିନ୍ତୁ ରାଜ୍ୟର ବିଶିଷ୍ଟ ଖେଳାଳି ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ନିଶାନ୍ତ ବିଶ୍ୱାଳ, ଅଲତାଫ୍ ଅଲି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଶେଷରେ ଜ୍ଞାନରଞ୍ଜନ ଦାସ ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ କ୍ୱାର୍ଟର ଫାଇନାଲ ସ୍ଥାନ ଲାଗି ମୁକାବିଲା ଚାଲିଛି। ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିଣ୍ଟେଜ କ୍ଲବ୍ ପରିସରରେ ଆସନ୍ତା ୨୨ ତାରିଖଯାଏ ଚାଲିବ। ଏଥିରେ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦ ଟଙ୍କା ଓ ରନର୍ସ ଅପ୍ ଖେଳାଳିଙ୍କୁ ଟ୍ରଫି ସହ ୧୧,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS